

ପବିତ୍ର ଘୋଷଯାତ୍ରା ଅବସରରେ
ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ
ଓଡ଼ିଶାବାସୀଙ୍କ ସୁଖ, ସମୃଦ୍ଧି ଓ ନିରାମୟ
ଜୀବନ କାମନା କରୁଛୁ ।
-'ସକାଳ' ପରିବାର

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA


PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-3 •BHUBANESWAR •FRIDAY •27 JUNE 2025 •PAGE-14 •₹ 6.00 | PANIKOILI | •ବର୍ଷ-୪୩ •ସଂଖ୍ୟା-୩ •ଭୁବନେଶ୍ୱର •ଶୁକ୍ରବାର •୨୭ ଜୁନ୍ ୨୦୨୫ •ପୃଷ୍ଠା-୧୪ •ଟ.୬.୦୦



ACC

adani
Cement



ଅତୁଟ ଶ୍ରଦ୍ଧା, ବିଶ୍ୱାସ
ଏବଂ ସମର୍ପଣ ସହିତ,
ରଥଯାତ୍ରାର ହେଉ
ମଙ୍ଗଳମୟ ଆରମ୍ଭ

ACC ସିମେଣ୍ଟ୍ ତରଫରୁ ପୁରୀ ରଥଯାତ୍ରା ସମୟରେ ଲକ୍ଷ ଲକ୍ଷ ଭକ୍ତମାନଙ୍କର ସୁବିଧା ପାଇଁ ଅନେକ ବିଶେଷ ସେବା ଏବଂ ସୁବିଧା ପ୍ରଦାନ କରାଯାଉଅଛି । ଏହି ପବିତ୍ର ଯାତ୍ରା ପ୍ରତ୍ୟେକ ଭକ୍ତଙ୍କ ପାଇଁ ସୁଖଦାୟକ ଏବଂ ସଫଳ ହେଉ ଏହା ଆମର ଉଦ୍ଦେଶ୍ୟ ।

## ACC ସେବାଗୁଡିକ

- ମୁଖ୍ୟ ସ୍ଥାନଗୁଡିକରେ ପରିଷ୍କାର ଜଳ ର ଷ୍ଟଲ୍
- ପାଣିପାଗକୁ ଆଖି ଆଗରେ ରଖି ବଡ ବଡ ଛତାର ସୁବିଧା
- ଭକ୍ତମାନେ ରହିବା ପାଇଁ ବିଶ୍ରାମ ସ୍ଥଳର ବ୍ୟବସ୍ଥା

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-3 ◆BHUBANESWAR ◆FRIDAY ◆27 JUNE 2025 ◆PAGE-14 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୩ ◆ଭୁବନେଶ୍ୱର ◆ଶୁକ୍ରବାର ◆୨୭ ଜୁନ୍ ୨୦୨୫ ◆ପୃଷ୍ଠା-୧୪ ◆ଟ.୬.୦୦


# ଦୁଇ ମହିଳା ମାଓବାଦୀ ନିହତ

ମାଲକାନଗିରି,୨୬।୬(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ରେ ସୁରକ୍ଷା କର୍ମୀଙ୍କ ଏନ୍‌କାଉଣ୍ଟରରେ ଦୁଇ ମହିଳା ମାଓବାଦୀ ନିହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଛତିଶଗଡ଼ର ନାରାୟଣପୁର ଜିଲ୍ଲାରେ ମାଓ ଦମନ ନିମନ୍ତେ ସୁରକ୍ଷା ବାହିନୀଙ୍କ ପକ୍ଷରୁ ତଲାସି ଅଭିଯାନ କରାଯାଉଛି। ଅବୁଝମାଡ଼ ଜଙ୍ଗଲ ମଧ୍ୟରେ ବହୁସଂଖ୍ୟକ ମାଓବାଦୀ ଲୁଚି ରହିଥିବା ଖବର ପାଇ ଯବାନମାନେ ଆଜି ସକାଳୁ ତଲାସି ଅଭିଯାନ ଆରମ୍ଭ କରିଥିଲେ। ଏହି ସମୟରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ଏଥିରେ ନାରାୟଣପୁର ଓ କୋଣ୍ଡାଗାଉଁ ଡିଆରଜି ଓ ଏସ୍‌ଟିଏଫ ଯବାନ ସାମିଲ ଥିଲେ। ଯବାନଙ୍କ ସାମ୍ନା କରି ନପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ଯବାନ ଦୁଇଜଣ ମହିଳା ମାଓବାଦୀଙ୍କ ମରଶରୀର ସହ ଦୁଇଟି ବନ୍ଧୁକ, କିଛି ମାଓ ସାମଗ୍ରୀ ଜବତ କରିଥିଲେ। ଅଞ୍ଚଳରେ ବର୍ତ୍ତମାନ ମଧ୍ୟ ତଲାସି ଅଭିଯାନ ଜାରି ରହିଥିବା ଜଣାପଡିଛି।

## ଗୁଣିଆ ସନ୍ଦେହରେ ଘର ଭାଙ୍ଗିଦେଲେ ଗ୍ରାମବାସୀ



**ଭଦ୍ରକ,୨୬।୬(ସମିସ):** ଗୁଣିଆ ସନ୍ଦେହରେ ଜଣେ ବ୍ୟକ୍ତିଙ୍କ ଘର ଭାଙ୍ଗିଦେଲେ ଗ୍ରାମବାସୀ। ଏଭଳି ଘଟଣା ଘଟିଛି ଭଦ୍ରକ ଗ୍ରାମାଞ୍ଚଳ ଥାନା ରାଜପୁର ତିହିଡ଼ି ଗାଁରେ। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅପରପକ୍ଷେ, ଏହି ଘଟଣାକୁ କେନ୍ଦ୍ର କରି ଗାଁରେ ଉତ୍ତେଜନା ଲାଗି ରହିଛି।ସୂଚନାନୁଯାୟୀ, ଦୀର୍ଘ ଦିନ ହେବ ସେହି ଗ୍ରାମର ପ୍ରତାପ ଜେନା ଓରଫ ନେଙ୍ଗୁଡୁ ବିଭିନ୍ନ ଦେବାଦେବୀଙ୍କୁ ପୂଜା କରିବା ସହ ତନ୍ତ୍ର ସାଧନ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପରିକି ଦୈନନ୍ଦିନ ବିଭିନ୍ନ ସ୍ଥାନରୁ ପ୍ରତାପ ଜେନାଙ୍କ ନିକଟକୁ ବହୁ ଲୋକ ବିଶ୍ୱାସରେ ଆସୁଥିବା ଓ ରୋଗ ବୈରାଗ୍ୟରୁ ଭଲ ହେଉଥିବା ବିଶ୍ୱାସ କରାଯାଉଥିଲା। ମାତ୍ର ଗ୍ରାମରେ ଅନେକ ଲୋକ ଭିନ୍ନଭିନ୍ନ ରୋଗରେ ପୀଡ଼ିତ ହୋଇ ମୃତ୍ୟୁବରଣ କରୁଥିବା ବେଳେ ସେମାନଙ୍କ ମୃତ୍ୟୁ ପଛରେ ଗୁଣିଆ ପ୍ରତାପଙ୍କ ହାତଥିବା ଗ୍ରାମବାସୀ ସନ୍ଦେହ କରିଥିଲେ। ଏପରିକି, ଗାଁର ଝିଅବୋହୂଙ୍କୁ ଗୁଣିକରି ନଚାଉଥିଲା ନେଙ୍ଗୁଡୁ। ଧରାପଡ଼ିବାରୁ ମାରିଦେବାକୁ ଧମକ ଦେଉଥିଲା। ଗ୍ରାମର ମହିଳାମାନେ ଅସୁସ୍ଥ ହେବା ପଛରେ ଗୁଣିଆ ପ୍ରତାପର ହାତ ଅଛି ବୋଲି ଅନ୍ୟ ଜଣେ ଗୁଣିଆକୁ ଡାକି ତା'ଠାରୁ ଗ୍ରାମବାସୀ ବୁଝିଥିଲେ। ଏହାକୁ ନେଇ ଗତକାଲି ଥାନାରେ ଅଭିଯୋଗ କରିଥିଲେ। ପରେ ପୁଲିସ ଗତକାଲି ପ୍ରତାପ ଜେନାକୁ ହେଫାଜତକୁ ନେଇଥିଲା। କିନ୍ତୁ ଆଜି ସକାଳୁ ଗ୍ରାମବାସୀ ପ୍ରତାପଙ୍କ ଦୁଇଟି ଘରକୁ ଭାଙ୍ଗିରୁଜି ଚୂରମାର୍ କରିଛନ୍ତି। ଘଟଣାସ୍ଥଳରେ ଗ୍ରାମାଞ୍ଚଳ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା କହିଛନ୍ତି।

## ଶ୍ୱଶୁର ଘରେ ଜ୍ୱାଇଁଙ୍କୁ ପିଟିପିଟି ହତ୍ୟା

ସୋର, ୨୬।୬ (ସମିସ): ଶ୍ୱଶୁର ଘରେ ଜ୍ୱାଇଁଙ୍କୁ ପିଟିପିଟି ହତ୍ୟା। ବାଲେଶ୍ୱର ଜିଲ୍ଲା ସୋର ବ୍ଲକ୍ ଗୋପୀନାଥପୁର ପଞ୍ଚାୟତ ରଘୁନାଥପୁର ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ଏଭଳି ଏକ ଆପରାଧିକ ଘଟଣା ଘଟିଛି। ମୃତକ ହେଲେ, ଭଦ୍ରକ ଜିଲ୍ଲା ସାବରଙ୍ଗ ଥାନା ଚକପୁର ଗ୍ରାମର ଭାଗବତ ମଲିକ। ଖବର ପାଇ ସୋର ପୁଲିସ୍ ତଦନ୍ତ ଆରମ୍ଭ କରିଛି। ତେବେ ଖବର ଲେଖାଯିବା ପର୍ଯ୍ୟନ୍ତ ଭାଗବତଙ୍କ ପରିବାରଲୋକେ ଡାକ୍ତରଖାନାରେ ପହଞ୍ଚିନଥିବା ବେଳେ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ୩ ଦିନ ତଳେ ରଘୁନାଥପୁର ଗ୍ରାମର ଶ୍ୟାମସୁନ୍ଦର ମଲିକଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ଜ୍ୱାଇଁ ଭାଗବତ ଶ୍ୱଶୁର ଘରକୁ ଆସିଥିଲେ। ଗତ ରାତିରେ କୌଣସି କାରଣରୁ ଶ୍ୟାମସୁନ୍ଦରଙ୍କ ପୁତୁରା ରାଜା ସହ ଭାଗବତଙ୍କ ଝଗଡ଼ା ହୋଇଥିଲା। ପରେ ରାଜା ଓ ତାଙ୍କର ତିନିଜଣ ସହଯୋଗୀ ଭାଗବତଙ୍କୁ ମାଡ଼ ମାରିବା ସହ ମରଣାନ୍ତକ ଆକ୍ରମଣ କରିଥିଲେ। ତେବେ କୌଶଳକ୍ରମେ ଭାଗବତ ସେଠାରୁ ଖସି ପଳାଇ ଆସି ରାତି ସାରା ନଟାପଡ଼ା ନିକଟ ଏକ ମନ୍ଦିର ବାରଣ୍ଡାରେ ଗୁରୁତର ଅବସ୍ଥାରେ ପଡ଼ି ରହିଥିଲେ। ଆଜି ସକାଳେ ସ୍ଥାନୀୟ ଲୋକେ ତାଙ୍କୁ କ୍ଷତବିକ୍ଷତ ଅବସ୍ଥାରେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ସୋର ଡାକ୍ତରଖାନାକୁ ନେବା ସହ ପୁଲିସକୁ ଖବର ଦେଇଥିଲେ। ସୋର ପୁଲିସ ଡାକ୍ତରଖାନାରେ ପହଞ୍ଚିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

## ବାକି ଟଙ୍କା ମାଗିବାରୁ ହତ୍ୟା

ଖଇରା, ୨୬।୬(ସମିସ): ବାକି ଟଙ୍କାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ବାଲେଶ୍ୱର ଜିଲ୍ଲା, ଖଇରା ବଜାରଠାରୁ ଅନତି ଦୂରରେ ଏହି ଆପରାଧିକ ଘଟଣା ଘଟିଛି। ମୃତକ ହେଲେ, ଜୟକୃଷ୍ଣ ସାହୁ (୫୧)। ତାଙ୍କ ଘର ଖଇରା ବଜାର ସଂଲଗ୍ନ ପୁରୁଷୋତ୍ତମପୁର ଗ୍ରାମରେ। ଏହି ଘଟଣାରେ ଖଇରା ପୁଲିସ ବଣପାରିଆ ଗ୍ରାମର ବସନ୍ତ ବେହେରା ଓ ଅନ୍ୟ ଜଣେ ସହଯୋଗୀଙ୍କ ନାମରେ ଏକ ମାମଲା ରୁଜୁ କରି ଦୁହିଁଙ୍କୁ ଅଟକ ରଖିଛି। ପୁରୁଣା ବାକି ୪୦ ହଜାର ଟଙ୍କା ମାଗିବାକୁ ନେଇ ଜୟକୃଷ୍ଣଙ୍କୁ ହତ୍ୟା କରାଯାଇଥିବା ପତ୍ନୀ ସଞ୍ଜୁରାଣୀ ଖଇରା ଥାନାରେ ଅଭିଯୋଗ କରିଛନ୍ତି। ବସନ୍ତଙ୍କ ଖଇରା ହାଇସ୍କୁଲ ନିକଟରେ ଏକ ପାନଦୋକାନ ଥିବା ବେଳେ ଏହି ଦୋକାନଠାରୁ କିଛି ଦୂରତାରେ ବସନ୍ତ, ଜୟକୃଷ୍ଣ ଓ ଅନ୍ୟ କିଛି ସହଯୋଗୀ ଭୋଜିର ଆୟୋଜନ କରିଥିଲେ। ଭୋଜି ପରେ ଗଣ୍ଡଗୋଳ ମାରପିଟ୍ ଯୋଗୁଁ ଜୟକୃଷ୍ଣ ଗୁରୁତର ହୋଇପଡ଼ିଥିଲେ। ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ।

### ଜେଏସ୍‌ଡବ୍ଲୁ ନିବେଶ କରିବ ୨,୧୦୦ କୋଟି ଟଙ୍କା

# ଜଟାଧାର ମୁହାଣରେ ନିର୍ମାଣ ହେବ ଜେଟି

**ଭୁବନେଶ୍ୱର,୨୬।୬(ସମିସ):** ଜଟାଧାର ମୁହାଣରେ କ୍ୟାପ୍‌ଟିଭ୍ ଜେଟି ନିର୍ମାଣ ଏବଂ ଗୋପାଳପୁର ବନ୍ଦର ଉନ୍ନତୀକରଣ ପାଇଁ ଗୁରବାର ରାଜ୍ୟ ସରକାର ଦୁଇଟି ରିଆତି ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି। ଜଗତସିଂହପୁର ଜିଲ୍ଲା ଏରସମା ତହସିଲ ଜଟାଧାର ମୁହାଣରେ କ୍ୟାପ୍‌ଟିଭ୍ ଜେଟି ନିର୍ମାଣ ପାଇଁ ଜେଏସ୍‌ଡବ୍ଲୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍ ସହିତ ରାଜ୍ୟ ସରକାରଙ୍କ ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ୫୨ ମିଲିଅନ ମେଟ୍ରିକ ଟନ୍ ପଣ୍ୟ ପରିବହନ କ୍ଷମତା ବିଶିଷ୍ଟ ଏହି ଜେଟି ସ୍ଥାପନ ପାଇଁ ପ୍ରାରମ୍ଭିକ ସ୍ତରରେ ୨,୧୦୦ କୋଟି ଟଙ୍କା ନିବେଶ କରାଯିବ ଏବଂ ଏହା ମାଧ୍ୟମରେ ୩,୪୫୦ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବ। ସେହିଭଳି ୧୬,୫୫୪ କୋଟି ଟଙ୍କା ନିବେଶରେ ଗୋପାଳପୁର ବନ୍ଦରର ସଂପ୍ରସାରଣ ଓ ଉନ୍ନତୀକରଣ ପାଇଁ ଗୋପାଳପୁର ପୋର୍ଟ୍ସ ଲିମିଟେଡ୍ ଏବଂ ଓଡିଶା ସରକାରଙ୍କ ମଧ୍ୟରେ ରିହାତି ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ଏହି ଉନ୍ନତୀକରଣ କାର୍ଯ୍ୟ ପରେ ବନ୍ଦରର ପଣ୍ୟ ପରିବହନ କ୍ଷମତା ୫୦ ମିଲିଅନ ମେଟ୍ରିକ ଟନ ହେବ। ରାଜ୍ୟରେ ବିଭିନ୍ନ ସ୍ଥାନରେ ବନ୍ଦର, ଜେଟି ଓ ଅନ୍ୟାନ୍ୟ ଭିତ୍ତିଭୂମି ସ୍ଥାପନ କରି ଓଡ଼ିଶାରେ ସାମୁଦ୍ରିକ ବାଣିଜ୍ୟର ବିକାଶ ଉପରେ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି ବୋଲି ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।



ଆଜି ଲୋକସେବା ଭବନରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜେଏସ୍‌ଡବ୍ଲୁ ଉତ୍କଳ ଷ୍ଟିଲ ଲିମିଟେଡ୍‌ର ଅଧ୍ୟକ୍ଷ ଅନିଲ କୁମାର ସିଂ ଏବଂ ଗୋପାଳପୁର ପୋର୍ଟ୍ସ ଲିମିଟେଡ୍‌ର ବିଜିନେସ ହେଡ ସନ୍ଦିପ ଜୟସ୍ୱାଲ ଏବଂ ଓଡ଼ିଶା ସରକାରଙ୍କ ପକ୍ଷରୁ ବନ୍ଦର ନିର୍ଦ୍ଦେଶକ ପଦ୍ମଲୋଚନ ରାଉଳଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଏହି ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ ସାମୁଦ୍ରିକ ବାଣିଜ୍ୟର ବିକାଶ ପାଇଁ ବିଭିନ୍ନ ଘରୋଇ କମ୍ପାନୀ ସହିତ ସହଭାଗୀତା ଭିତ୍ତିରେ କାର୍ଯ୍ୟ କରାଯିବାର ଲକ୍ଷ୍ୟ ରଖାଯାଇଛି। ଆଗାମୀ ଦିନରେ ଇଞ୍ଚୁଡି ଓ ବାହୁଡାଠାରେ ଦୁଇଟି ନୂଆ ବନ୍ଦର ପ୍ରତିଷ୍ଠାର ଲକ୍ଷ୍ୟ ରଖାଯାଇଥିବା ବେଳେ ସୁବର୍ଣ୍ଣରେଖା ଓ ଅସ୍ତରଙ୍ଗ ବନ୍ଦରର ବିକାଶ ପାଇଁ ମଧ୍ୟ ଯୋଜନା ରହିଛି। ଗୋପାଳପୁର ବନ୍ଦର ଲିମିଟେଡ୍ ଏବଂ ଜେଏସ୍‌ଡବ୍ଲୁ ଷ୍ଟିଲର ଉଭୟ ବନ୍ଦର ବିକାଶ ଓ ଇସ୍ପାତ ଉତ୍ପାଦନ କ୍ଷେତ୍ରରେ ସମଗ୍ର ବିଶ୍ୱରେ ଖ୍ୟାତି ରହିଛି। ଏହି ଦୁଇଟି କମ୍ପାନୀ ଆମର ବନ୍ଦର ଭିତ୍ତିକ ବିକାଶ କ୍ଷେତ୍ରରେ ଏକ ନୂଆ ଯୁଗ ସୃଷ୍ଟି କରିବେ ଏବଂ ଏହି ଦୁଇଟି ପ୍ରକଳ୍ପ ମାଧ୍ୟମରେ ରାଜ୍ୟରେ ୮,୪୫୦ ନିଯୁକ୍ତି ସୃଷ୍ଟି ହେବ। ଏହି କାର୍ଯ୍ୟକ୍ରମରେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣି ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

- ■ ଗୋପାଳପୁର ବନ୍ଦର ହେବ ଉନ୍ନତିକରଣ
- ■ ପଣ୍ୟ ପରିବହନ କ୍ଷମତା ୫୦ ମିଲିଅନ ଟନକୁ ପାଇବ ବୃଦ୍ଧି
- ■ ଜଟାଧାର ମୁହାଣରେ ଜେଟି ନିର୍ମାଣ ପାଇଁ ରିହାତି ଚୁକ୍ତିନାମା
- ■ ଦୁଇଟି ପ୍ରକଳ୍ପ ଦ୍ୱାରା ୮,୪୫୦ ନିଯୁକ୍ତି ସୃଷ୍ଟି

## ଲଘୁଚାପ ପ୍ରଭାବରେ ବର୍ଷା

**ଭୁବନେଶ୍ୱର,୨୬।୬(ସମିସ):** ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ପ୍ରଭାବରେ ଏକ ଲଘୁଚାପ ସୃଷ୍ଟି ହୋଇଛି। ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ପାର୍ଶ୍ୱବର୍ତ୍ତୀ ଉପକୂଳ ଓଡିଶା ଓ ପଶ୍ଚିମବଙ୍ଗ ଅଞ୍ଚଳରେ ଏହି ଲଘୁଚାପ ସକ୍ରିୟ ରହିଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ଲଘୁଚାପ ପ୍ରଭାବରେ ଗତ ୩୬ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଅନୁଭୂତ ହୋଇଛି। ବଲାଙ୍ଗିରର ପାଟଣାଗଡ଼ରେ ସର୍ବାଧିକ ୧୭୧ ମିମି ବର୍ଷା ହୋଇଥିବା ବେଳେ କୋରାପୁଟର କୋଟପାଡ଼ରେ ୧୪୯, ନବରଙ୍ଗପୁର ପାପଡ଼ାହାଣ୍ଡିରେ ୧୨୦ ମିମି, କଟକର ନର୍ସିଂପୁର ୧୧୬, ନୟାଗଡ଼ରେ ୧୧୪ ମିମି ବର୍ଷା ରେକର୍ଡ ହୋଇଛି। ଏହା ବ୍ୟତୀତ କଟକରେ ୫୭, ଭୁବନେଶ୍ୱର ୫୪, ବାଲେଶ୍ୱର ୪୫, ବୌଦ୍ଧରେ ୯୫ ମିମି ବର୍ଷା ରେକର୍ଡ ହୋଇଛି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ଉତ୍ତର, ଉତ୍ତର-ପଶ୍ଚିମ ଦେଇ ଉତ୍ତର ଓଡ଼ିଶା ଓ ପାଶ୍ୱର୍ବର୍ତ୍ତୀ ଗାଙ୍ଗେଟିକ ପଶ୍ଚିମବଙ୍ଗ, ଛତିଶଗଡ଼ ଓ ଝାରଖଣ୍ଡ ଦେଇ ଏହି ଲଘୁଚାପ ଗତି କରିବ। ପ୍ରଭାବରେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ଉତ୍ତର ଓଡ଼ିଶାର ଅନେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ଶୁକ୍ରବାର ରଥଯାତ୍ରାରେ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଝାରସୁଗୁଡା ଆଦି ୪ ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହାକୁ ଦୃଷ୍ଟିରେ ରଖି ଏହି ଜିଲ୍ଲାଗୁଡ଼ିକ ପାଇଁ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ ,ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ ଓ ଗଜପତି ଏହି ସବୁ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସହ ବିଜୁଳି ଘଡ଼ଘଡ଼ି ହେବା ନେଇ ୟେଲୋ ଆଲର୍ଟ ଜାରି ହୋଇଛି। ଆସନ୍ତା ୩ ଜୁଲାଇ ଯାଏଁ ରାଜ୍ୟରେ ମୌସୁମୀ ସକ୍ରିୟ ରହିବା ସମ୍ଭାବନା ରହିଥିବା ବେଳେ ଏହାର ମାତ୍ରାଧିକ ପ୍ରଭାବ ଉତ୍ତର ଉପକୂଳ ଓ ଉତ୍ତର ପଶ୍ଚିମ ଓଡ଼ିଶାରେ ରହିବ। ଏହା ପ୍ରଭାବରେ ଆଗାମୀ ୨୯ରୁ ୨ ଜୁଲାଇ ଭିତରେ ବର୍ଷାର ପରିମାଣରେ ବୃଦ୍ଧି ପାଇବ। ଏହି ସମୟରେ ଅନେକ ସ୍ଥାନରେ (ଭାରି ରୁ ଅତି ଭାରି ବର୍ଷା) ହେବାର ସମ୍ଭାବନା ରହିଛି।

## ଇଣ୍ଡିଆ ଟୁଡେ ସର୍ଭେ: ଭୁବନେଶ୍ୱର ଏମ୍‌ସ ଦେଶର ଦ୍ୱିତୀୟ ଶ୍ରେଷ୍ଠ ଉଦୀୟମାନ ମେଡିକାଲ କଲେଜ



**ଭୁବନେଶ୍ୱର,୨୬।୬(ସମିସ):** ଇଣ୍ଡିଆ ଟୁଡେ-ଏମ୍‌ଡିଆର୍‌ଏ ମେଡିକାଲ କଲେଜ ସର୍ଭେ ୨୦୨୫ରେ ସମଗ୍ର ଦେଶରେ ଭୁବନେଶ୍ୱର ଏମ୍‌ସ ଦ୍ୱାଦଶ ଶ୍ରେଷ୍ଠ ମେଡିକାଲ କଲେଜ ଭାବେ ସ୍ଥାନ ପାଇଛି। ଏଥିସହ ଏହି ପ୍ରତିଷ୍ଠାନ ଦେଶର ଶ୍ରେଷ୍ଠ ୧୦ ଉଦୀୟମାନ ମେଡିକାଲ କଲେଜବର୍ଗରେ ମଧ୍ୟ ଦ୍ୱିତୀୟ ସ୍ଥାନ ହାସଲ କରିଛି। ଏହି ମାଇଲଖୁଣ୍ଟ ଶିକ୍ଷାଗତ ଉତ୍କର୍ଷ, ଅତ୍ୟାଧୁନିକ ଗବେଷଣା ଏବଂ ସମର୍ପିତ ରୋଗୀ ସେବା ପ୍ରତି ଏମ୍‌ସ ଭୁବନେଶ୍ୱରର ଅଟଳ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। 'ଇନଟେକ୍ କ୍ୱାଲିଟି ଆଣ୍ଡ ଗଭର୍ନାନ୍ସ', 'ଏକାଡେମିକ୍ ଉତ୍କର୍ଷ', 'ଭିତ୍ତିଭୂମି ଏବଂ ଅଭିଜ୍ଞତା', 'ବ୍ୟକ୍ତିତ୍ୱ ଏବଂ ନେତୃତ୍ୱ ବିକାଶ', 'ବୃତ୍ତିଗତ ଉନ୍ନତି ଏବଂ ପ୍ଲେସ୍‌ମେଣ୍ଟ ଆଦି ଭଳି ପାଞ୍ଚଟି ବ୍ୟାପକ ମାନଦଣ୍ଡକୁ ନେଇ ସାରା ଦେଶରେ ଥିବା ମେଡିକାଲ କଲେଜଗୁଡ଼ିକୁ ନେଇ ଏହି ସର୍ଭେ କରାଯାଇଥିଲା। ଇଣ୍ଡିଆ ଟୁଡେ ପକ୍ଷରୁ ଏହି ସମ୍ମାନଜନକ ସର୍ଭେ ଖ୍ୟାତନାମା ଅନୁସନ୍ଧାନ ଏଜେନ୍ସି ମାର୍କେଟିଂ ଆଣ୍ଡ ଡେଭଲପମେଣ୍ଟ ରିସର୍ଚ୍ଚ ଆସୋସିଏଟ୍ସ (ଏମଡିଆରଏ) ସହିତ ମିଳିତ ଭାବେ କରାଯାଇଥିଲା।

ଏହି ଅବସରରେ ଏମ୍‌ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ କହିଛନ୍ତି ଯେ ଏହି ଉପଲବ୍ଧି ଆମର ନିରନ୍ତର ପ୍ରୟାସର ପ୍ରତିଫଳନ। ଭୁବନେଶ୍ୱର ଏମ୍‌ସ ସ୍ୱାସ୍ଥ୍ୟସେବା ଏବଂ ଚିକିତ୍ସା ବିଜ୍ଞାନରେ ବିଶ୍ୱାସ, ନବସୃଜନ ଏବଂ ଅଖଣ୍ଡତାର ପ୍ରତୀକ ଭାବେ ଉଭା ହୋଇଛି। ଡ. ବିଶ୍ୱାସ ଏଭଳି ସଫଳତାରେ ଖୁସିବ୍ୟକ୍ତ କରିବା ସହ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏନେଇ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଡିନ୍ (ପରୀକ୍ଷା) ଡ. ସୌଭାଗ୍ୟ କୁମାର ଜେନା, ମେଡିକାଲ୍ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା, ଡିଡିଏ ଲେଫ୍ଟନାଣ୍ଟ କର୍ଣ୍ଣେଲ ଅଭିଜିତ ସରକାର, କୁଳସଚିବ ଡ. ସୁଦୀପ୍ତ ରଞ୍ଜନ ସିଂହ, ଡ. ଗୌରବ ଛାବ୍ରା, ଡ. ପଙ୍କଜ କୁମାର, ଡ. ଦେବପ୍ରିୟ ବନ୍ଦୋପାଧ୍ୟାୟ, ଡ. ସିପ୍ରା ରାଉତ ଏବଂ ଡ. ମାଙ୍ଗାନି ମଙ୍ଗଲାବଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ।


DADLS-36

ସତ୍ୟମେବ ଜୟତେ





ପବିତ୍ର ରଥଯାତ୍ରା ଉପଲକ୍ଷେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା-୨୦୨୫ ଅବସରରେ ମୁଁ ବିଶ୍ୱର କୋଣ ଅନୁକୋଣରେ ଥିବା ଶ୍ରୀଜଗନ୍ନାଥପ୍ରେମୀ ଭକ୍ତଜନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି।

ଶ୍ରୀଜଗନ୍ନାଥ ଚେତନା ଓ ଦର୍ଶନରେ ରହିଛି ମାନବ ଜାତିର ଉତ୍ଥାନର ମାର୍ଗ। ସମାଜରେ ଏହା ଶାନ୍ତି, ମୈତ୍ରୀ, ପ୍ରେମ ଓ ଭ୍ରାତୃଭାବ ପ୍ରତିଷ୍ଠାରେ ସହାୟକ ହେଉ ବୋଲି କାମନା କରୁଛି।

(ହରି ବାବୁ କମ୍ଭମ୍ପାଟି)



ଓଡ଼ିଶା ଶାସନ





ପବିତ୍ର ରଥଯାତ୍ରା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଅବସରରେ ରାଜ୍ୟର ସମସ୍ତ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି। ରଥଯାତ୍ରା ଆମ ସମସ୍ତଙ୍କ ପାଇଁ ଅସୀମ ଭକ୍ତି ଓ ଭାବାବେଗର ଉତ୍ସବ। ମହାପ୍ରଭୁଙ୍କ ଆଶୀର୍ବାଦରେ ରାଜ୍ୟର ବିକାଶ ସହିତ ସମସ୍ତଙ୍କ ଜୀବନ ସୁଖ, ଶାନ୍ତି ଓ ସମୃଦ୍ଧିରେ ଭରିଉଠୁ, ଏହା ହିଁ ମୋର କାମନା।

ଜୟ ଜଗନ୍ନାଥ ...

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0819/2526

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-3 ♦BHUBANESWAR ♦FRIDAY ♦27 JUNE 2025 ♦PAGE-14 ♦₹ 6.00

♦ବର୍ଷ-୪୩ ♦ସଂଖ୍ୟା-୩ ♦ଭୁବନେଶ୍ୱର ♦ଶୁକ୍ରବାର ♦୨୭ ଜୁନ୍ ୨୦୨୫ ♦ପୃଷ୍ଠା-୧୪ ♦ଟ.୬.୦୦




## ମହାପ୍ରଭୁଙ୍କ ନବଯୌବନ ଦର୍ଶନ କଲେ ଭକ୍ତ

■ **ପୁରୀ, ୨୬।୬ (ସମିସ):** ପନ୍ଦର ଦିନ ଅଣସରରେ ରହିବା ପରେ ଗୁରୁବାର ନବଯୌବନ ରୂପରେ ଦର୍ଶନ ଦେଇଛନ୍ତି ଚତୁର୍ଦ୍ଧାବିଗ୍ରହ।

**ଅନୁକୂଳ ପାଗ; ସଅଳ ହେଲା ନୀତିକାନ୍ତି**

**ଶୀଘ୍ର ସରିଲା ପରମାଣିକ ଦର୍ଶନ**

ହଜାର ହଜାର ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ନବଯୌବନ ଦର୍ଶନ କରି କୃତାର୍ଥ ହୋଇଛନ୍ତି। ନୀତିକାନ୍ତି ସଅଳ ସାଙ୍ଗକୁ ଅନୁକୂଳ ପାଗ ଯୋଗୁଁ ଶ୍ରୀମନ୍ଦିରରେ ଭକ୍ତଙ୍କ ବେଶ୍ ଭିଡ଼ ହୋଇଥିଲା। ଶୁକ୍ରବାର ରଥରେ ବସି ଚତୁର୍ଦ୍ଧାବିଗ୍ରହ ଜନ୍ମବେଦୀକୁ ନବଦିନାତ୍ମକ ଯାତ୍ରା କରିବେ। ଭୋର୍ ୫ଟା ୩୦ରେ ଦାରୁବିଗ୍ରହଙ୍କ ବନକଲାଗି ଶେଷ ହୋଇଥିଲା। ଦଇତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ। ଏହାପରେ ନେତ୍ରୋତ୍ସବ ନୀତି ଆରମ୍ଭ ହୋଇଥିଲା। ଭୋର୍ ୫ଟା ▶ପୃଷ୍ଠା-୭

**ଆଜି ଶ୍ରୀଗୁଣ୍ଡିଚା ଯାତ୍ରା**

# ସିଂହଦ୍ୱାରରେ ତିନିରଥ, ମହାବାହୁଙ୍କୁ ଅପେକ୍ଷା

## ସକାଳ ସାଢ଼େ ୯ରେ ପହଣ୍ଡି

## ଅପରାହ୍ଣ ୪ଟାରେ ରଥଟଣା

## ସହରକୁ ଜଗିବେ ୨୦୫ ପ୍ଲାଟୁନ୍ ଫୋର୍ସ

## ପୁରୀ ଉପରେ ନଜର ରଖିଛି ୨୭୫ ଏଆଇ କ୍ୟାମେରା



■ **ପୁରୀ, ୨୬।୬ (ସମିସ):** ଶ୍ରୀମନ୍ଦିର ସିଂହଦ୍ୱାରରେ ପ୍ରସ୍ତୁତ ତିନିରଥ। ରଥାରୂଢ଼ ଠାକୁରଙ୍କ ଦର୍ଶନ ପାଇଁ ଶ୍ରୀକ୍ଷେତ୍ରରେ ଲାଗିଛି ଭକ୍ତଙ୍କ ଭିଡ଼। ରଥ, ପଥ, ଭକ୍ତ ସଭିଏଁ ପ୍ରସ୍ତୁତ। ସମସ୍ତଙ୍କର ଅପେକ୍ଷା କେତେବେଳେ ନୀଳକନ୍ଦରରୁ ବଡ଼ଦାଣ୍ଡକୁ ଓହ୍ଲାଇ ଆସିବେ ନୀଳାଦ୍ରିନାଥ। ରଥରେ ବସି ଯିବେ ଆଡ଼ପମଣ୍ଡପ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ପାଇବେ ବିଶ୍ୱନିୟନ୍ତାଙ୍କ ଦୁର୍ଲଭ ଦର୍ଶନ। ସେହି ଦିବ୍ୟ ମୁହୂର୍ତ୍ତକୁ ଚାହିଁ ରହିଛନ୍ତି ଭକ୍ତଜନ।

ଦାରୁବ୍ରହ୍ମଙ୍କ ସ୍ପର୍ଶରେ ରଥ, ପଥ ହେବ ବ୍ରହ୍ମମୟ। ସଭିଏଁ ହେବେ ଏକାକାର। ଭକ୍ତଙ୍କ ଏହି ଆବେଗିକ ମୁହୂର୍ତ୍ତର ସାକ୍ଷୀ ପାଇଁ ପାଗ ବି ରହିଛି ବେଶ୍ ଅନୁକୂଳ। କୋଳାହଳରେ ଫାଟିପଡୁଛି ବଡ଼ଦାଣ୍ଡ। ଶ୍ରୀଗୁଣ୍ଡିଚା ଯାତ୍ରା ପାଇଁ ସରକାର, ଜିଲ୍ଲା ପ୍ରଶାସନ, ପୁଲିସ୍ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ପବିତ୍ର ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ରଥାରୂଢ଼ ହୋଇ ଚତୁର୍ଦ୍ଧାବିଗ୍ରହ ଯିବେ ଗୁଣ୍ଡିଚା ମନ୍ଦିର। ଅଣସର ପରେ ନବଦିନାତ୍ମକ ଯାତ୍ରାରେ ଯିବା ପାଇଁ ପ୍ରସ୍ତୁତ ହେଉଛନ୍ତି ମହାବାହୁ। ଆଉ ଦାରୁଦିଅଁଙ୍କ ଆଗମନକୁ ସିଂହଦ୍ୱାରରେ ଅପକ୍ଷୋ କରିରହିଛନ୍ତି ତିନି ରଥ। ଶୁକ୍ରବାର ସକାଳ ସାଢ଼େ ୯ଟାରେ ଚତୁର୍ଦ୍ଧା ବିଗ୍ରହଙ୍କ ପହଣ୍ଡି ଆରମ୍ଭ ହୋଇ ଅପରାହ୍ଣ ୪ଟାରେ ରଥ ଟାଣିବା ଲାଗି ନୀତି ନିର୍ଘଣ୍ଟ କରାଯାଇଛି।

ଗୁରୁବାର ସକାଳ ୬ଟା ୨୦ରେ ମଙ୍ଗଳ ଆଳତି, ୭ଟାରେ ଅବକାଶ ପୂଜା ସରି ୭ଟା ୫ରେ ପଟିଦିଅଁ ବାହୁଡ଼ା ବିଜେ କରିଥିଲେ। ୭ଟା ୨୫ରେ ତାଟିଫିଟିବା ପରେ ନିର୍ଦ୍ଧାରିତ ସମୟର ୨୦ ମିନିଟ୍ ପୂର୍ବରୁ ଅର୍ଥାତ୍ ୭ଟା ୪୦ରେ ପରିମାଣିକ ଦର୍ଶନ ଆରମ୍ଭ ହୋଇଥିଲା। ଯେହେତୁ କମ୍ ସଂଖ୍ୟକ ଭକ୍ତ ପରିମାଣିକ ଦର୍ଶନ ଟିକଟ୍ କରିଥିଲେ, ତେଣୁ ୨୦ ମିନିଟ୍ ଅର୍ଥାତ୍ ସକାଳ ୮ଟାରେ ପରିମାଣିକ ଦର୍ଶନ ସରିଥିଲା। ଏହାପରେ ସର୍ବସାଧାରଣ ଦର୍ଶନ ବା ସାହାଣମେଲା ଦର୍ଶନ ଆରମ୍ଭ ହୋଇ ପୂର୍ବାହ୍ଣ ୧୦ଟା ୩୫ ପର୍ଯ୍ୟନ୍ତ ଚାଲିଥିଲା। ଏହାପରେ ଦର୍ଶନ ବନ୍ଦ କରାଯାଇ ଅନ୍ୟାନ୍ୟ ନୀତି ଚାଲିଥିଲା। ଅପରାହ୍ଣ ୪ଟା ୫ରେ ସକାଳ ଧୂପ ଶେଷ ହେବା ପରେ ୪ଟା ୪୦ରେ ମହାପ୍ରଭୁଙ୍କ ଆଜ୍ଞାମାଳ ବିଜେ ▶ପୃଷ୍ଠା-୭

# ନବୀନଙ୍କ ଆଶୁ ଆରୋଗ୍ୟ କାମନା କଲେ ପ୍ରଧାନମନ୍ତ୍ରୀ

**ଫୋନରେ କଥା ହୋଇ ସ୍ୱାସ୍ଥ୍ୟ ସମ୍ପର୍କରେ ବୁଝିଲେ**



■ **ମୁମ୍ବାଇ,୨୬।୬(ସମିସ):** ମୁମ୍ବାଇର କୋକିଳାବେନ୍ ହସ୍ପିଟାଲରେ ଚିକିତ୍ସାଧୀନ ବିଜେଡି ସୁପ୍ରିମୋ ତଥା ଓଡ଼ିଶା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ସୁସ୍ୱାସ୍ଥ୍ୟ କାମନା କରିଛନ୍ତି

**ନବୀନଙ୍କ ଯତ୍ନ ନେବାକୁ ଚିକିତ୍ସା କରୁଥିବା ଡାକ୍ତରଙ୍କୁ ପରାମର୍ଶ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଫୋନ୍ ଯୋଗେ ପ୍ରଧାନମନ୍ତ୍ରୀ ନବୀନଙ୍କ ସହ ଦୀର୍ଘ ସମୟ କଥା ହୋଇ ତାଙ୍କର ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରି ବୁଝିଛନ୍ତି। ଏହି ଅବସରରେ ଖୁବ୍ ଶୀଘ୍ର ନବୀନ ଆରୋଗ୍ୟଲାଭ କରିବେ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ଏହା ସହ ଚିକିତ୍ସା କରୁଥିବା ବିଶେଷଜ୍ଞ ଡ଼ାକ୍ତରମାନଙ୍କ ସହ ମଧ୍ୟ ପ୍ରଧାନମନ୍ତ୍ରୀ କଥା ହୋଇଛନ୍ତି। ଏହି ଅବସରରେ ସେ ନବୀନଙ୍କ ଅସ୍ତ୍ରୋପଚାର ସମ୍ପର୍କରେ ପଚାରି ବୁଝିଛନ୍ତି ଓ ତାଙ୍କର ▶ପୃଷ୍ଠା-୭

## ନବୀନଙ୍କ ସହ କଥା ହେଲେ ଖଡ୍‌ଗେ ଓ ଧର୍ମେନ୍ଦ୍ର



■ **ମୁମ୍ବାଇ,୨୬।୬(ସମିସ):** ମୁମ୍ବାଇରେ ଚିକିତ୍ସାଧୀନ ନବୀନଙ୍କ ଦ୍ରୁତ ଓ ସମ୍ପୂର୍ଣ୍ଣ ଆରୋଗ୍ୟ ନିମନ୍ତେ ଦେଶର ବହୁ ନେତା କାମନା କରିଛନ୍ତି। ଏହି କ୍ରମରେ ନବୀନଙ୍କ ସହ କଥା ହୋଇ ତାଙ୍କର ସୁସ୍ୱାସ୍ଥ୍ୟ କାମନା କରିଛନ୍ତି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖଡ୍‌ଗେ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ନବୀନଙ୍କ ସଫଳ ଅସ୍ତ୍ରୋପଚାର ନିମନ୍ତେ ଶ୍ରୀ ଖଡ୍‌ଗେ ଫୋନ୍ କରି ଶୁଭକାମନା ▶ପୃଷ୍ଠା-୭







# ନବଯୌବନ ଦର୍ଶନ କଲେ ଭକ୍ତ, ରଥଟଣା ଆଜି





ବାଲେଶ୍ୱର, ୨୬।୬ (ସମିସ)

ରାତି ପାହିଲେ ରଥଯାତ୍ରା। ଆଜି ସହରର ବିଭିନ୍ନ ଜଗନ୍ନାଥ ମନ୍ଦିରରେ ଭକ୍ତ ମହାପ୍ରଭୁଙ୍କ ନବଯୌବନ ବେଶ ଦର୍ଶନ କରିଛନ୍ତି। ସକାଳୁ ରାତି ୧୦ ଘଟିକା ପର୍ଯ୍ୟନ୍ତ ଭକ୍ତ ଠାକୁରଙ୍କୁ ଦର୍ଶନ କରିଛନ୍ତି। ଘୋଷଯାତ୍ରା ପାଇଁ ସହରରେ ଅନୁଷ୍ଠିତ ହେବାକୁ ଥିବା ରଥଯାତ୍ରା ପାଇଁ ପ୍ରସ୍ତୁତି ଶେଷ ହୋଇଛି। ସହରରେ ବିଶେଷକରି ମୋତିଗଞ୍ଜ ସ୍ଥିତ ବାଣିଆ ଜଗନ୍ନାଥ ମନ୍ଦିର, ପୋଲିସ ଲାଇନ ଜଗନ୍ନାଥ ମନ୍ଦିର, ମଣ୍ଡଳ ବଜାର ଜଗନ୍ନାଥ ମନ୍ଦିର ଆଦିରେ ରଥଯାତ୍ରା ପ୍ରତିବର୍ଷ ପାଳିତ ହୁଏ। ଏଥିସହିତ ଶାସଙ୍ଗ ଜୀଉ ବିଜେ ଜଗନ୍ନାଥ ମନ୍ଦିର, ଇମାମି ଜଗନ୍ନାଥ ମନ୍ଦିରରେ ରଥଟଣା ଯାଇଥାଏ। ଚଳିତ ବର୍ଷ ମଧ୍ୟରେ ରଥଟଣା ପାଇଁ ପ୍ରସ୍ତୁତି ଶେଷ ହୋଇଛି। ଆଜି ମନ୍ଦିରରେ ମହାପ୍ରଭୁମାନଙ୍କ ନବଯୌବନ ବେଶ ଦର୍ଶନ କରିଛନ୍ତି ଭକ୍ତ। ସହରରେ ଥିବା ପୋଲିସ ଲାଇନ ଜଗନ୍ନାଥ ମନ୍ଦିରରେ ପାଖାପାଖି ୩୦ ବର୍ଷ ଧରି ରଥଟଣା ଚାଲିଛି। ଏବର୍ଷ ରଥଯାତ୍ରା ପାଇଁ ରଥ ନିର୍ମାଣ ଶେଷ ହୋଇଯାଇଛି। ସେହିପରି ବାଣିଆ ଜଗନ୍ନାଥ ମନ୍ଦିରରେ ବହୁ ବର୍ଷ ଧରି ରଥଟଣା ହୋଇଆସୁଛି। ସେହିପରି ବାଲଗୋପାଳପୁରସ୍ଥିତ ଇମାମୀ ନଗର ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିରରେ ଶ୍ରୀକ୍ଷେତ୍ରର ମହାପ୍ରଭୁଙ୍କ ରୀତିନୀତି ମୁତାବକ ଆଜି ସକାଳ ୯ ଘଟିକା ସମୟରେ ଶ୍ରୀଜୀଉମାନଙ୍କ ନବଯୌବନ, ନେତ୍ରଉତ୍ସବ ଓ ଉଭାଯାତ୍ରାରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି। ସେହିପରି ଆସନ୍ତାକାଲି ୯ ଘଟିକା ୧୦ ମିନିଟରେ ଆରତି ଅବକାଶ, ୧୦ ଘଟିକାରେ ମଙ୍ଗଳାର୍ପଣ, ୧୦ଘ. ୧୫ମି. ରେ ଆଜ୍ଞାମାଳ, ୧୧ଘ. ୩୦ମି.ରେ ଧାଡ଼ି ପହଣ୍ଡି, ଘ.୩.୦୦ମି.ରେ ଛେରାପହଁରା, ଅପରାହ୍ନ ୪ଘଟିକାରେ ରଥଟଣା ଅନୁଷ୍ଠିତ ହେବ। ରାତ୍ର ୮ ଘ.୪୫ମି. ରେ ଶୟନ ଆରତି ପରେ ଆଲୋକମାଳା ଓ ଭକ୍ତିମୟ ପରିବେଶରେ ଗୁଣ୍ଡିଚା ମନ୍ଦିରରେ ପ୍ରବେଶ କରିବେ ଶ୍ରୀଜୀଉମାନେ। ଆଜି ନବଯୌବନ ଦର୍ଶନ ସରିଛି। କାଲି ଦିନ ୩ ଘଟିକା ବେଳକୁ ପହଣ୍ଡି ଆରମ୍ଭ ହେବ। ପହଣ୍ଡି ପରେ ୪ ଘଟିକା ବେଳକୁ ରଥଟଣା ଆରମ୍ଭ ହେବ। ପ୍ରତିବର୍ଷ ଯେମିତି ମନ୍ଦିର ନିକଟରୁ ରଥ ବାହାରି ଗୋଲାପୋଖରୀ ଦେଇ ଥାନା ଛକ ନିକଟରେ ପହଞ୍ଚେ ସେମିତି ଏଥର ମଧ୍ୟ ପହଞ୍ଚିବ। ତା ପରଦିନ ରଥ ସିନେମା ଛକ ମାଉସୀ ମା ବାଡ଼ିରେ ପହଞ୍ଚିବ। ଏଥର ମଧ୍ୟ ଟାଉନ ଥାନା ଅଧିକାରୀ ଛେରାପହଁରା କରିବେ ବୋଲି ବାଣିଆ ଜଗନ୍ନାଥ ମନ୍ଦିରର ମୁଖ୍ୟ ପୂଜକ କହିଛନ୍ତି। ସେହିପରି ପୋଲିସ ଲାଇନ୍ ଜଗନ୍ନାଥ ମନ୍ଦିରର ମୁଖ୍ୟ ପୂଜକ ନିରଞ୍ଜନ ତ୍ରିପାଠୀ କହିଛନ୍ତି ଆଜି ସକାଳେ ନବଯୌବନ ଦର୍ଶନ ସରିଛି। ଚତୁର୍ଦ୍ଧାମୂର୍ତ୍ତିଙ୍କର ଆହୁତି ଦିଆଗଲା। ହୋମଯଜ୍ଞ ସରିଲା। ସନ୍ଧ୍ୟାରେ ସାନ୍ଧ୍ୟ ଦର୍ଶନ ହୋଇଥିଲା। କାଲି ରଥାରୂଢ଼ ହେବେ ମହାପ୍ରଭୁ। ସକାଳୁ ପୂଜା ପରେ ଅପରାହ୍ନ ୩ ଟାରେ ପହଣ୍ଡି ଏବଂ ୪ ଟାରେ ରଥଟଣା ଆରମ୍ଭ। ତାପସ କୁମାର ଦାଶଙ୍କ ଜ୍ୟୋଷ୍ଠପୁତ୍ର ଛେରାପହଁରା କରିବେ।

# ଭକ୍ତିକ୍ଷେତ୍ରରେ ଶ୍ରୀଜୀଉଙ୍କ ନବଯୌବନ ଦର୍ଶନ



କାଳିପଦା, ୨୬।୬ (ସମିସ): ବାଲିଆପାଳ ବ୍ଲକ ମାନ୍ଧାତା ବଜାର ସ୍ଥିତ ଭକ୍ତିକ୍ଷେତ୍ରରେ ଆଜି ଚକ୍ରରାଜ ସୁଦର୍ଶନ, ବଳଭଦ୍ର, ଦେବୀ ସୁଭଦ୍ରା, ଶ୍ରୀଜଗନ୍ନାଥ ପ୍ରମୁଖ ଶ୍ରୀଜୀଉ ମାନଙ୍କର ନେତ୍ରୋତ୍ସବ ନବ ଯୌବନ ଦର୍ଶନ ଅନୁଷ୍ଠିତ ହୋଇଛି। ଏଥିପାଇଁ ପ୍ରାତଃରୁ ମନ୍ଦିର ସମେତ ଜୀଉ ମାନଙ୍କର ସମସ୍ତ ନୀତି କାନ୍ତି ସମ୍ପନ୍ନ ହୋଇଛି। ଦେବସ୍ନାନ ପୂର୍ଣ୍ଣିମା ପରଠୁ ଶ୍ରୀ ଜୀଉମାନେ ଅଣ ସର ଘରେ ରହି ପୂଜା ପାଉଥିଲେ। ଜୀଉ ମାନଙ୍କର ନବ ଯୌବନ ଦର୍ଶନ କରିବା ପାଇଁ ଭକ୍ତ ମାନଙ୍କ ଗହଳି ପରି ଲକ୍ଷିତ ହୋଇଛି। ସନ୍ଧ୍ୟା ଆଳତୀ ରେ ମଧ୍ୟ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଛି। ରଥ ଖଳାରେ ତଳଧ୍ୱଜ, ଦେବ ଦଳନ, ନନ୍ଦିଘୋଷ ତିନି ରଥକୁ ପବିତ୍ର କରାଯାଇ ପ୍ରତିଷ୍ଠା କରାଯାଇଛି। ମନ୍ଦିରର ମୁଖ୍ୟ ପୂଜକ ମାଧବାନନ୍ଦ ପାଣିଗ୍ରାହୀ, ରାଜଗୁରୁ ଶୁକଦେବ ପାଣିଗ୍ରାହୀ, ଶ୍ରୀଜଗନ୍ନାଥ ଜୀଉ ସେବକ ନିଯୋଗ ସଭାପତି ଗୋପାଳ କୃଷ୍ଣ ପାତ୍ର, ସମ୍ପାଦକ ସନାତନ ପାତ୍ର, କୃଷ୍ଣାନନ୍ଦ ପାତ୍ର ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ତୃତୀୟ ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ନବଯୌବନ ବେଶ



ନୀଳଗିରି, ୨୬।୬ (ସମିସ): ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ତିନି ଠାକୁର ନବ ଯୌବନ ବେଶରେ ଦର୍ଶନ ଦେଲେ ଭକ୍ତଙ୍କୁ। ୧୪ ଦିନ ମହାପ୍ରଭୁ ଅସୁସ୍ଥ ହୋଇ ରହିବା ପରେ ଦଶ ମୂଳ ମୋଦକ ଖାଇବା ପରେ ସୁସ୍ଥ ହୋଇଥିଲେ। ଆଜି ସକାଳେ ସ୍ନାନ ପରେ ରାଜା ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ, ରାଣୀ ମନୋଜା ମଞ୍ଜରୀ ଦେବୀ ବନ୍ଦାପନା କରିବା ପରେ, ଚକ୍ଷୁ ଦାନ କରାଯାଇଥିଲା। ପରେ ମଙ୍ଗଳ ଆଳତି, ବନ୍ଦାପନା, ସୂର୍ଯ୍ୟ ପୂଜା, ଦ୍ୱାରପାଳ, ବଲ୍ଲବ, ନେତ୍ର ଉତ୍ସବ, ସାହାଣ ମେଳା ନୀତି ସମାପନ ହୋଇଥିଲା। ସକାଳେ ନବ ଯୌବନ ବେଶରେ ତିନି ଠାକୁରଙ୍କୁ ଦେଖିବା ପାଇଁ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ମନ୍ଦିରରେ ତିନି ଠାକୁରଙ୍କ ନୀତି କାନ୍ତି ସେବାୟତ ମାନେ କରିଥିଲେ। ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ଏନଏସି ଅଧ୍ୟକ୍ଷ ମହେନ୍ଦ୍ର ନାଥ ବେହେରା, ତିନି ଠାକୁରଙ୍କୁ ଦର୍ଶନ କରି ଆଶିଷ ଭିକ୍ଷା କରିଥିଲେ।

■ ଜଳେଶ୍ୱରରେ କଙ୍ଗାରୁକୋର୍ଟ

# ଚୋରି ଅଭିଯୁକ୍ତକୁ ନିସ୍ତୁକ ମାଡ଼ମାରି ଲଣ୍ଡାକଲେ

ଜଳେଶ୍ୱର ବ୍ଲକ, ୨୬।୬ (ସମିସ): ଜଳେଶ୍ୱର ଅଞ୍ଚଳରେ ଏକ ଚୋରି ଅଭିଯୁକ୍ତକୁ କଙ୍ଗାରୁକୋର୍ଟରେ ନିସ୍ତୁକ ମାଡ଼ ମାରିବା ସହ ଲଣ୍ଡା କରି ବେକରେ ଜୋତା ମାଳ କରି ଗାଁ ବୁଲାଇଲେ ଲୋକେ। ପରେ ମାଡ ମାରି କେନାଲରେ ଫୋପାଡି ଦେଇଥବା ଅଭିଯୋଗ ହୋଇଛି।

ଜଳେଶ୍ୱର ଥାନା ଅନ୍ତର୍ଗତ ପଶ୍ଚିମବାଡ ପଞ୍ଚାୟତର ଉତ୍ତରପଡ଼ା ଗ୍ରାମରେ ଜଣେ ଯୁବକ ଗ୍ରାମରେ ନିର୍ମାଣ ହେଉଥିବା ପାଣିଟାଙ୍କି ସୁପରଭାଇଜର ଭାବେ କାମ କରୁଥିଲେ। ଗତ ୨୪ ତାରିଖ ରାତିରେ ବିଦ୍ୟୁତ୍ ବଲ୍ବ ଚୋରି ଅଭିଯୋଗରେ ପଡୋଶୀ ଖଳାବାଡ ଗ୍ରାମର ଲୋକ ତାଙ୍କୁ ବାନ୍ଧି ନିର୍ଦ୍ଧୁମ ମାଡ ମାରିଥିଲେ। ତହିଁ ପରଦିନ ସକାଳୁ ସମ୍ପୃକ୍ତ ଯୁବକଙ୍କୁ ଲଣ୍ଡା କରି ବେକରେ ଜୋତା ମାଳ ପକାଇ ଗାଁ ସାରା ବୁଲାଇବା ପରେ ନିର୍ଦ୍ଧୁମ ମାଡ ମାରି ଏକ କେନାଲକୁ ଫିଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ସେବେଠୁ ସମ୍ପୃକ୍ତ ଯୁବକର ପତ୍ତା ମିଳୁନାହିଁ। ଅପରପକ୍ଷେ ସମ୍ପୃକ୍ତ ଯୁବକଙ୍କ ସ୍ତ୍ରୀ ଜଳେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି।

# ଅଙ୍ଗନବାଡ଼ି ସୁପରଭାଇଜରଙ୍କ ନାଁରେ ଅନିୟମିତତା ଅଭିଯୋଗ

ରାଜଘାଟ, ୨୬।୬ (ସମିସ): ବସ୍ତା ବ୍ଲକ ଅଧୀନରେ ନଟାକଟା ପଞ୍ଚାୟତ ସେକ୍ଟର ଅଙ୍ଗନବାଡ଼ି କେନ୍ଦ୍ରରେ କାର୍ଯ୍ୟରତ ଅଙ୍ଗନବାଡ଼ି ସୁପରଭାଇଜର ସ୍ନେହଲତା ଦାସଙ୍କ ଉପରେ ଅଭିଯୋଗ ଆଣିଛନ୍ତି ଅଙ୍ଗନବାଡ଼ି କର୍ମୀ ମାନେ। ସୁପରଭାଇଯର ସ୍ନେହଲତା ଦାସ ଅଙ୍ଗନବାଡ଼ି ପରିଦର୍ଶନରେ ଯିବାବେଳେ କର୍ମୀଙ୍କ ସ୍ୱାମୀ ମାନଙ୍କ ଗାଡ଼ିରେ ଯିବା ଆସିବା କରୁଛନ୍ତି। ଆଉ ଯଦି ସହଯୋଗ ନମିଳେ ତେବେ ଅଙ୍ଗନବାଡ଼ି କର୍ମୀଙ୍କ ଦରମା ବନ୍ଦ କରିଦେବା ସହିତ ଚାକିରିରୁ ବାହାର କରି ଦେବାର ଧମକ ଦିଅନ୍ତି। ଏମିତି କି ବିଭିନ୍ନ ସମୟରେ ବିଭିନ୍ନ କେନ୍ଦ୍ର ର ଖାଦ୍ୟ ଟଙ୍କାକୁ ବନ୍ଦ କରିଦିଅନ୍ତି। ଗତ ମାର୍ଚ୍ଚ ୨୫ ତାରିଖରେ ତଥ୍ୟ ଆଧାରିତ ଆପରେ ପ୍ରାୟ ୨୦୦ କିଶୋରୀ ବାଳିକାମାନଙ୍କ ଖାଦ୍ୟ ପାଇବାରୁ ବଞ୍ଚିତ କରିଥିଲେ। ଏ ନେଇ ଅଙ୍ଗନବାଡ଼ି କର୍ମୀ ମାନେ ବାରମ୍ବାର ସିଡ଼ିପିଓ ସହିତ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆଉ ସ୍ନେହଲତା ଦାସଙ୍କୁ ବଦଳି ପାଇଁ ନିର୍ଦ୍ଦେଶ ଆସିଥିଲେ ମଧ୍ୟ ସେ ନ ଯାଇ ମନ ଇଚ୍ଛା କାର୍ଯ୍ୟ କରୁଛନ୍ତି। ଏ ନେଇ ବିଭାଗୀୟ ଅଧିକାରୀଣୀ ସିଡ଼ିପିଓଙ୍କୁ ପଚାରିବାରୁ ସେ ତାଙ୍କର ପ୍ରତିକ୍ରିୟା ଦେଇନଥିଲେ। ତେବେ ଅଙ୍ଗନବାଡ଼ି କର୍ମୀ ମାନଙ୍କ ସ୍ୱାମୀମାନେ ଅଭିଯୋଗ କରିବାରୁ ସୁପର ଭାଇଜର ସ୍ନେହଲତା ଦାସ ସରକାରୀ ଦଳରେ ବିଭିନ୍ନ ନେତା ତାଙ୍କର ବୋଲି କହି ମୋର କେହି କିଛି କରି ପାରିବେନି ବୋଲି ଧମକ ଦେଉଛନ୍ତି। ସୁପରଭାଇଜର ଅନ୍ୟତ୍ର ବଦଳି ନ କଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଲିଲିମ୍ମା ଭୂୟାଁ, ରିତା ରାଣୀ ଜେନା, ରଞ୍ଜୁଲତା ବେହେରା, କାବେରୀ ବେହେରା, ପ୍ରତିମା ଭୂୟାଁ, ଉତ୍ତରା ଦାସ, ପିପଳି ଘୋଷ, ମନୋରମା ମହାନ୍ତି, ରେବତୀ ବେହେରା ସମେତ ବହୁ ଅଙ୍ଗନୱାଡି କର୍ମୀ କଡା ଚେତାବନୀ ଦେଇଛନ୍ତି। ସିଡିପିଓ, ଜିଲ୍ଲାପାଳ, ସାଂସଦ ସମେତ ବିଭାଗୀୟ ଅଧିକାରୀଙ୍କୁ ସେମାନେ ଲିଖିତ ଅଭିଯୋଗ କରିଛନ୍ତି। ଅପରପକ୍ଷେ ସୁପରଭାଇଯର ଶ୍ରୀମତୀ ଦାସଙ୍କୁ ପଚାରିବାରୁ ସମସ୍ତ ଅଭିଯୋଗ ଭିତ୍ତିହୀନ ବୋଲି କହିଛନ୍ତି।

# ଗହଣା ଲୁଟେରାକୁ ମାଡ଼ି ବସିଲା ପୁଲିସ

ଜଳେଶ୍ୱର ବ୍ଲକ, ୨୬।୬ (ସମିସ): ଗହଣା ଦୋକାନରୁ ଲୁଟିବା ପଡ଼ିଲା ମହଙ୍ଗା। ଜଳେଶ୍ୱର ଷ୍ଟେସନ ବଜାର ନିକଟରୁ ଦିନ ଦିପହରରେ ଗହଣା ଦୋକାନରୁ ଲୁଟ କରି ଚମ୍ପଟ ମାରୁଥିଲା ବେଳେ ଜଣେ ଲୁଟେରାକୁ ମାଡି ବାସିଲା ଜଳେଶ୍ୱର ପୁଲିସ। ଆଜି ଦିନ ପାଖାପାଖି ୧ ଟା ସମୟରେ ଜଳେଶ୍ୱର ଷ୍ଟେସନ ବଜାର ନିକଟରେ ଥିବା ଗିନି ଗହଣା ହାଉସକୁ ପଶ୍ଚିମବଙ୍ଗର ସମ୍ପୃକ୍ତ ଯୁବକ ଗ୍ରାହକ ସାଜି ଗହଣା କିଣିବା ପାଇଁ ଆସି ସୁନାହାର ଲୁଟି ଚମ୍ପଟ ମାରିଥିଲା। ଏକ ସ୍କର୍ପିଓରେ ପଶ୍ଚିମବଙ୍ଗ ଆଡକୁ ଫେରାରବେଳେ ଗାଡ଼ିଟି ସିମେଣ୍ଟ ଖୁଣ୍ଟକୁ ପିଟିଥିଲା। ସେହି ସମୟରେ ଜଳେଶ୍ୱର ପୁଲିସ ଅଭିଯୁକ୍ତକୁ କାବୁ କରିଥିଲା।

# ଗ୍ରୋସେରୀ ଦୋକାନରୁ ଚୋରି

ସୋର, ୨୬।୬ (ସମିସ): ସୋର ପୌରାଞ୍ଚଳ ଆଡଙ୍ଗବଜାର ସ୍ଥିତ ଏକ ଗ୍ରୋସେରୀ ଦୋକାନରୁ ଗତକାଲି ବିଳମ୍ବିତ ରାତିରେ ୨ ଲକ୍ଷ ନଗଦ ଟଙ୍କା ସମେତ ୪୦ ହଜାର ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଛି। ସୋର ପୌରାଞ୍ଚଳ ଅଡଙ୍ଗବଜାର ଗ୍ରାମର ସନ୍ତୋଷ ଅଗ୍ରୱାଲ ଦୀର୍ଘ ବର୍ଷଧରି ସୋର ସବ୍‌ରେଜିଷ୍ଟ୍ରି କାର୍ଯ୍ୟାଳୟ ସମ୍ମୁଖରେ ଏକ ଗ୍ରୋସେରୀ ଦୋକାନ କରିଛନ୍ତି। ଗତକାଲି ରାତିରେ ଦୋକାନ ବନ୍ଦ କରି ଘରକୁ ଯାଇଥିବା ବେଳେ ଆଜି ସକାଳେ ଦୋକାନ ଖୋଲିବା ସମୟରେ ଦୋକାନର ତାଲା ଭଙ୍ଗାଯାଇଥିବା ଦେଖିଥିଲେ। ପରେ ଦୋକାନ ଭିତରୁ ୪୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଓ କ୍ୟାସ ଡ୍ର'ରୁ ନଗଦ ୨ ଲକ୍ଷ ଟଙ୍କା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# କଲେଜ ଛାତ୍ରଙ୍କ ଅସ୍ୱାଭାବିକ ମୃତ୍ୟୁ

ସୋର, ୨୬।୬ (ସମିସ): ସୋର ବ୍ଲକ ସରଶଙ୍ଖ ପଞ୍ଚାୟତ ବ୍ରାହ୍ମଣସାହି ଗ୍ରାମର ଜଣେ କଲେଜ ଛାତ୍ରଙ୍କର ଆଜି ସକାଳେ ହଠାତ୍ ଅସ୍ୱାଭାବିକ ଭାବେ ମୃତ୍ୟୁ ଘଟିଛି। ଏହି ଗ୍ରାମର ଶଙ୍କର୍ଷଣ ବିଶ୍ୱାଳଙ୍କ ସାନ ପୁଅ ସିପୁନ କୁମାର ବିଶ୍ୱାଳ(୧୭) ତଳନଗର କଲେଜରେ +୨ ଦ୍ୱିତୀୟ ବର୍ଷର ଛାତ୍ର। ଗତକାଲି ରାତିରେ ଖାଇପିଇ ଶୋଇଥିବା ବେଳେ ରାତି ୩ଟା ବେଳେ ପେଟରେ ଅସହ୍ୟ ଯନ୍ତ୍ରଣା ହେବାରୁ ତାଙ୍କୁ ସୋର ଡାକ୍ତରଖାନାକୁ ଅଣାଯାଇ ଚିକିତ୍ସା କରି ଘରକୁ ନେଇଯାଇଥିଲେ। ମାତ୍ର ଘରେ ପହଞ୍ଚିବା ପରେ ସେ କୋମା ହୋଇଯିବାରୁ ତାଙ୍କୁ ତୁରନ୍ତ ବାଲେଶ୍ୱର ମେଡିକାଲ ହସପିଟାଲରେ ଭର୍ତ୍ତି କରିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆଜି ତାଙ୍କର ମୃତଦେହକୁ ଘରକୁ ଆଣିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

# ସିପିଏମ୍‌ର ପଥପ୍ରାନ୍ତ ସଭା




ଜଳେଶ୍ୱର ବ୍ଲକ, ୨୬।୬ (ସମିସ): ମାର୍କସ୍‌ବାଦୀ କମ୍ୟୁନିଷ୍ଟ ପାର୍ଟିର ଆହ୍ୱାନ କ୍ରମେ ଅଘୋଷିତ ଜରୁରୀକାଳୀନ ପରିସ୍ଥିତି ବିରୋଧରେ ଜଳେଶ୍ୱର ଷ୍ଟେସନ ଛକଠାରେ ଏକ ପଥପ୍ରାନ୍ତ ସଭା ପାର୍ଟିର ଆଞ୍ଚଳିକ କମିଟିର ସମ୍ପାଦକ ଅକ୍ଷୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି।

ଆଜିକୁ ୫୦ ବର୍ଷ ତଳେ ୧୯୭୫ ମସିହା ଜୁନ୍ ୨୬ତାରିଖ ଥିଲା ଭାରତବର୍ଷ ପାଇଁ ଏକ କଳଙ୍କିତ ଦିବସ। ଏହି ଦିନ ଭାରତବର୍ଷରେ ପ୍ରଚଳିତ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାକୁ ବେଖାତିର କରି ଲାଗୁ ହୋଇଥିଲା ଜରୁରୀକାଳୀନ ପରିସ୍ଥିତି ବୋଲି ପାର୍ଟିର ଜିଲ୍ଲା କମିଟିର ସଦସ୍ୟ ଦିଲ୍ଲୀପ କୁମାର ଗିରିତା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦିଲ୍ଲୀପ ପରିଡ଼ା, ଲକ୍ଷ୍ମୀଧର ପୋଲାଇ, ସବିତା ଭୂୟାଁ, ଆରତୀ ପୋଲାଇ, ପ୍ରକାଶ ଦେ, ସୁବ୍ରତ ବିଶ୍ୱାଳ, ଗଣେଶ ପାତ୍ର, ସୁଶାନ୍ତ ରାଉତ ବକ୍ତବ୍ୟ ରଖିଥିଲେ।

# କୁନି ପୁଅର ଚିକିତ୍ସାରେ ଅର୍ଥାଭାବ

■ ଅସହାୟ ପରିବାରକୁ ହେଲ୍ପ ଫର ୟୁ ଫାଉଣ୍ଡେସନର ସହାୟତା



ଜଳେଶ୍ୱର ବ୍ଲକ, ୨୬।୬ (ସମିସ) : ଏକମାତ୍ର ପୁଅ ଶକ୍ତି ଧଳର ଦେହ ହଠାତ ଅସୁସ୍ଥ ହୋଇପଡ଼ିଲା। ବାପା ବରେନ୍ଦ୍ର ଓ ମା' ଛବିରାଣୀ ତୁରନ୍ତ ପୁଅକୁ ନିକଟସ୍ଥ ମେଡିକାଲକୁ ନେଇଯାଇଥିଲେ। ପରୀକ୍ଷାନିରୀକ୍ଷା ପରେ ଜଣାପଡ଼ିଲା ପୁଅର ଖାଦ୍ୟ ନଳୀ ଓ ପାକସ୍ଥଳୀ ନଷ୍ଟ ହେବାରେ ଲାଗିଛି। ଧାର ଉଦ୍ଧାର କରି ସୁସ୍ଥ ହେବାର କିଛି ମାସ ପରେ ପୁଅର ମାନସିକ ସ୍ଥିତି ବିଗିଡ଼ିବା ସହ କିଡ୍‌ନୀ ନଷ୍ଟ ହେଉଥିବା ଜଣାପଡ଼ିଥିଲା। ପାଖରେ ଥିବା ଗହଣା ଗାଣ୍ଠି ବିକି ପୁଅକୁ ଭଲ କରାଇଥିଲେ। ଏହାର ୬ ମାସ ପରେ ଏକ ଦୁର୍ଘଟଣାରେ ଶକ୍ତିର ଦୁଇଟି ଗୋଡ ସହିତ ଅଣ୍ଟା ଭାଙ୍ଗି ଯାଇଥିଲା।

ଗାଁରେ ମାଗିଯାଚି କିଛି ଅର୍ଥ ଯୋଗାଡ଼ କରି ପୁଅର ୩ଟି ଅସ୍ତ୍ରୋପଚାର କରାଯାଇଛି, ଆଉ ଗୋଟିଏ ଅସ୍ତ୍ରୋପଚାର ହେଲେ ପୁଅ ସୁସ୍ଥ ହେବ ବୋଲି ଡାକ୍ତର କହିଛନ୍ତି। ହେଲେ ଏଥିପାଇଁ ଅର୍ଥ ବାଧକ ସାଜିଛି। ଅଭାବ ଅନଟନ ବିତୁଥିବା ପରିବାରରେ ଗୋଟିଏ ଓଳି ଚୁଲି ଜଳିଲେ ଆର ଓଳି ଓପାସ। ଝିଅ ସପ୍ତମ ଶ୍ରେଣୀରେ ପଢୁଛି, ଆଗକୁ ତାକୁ ପଢ଼ାଇବା ପାଇଁ ପରିବାରର ସମ୍ବଳ ନାହିଁ। ଏ ହେଉଛି ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଗଡ଼ସାହି ବାଲିଆପାଳ ଗ୍ରାମର ବରେନ୍ଦ୍ର ଧଳଙ୍କ ପରିବାରର କରୁଣ କାହାଣୀ। ଏ ବାବଦରେ ଖବରପାଇ ସ୍ୱେଚ୍ଛାସେବୀ ସଂଗଠନ ହେଲ୍ପ ଫର ୟୁ ଫାଉଣ୍ଡେସନର ସମସ୍ତ ସଦସ୍ୟ ସଦସ୍ୟା ମାନଙ୍କ କିଛି କିଛି ଆର୍ଥିକ ଅବଦାନରେ ସହାୟତା ପାଇଁ ପ୍ରୟାସ କରିଛନ୍ତି। ପୁଅର ଚିକିତ୍ସା ପାଇଁ କିଛି ଆର୍ଥିକ ସହାୟତା ସହିତ କିଛି ରେସନ ସାମଗ୍ରୀ, ପରିବାରକୁ ନୂତନ ବସ୍ତ୍ର, କୁନି ଝିଅ ପାଇଁ ପାଠ୍ୟ ସାମଗ୍ରୀ ପ୍ରଦାନ କରିଛନ୍ତି। ଉକ୍ତ ପରିବାରକୁ ସରକାରୀ ସ୍ତରରେ ସହାୟତା ଯୋଗାଇବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

# ପୋଖରୀରେ ପଡ଼ି ବାଳିକା ମୃତ

ସିମୁଳିଆ, ୨୬।୬ (ସମିସ): ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ଚାଲିଶିଗାଁ ପଞ୍ଚାୟତ ହରିପୁର ଗ୍ରାମରେ ଏକ ନାବାଳିକାର ପୋଖରୀରେ ପଡ଼ି ମୃତ୍ୟୁ ଘଟିଛି। ମୃତକ ଜଣକ ଭଦ୍ରକ ଜିଲ୍ଲା ଜିରାଗୁମୁରି ଗ୍ରାମର ମନୋଜ ବେହେରାଙ୍କ ଝିଅ ଗୀତାଞ୍ଜଳି(୧୧)। ମାମୁ ଘରକୁ ବୁଲିବାକୁ ଆସିଥିବାବେଳେ ଗୀତାଞ୍ଜଳି ଶୌଚ ହେବା ପାଇଁ ଗାଁ ପୋଖରୀକୁ ଯାଇ ଆଉ ଫେରିନଥିଲା। ପରେ ମାମୁ ଘର ଲୋକେ ଖୋଜାଖୋଜି କରି ପୋଖରୀରୁ ଭାଣିଜୀକୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ସିମୁଳିଆ ମେଡିକାଲ ନେଇଥିଲେ। ହେଲେ ସେଠାରେ ଡାକ୍ତର ପରୀକ୍ଷା କରି ମୃତ ଘୋଷଣା କରିଥିଲେ।

# ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଆନ୍ଦୋଳନ



ଭୋଗରାଇ, ୨୬।୬ (ସମିସ) : ଭୋଗରାଇ ଗ୍ରାମ୍ୟ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନ ସମ୍ମୁଖରେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଆଜି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜ୍ୟରେ ମହିଳା ମାନଙ୍କ ଉପରେ ହେଉଥିବା ଦୁଷ୍କର୍ମ, ହତ୍ୟା ଓ ନାରୀ ନିର୍ଯ୍ୟାତନା ଦିନକୁ ଦିନ ବଢ଼ି ଚାଲିଥିବା ବେଳେ ରାଜ୍ୟର ବିଜେପି ସରକାର ନିରବଦ୍ରଷ୍ଟା ସାଜିଛି। ରାଜ୍ୟ ସରକାରଙ୍କୁ ଚେତାଇବା ପାଇଁ ଶହ ଶହ ଛାତ୍ର ଓ ଛାତ୍ରୀ କଲେଜ ସମ୍ମୁଖରେ ନାରାବାଜି କରିଥିଲେ। ଗୋପାଳପୁର ବେଳାଭୂମିରେ ଘଟିଥିବା ଗଣଦୁଷ୍କର୍ମ ଘଟଣାକୁ ଘୋର ନିନ୍ଦା କରିଥିଲେ। ଦୁଷ୍କର୍ମକାରୀ ମାନଙ୍କୁ ଆଇନତଃ କଠୋର ଦଣ୍ଡ ଦେବା ପାଇଁ ସରକାର ପାଖରେ ଦାବି ରଖିଥିଲେ। ଛାତ୍ରଛାତ୍ରୀ ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କ କୁଶପୁତ୍ତଳିକା ଦାହ କରିବା ସହିତ ବିଜେପି ସରକାରଙ୍କୁ ସମାଲୋଚନା କରିଥିଲେ। ଏହି ଆନ୍ଦୋଳନରେ ବିଜୁ ଛାତ୍ର ଜନତା ଦଳର ସଭାପତି ଚିନ୍ମୟ କୁମାର ପାତ୍ର, ଚନ୍ଦନ ପାତ୍ର, ଶୁବାଶିଷ ପଣ୍ଡା, ରାଧାକାନ୍ତ ପଣ୍ଡା, ବଳରାମ ନାୟକ, ସୁବ୍ରମଣ୍ୟମ ମହାନ୍ତି, ବିପ୍ଳବ ଜେନା, ବିଷ୍ଣୁପଦ ପ୍ରଧାନ, ରାକେଶ ଓଝା, ପତି ସିଂ, ତପନ ମହାକୁଡ଼, ରୁଦ୍ରଶ୍ରୀ ମାଝୀ, ଶୁଭରଞ୍ଜନ ଜେନା, ଗୌର ମହାନ୍ତି, ଶିବଶଙ୍କର ଜେନା, ତୁଳସୀ ବେହେରା, ଶୁଭଶ୍ରୀ ଗିରି, ଆଦି ଶହ ଶହ ଛାତ୍ରଛାତ୍ରୀ ସରକାରଙ୍କ ବିରୁଦ୍ଧରେ ନାରାବାଜି କରିଥିଲେ।

# ଆନ୍ତର୍ଜାତିକ ନିଶା ନିବାରଣ ଦିବସ




ଜଳେଶ୍ୱର ବ୍ଲକ, ୨୬।୬ (ସମିସ): ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା), ଆମ୍ବେଦକର ସମତା ମଞ୍ଚ ଏବଂ ଜଳେଶ୍ୱର ଶାଖା ମିଳିତ ସହଯୋଗରେ ଆନ୍ତର୍ଜାତିକ ନିଶା ନିବାରଣ ଦିବସ ଆଜି ଜଳେଶ୍ୱର ଶାନ୍ତିଆସ୍ଥିତ ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟରେ ପାଳିତ ହୋଇଛି।

ଆମ୍ବେଦକର ସମତା ମଞ୍ଚ ଜଳେଶ୍ୱର ଶାଖାର ସଭାପତି ଅଶୋକ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଓ ମୁଖ୍ୟ ବକ୍ତା ଭାବେ ମୋନାର ଉପ ସଭାପତି ଅର୍ଜୁନ ସାମନ୍ତରାଏ, ସମ୍ପାଦକ ମନମୋହନ ମିଶ୍ର ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ନିଶାମୁକ୍ତ ସୁସ୍ଥ ସମାଜ ଗଠନ କରି ଗାନ୍ଧିଜୀଙ୍କ ସ୍ୱପ୍ନଙ୍କୁ ସାକାର କରିବାକୁ ଆହ୍ୱାନ କରି ଥିଲେ। ସମ୍ମାନିତ ଅତିଥି ଭାବେ ଜଗନ୍ନାଥ ଡିଗ୍ରୀ କଲେଜର ଅଧ୍ୟକ୍ଷ ସରୋଜ କୁମାର ମହାନ୍ତି, ଷ୍ଟାରଲିଂ ମିଶ୍ର ଏବଂ ରବୀନ୍ଦ୍ର ସେନାପତି ବକ୍ତବ୍ୟ ରଖିଥିଲେ। ଆମ୍ବେଦକର ସମତା ମଞ୍ଚର ସମ୍ପାଦକ ନିରୋଜ ବେହେରା, ମୋନାର ସମ୍ପାଦକ ପ୍ରଦୀପ ସିଂ, ରବୀନ୍ଦ୍ର ସେନାପତି ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।


# ଦୁଇ ହାତ ଉଚ୍ଚ ରଥ ଗଢ଼ିଲେ ଭାଇ ଭଉଣୀ

ବାଲେଶ୍ୱର, ୨୬।୬(ସମିସ)





ରଥଯାତ୍ରା ପାଇଁ ତିଆରି ସରିଛି ତିନୋଟି ରଥ। ହାତରେ ନିଖୁଣ ଓ ସୂକ୍ଷ୍ମ କାମରେ ତିଆରି ଏହି ତିନି ରଥ। ଦୁଇ ହାତ ଉଚ୍ଚତାର ରଥକୁ ତିଆରି କରିଛନ୍ତି ଭାଇ ଭଉଣୀ। ନିଜର ପାଠପଢ଼ା ସହ ଏପରି ହସ୍ତଶିଳ୍ପ କାମରେ ନିଜ ପ୍ରତିଭାକୁ ପ୍ରସ୍ଫୁଟିତ କରୁଛନ୍ତି। ବିଭିନ୍ନ ସାମଗ୍ରୀ ଓ ରଙ୍ଗ ବ୍ୟବହାର କରି ତିନୋଟି ରଥର ନିର୍ମାଣ କାମ ଶେଷ କରିଛନ୍ତି। କାଲି ରଥଟଣା କାର୍ଯ୍ୟକ୍ରମ ଅୟୋଜନ କରିବେ। ଭକ୍ତ ଓ ଭଗବାନଙ୍କ ମିଳନର ପର୍ବ ରଥଯାତ୍ରା ପାଇଁ ତିନୋଟି କୁନି ରଥ ଗଢ଼ିଛନ୍ତି ଭାଇଭଉଣୀ। ଅବିକଳ ପୁରୀରେ ତିନି ରଥ ପରି ତିନୋଟି ରଥ ଗଢିବାର ପ୍ରୟାସ କରିଛନ୍ତି। ଏମିତି ଯୁବ ପ୍ରତିଭା ହେଉଛନ୍ତି ବାଲେଶ୍ୱର ସହର ବାରବାଟି ଅଞ୍ଚଳର ଦେବସ୍ମିତା ଓ ଅଭିଷେକ। ଶ୍ରୀକାନ୍ତ ନାୟକ ଓ ଅମିତା ନାୟକଙ୍କ ଝିଅ ଦେବସ୍ମିତା ଓ ପୁଅ ଅଭିଷେକ। ଦେବସ୍ମିତା ଜୀବବିଜ୍ଞାନ ସ୍ନାତକ ଶିକ୍ଷା ସମାପ୍ତ ପରେ ବର୍ତ୍ତମାନ ବିଇଡି ପାଠ୍ୟକ୍ରମରେ ଅଧ୍ୟୟନ କରୁଛନ୍ତି। ସେହିପରି ସାନଭାଇ ଅଭିଷେକ ଜୀବ ବିଜ୍ଞାନରେ ସ୍ନାତକ ଶିକ୍ଷା ପରେ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି ଜାରି ରଖିଛନ୍ତି। ତେବେ ପାଠପଢ଼ା ସହିତ ଭାଇ ଭଉଣୀ ରଥଯାତ୍ରା ପାଇଁ ପ୍ରସ୍ତୁତି ମଧ୍ୟ ଜାରି ରଖିଛନ୍ତି। ଅକ୍ଷୟ ତୃତୀୟା ଠାରୁ ଆରମ୍ଭ କରି ନବଯୌବନ ଦର୍ଶନ ସୁଦ୍ଧା ଏହି ତିନୋଟି ରଥ ସେମାନେ କାର୍ଡ ବୋର୍ଡ, ପିଭିସି ପାଇପ୍, ଅବ୍ୟବହୃତ କଲମ, ସୋଲ, କପଡ଼ା ଦ୍ୱାରା ନିର୍ମାଣ କରିବା ସହ ରଥରେ ଥିବା ହଂସ, ଦ୍ୱାରପାଳ, ରଥର ସାରଥିଙ୍କୁ ତୂଳୀ ରଙ୍ଗରେ ଚିତ୍ରିତ କରିଛନ୍ତି। ନଅ ଦିନ ଯାଏଁ ଅନୁଷ୍ଠିତ ହେଉଥିବା ଏହି ଯାତ୍ରାରେ ଅବକାଶ, ମଙ୍ଗଳ ଆଳତୀ, ସକାଳ ଧୂପ, ଛେରାପହଁରା, ପ୍ରଭାପୂଜା ଆଦି ନୀତି ଆୟୋଜନ କରିବା ସହିତ ପୋଡ଼ପିଠା, ରସଗୋଲା, ଛେନା ପୋଡ଼, ଖେଚୁଡି ଅନ୍ନ ପରି ସୁମିଷ୍ଟ ପ୍ରସାଦ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଭୋଗ ରୂପେ ଲାଗିଥାଏ ବୋଲି ଉଭୟ ପ୍ରତିକ୍ରିୟା ରଖିଛନ୍ତି। ଆଗାମୀ ଦିନରେ ସୁନାବେଶ ଆୟୋଜନ କରିବା ପାଇଁ ଇଚ୍ଛୁକ ଥିବା ଉଭୟ କହିଛନ୍ତି।



## ଡାକ୍ତରଖାନାରୁ ରାଜ୍ୟବାସୀଙ୍କୁ ରଥଯାତ୍ରା ଶୁଭେଚ୍ଛା ଜଣାଇଲେ ନବୀନ

■ **ଭୁବନେଶ୍ୱର,୨୬।୬(ସମିସ):** ବିରୋଧୀଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କୁ ରଥଯାତ୍ରାର ଶୁଭେଚ୍ଛା ଜଣାଇଛନ୍ତି। ମୁମ୍ବାଇରୁ ଏକ ଭିଡିଓ ବାର୍ତ୍ତା ଯୋଗେ ନବୀନ ରାଜ୍ୟବାସୀଙ୍କୁ ରଥଯାତ୍ରାର ଶୁଭେଚ୍ଛା ବାର୍ତ୍ତା ଦେଇଛନ୍ତି। ମୁମ୍ବାଇସ୍ଥିତ କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ନବୀନଙ୍କ ସର୍ଭିକାଲ୍ ଆର୍ଥ୍ରାଇଟିସ୍ ଅସ୍ତ୍ରୋପଚାର ହୋଇଛି ଓ ପରବର୍ତ୍ତୀ ଚିକିତ୍ସା ଜାରି ରହିଛି। ଏହି ସ୍ଥିତିରେ ହସ୍ପିଟାଲ ବେଡ୍‌ରୁ ଏକ ବାର୍ତ୍ତା ଜାରି କରି ନବୀନ ରାଜ୍ୟବାସୀଙ୍କୁ ରଥଯାତ୍ରାର ଶୁଭେଚ୍ଛା ଜଣାଇଛନ୍ତି। ଭିଡିଓ ବାର୍ତ୍ତାରେ ନବୀନ କହିଛନ୍ତି, "ଭାଇ ଓ ଭଉଣୀମାନେ ! ଆପଣମାନଙ୍କୁ ମୋ'ର ନମସ୍କାର। ରଥଯାତ୍ରା ପାଇଁ ଆପଣମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ଜୟ ଜଗନ୍ନାଥ"।


# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-3 ◆BHUBANESWAR ◆FRIDAY ◆27 JUNE 2025 ◆PAGE-14 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୩ ◆ଭୁବନେଶ୍ୱର ◆ଶୁକ୍ରବାର ◆୨୭ ଜୁନ୍ ୨୦୨୫ ◆ପୃଷ୍ଠା-୧୪ ◆ଟ.୬.୦୦


### ନବୀନଙ୍କ ଶୀଘ୍ର ଆରୋଗ୍ୟ ନିମନ୍ତେ ବହୁ ଜାତୀୟ ନେତାଙ୍କ କାମନା


## ସୁସ୍ଥତା କାମନା କଲେ ପାୱାର, ଷ୍ଟାଲିନ୍

■ **ଭୁବନେଶ୍ୱର,୨୬।୬(ସମିସ):** ମୁମ୍ବାଇରେ ଚିକିତ୍ସାଧୀନ ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ଶୀଘ୍ର ଆରୋଗ୍ୟ ନିମନ୍ତେ କାମନା କରିଛନ୍ତି ବହୁ ଜାତୀୟନେତା। କିଛି ନେତା ନବୀନଙ୍କ ସହ ବ୍ୟକ୍ତିଗତ କଥା ହୋଇ ତାଙ୍କର ଦ୍ରୁତ ଆରୋଗ୍ୟ ଓ ସମ୍ପୂର୍ଣ୍ଣ ସୁସ୍ଥ ହେବାକୁ ନିମନ୍ତେ କାମନା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖଡ୍‌ଗେ ନବୀନଙ୍କ ସହ କଥା ହୋଇ ତାଙ୍କର ସୁସ୍ଥ ଜୀବନ କାମନା କରିଛନ୍ତି। ଅନ୍ୟପକ୍ଷରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ.କେ. ଷ୍ଟାଲିନ୍, ଏନ୍‌ସିପି ମୁଖ୍ୟ ସରଦ ପାୱାର୍, ସାଂସଦ ସୁପ୍ରିୟା ସୁଲେ, ପୂର୍ବତନ ସାଂସଦ ତଥା ବରିଷ୍ଠ ଆଇନଜୀବୀ ଅଭିଷେକ ମନୁସିଂଘଭୀ, ଶିବସେନା ସାଂସଦ ପ୍ରିୟଙ୍କା ଚତୁର୍ବେଦୀ, କଂଗ୍ରେସ ସାଂସଦ ଶଶୀ ଥରୁର୍, ଆର୍‌ଜେଡି ସାଂସଦ ମନୋଜ ଝା, ସିପିଆଇଏମ୍ ସାଂସଦ ▶ପୃଷ୍ଠା-୭


# ଇତିହାସ ରଚିଲେ ଶୁଭାଂଶୁ

## ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ୍‌ରେ ପାଦ ଥାପିଲେ ପ୍ରଥମ ଭାରତୀୟ

■ **ଫ୍ଲୋରିଡ଼ା, ୨୬।୬ (ଏଜେନ୍ସି):** ଭାରତର ମହାକାଶ ଯାତ୍ରାରେ ଭାରତୀୟ ବାୟୁସେନା ପାଇଲଟ୍ ଶୁଭାଂଶୁ ଶୁକ୍ଳା ନୂଆ ଅଧ୍ୟାୟର ଶୁଭାରମ୍ଭ କରିଛନ୍ତି। ପ୍ରଥମ ଭାରତୀୟ ଭାବେ ସେ ଇତିହାସ ସୃଷ୍ଟି କରିଛନ୍ତି। ଦୀର୍ଘ ୨୮ ଘଣ୍ଟାର ଯାତ୍ରା ପରେ ଶୁଭାଂଶୁ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ (ଆଇଏସଏସ)ରେ ପହଞ୍ଚି ଏହି ଉପଲବ୍ଧି ହାସଲ କରିଛନ୍ତି। ଗୁରୁବାର ସନ୍ଧ୍ୟା ୬ଟା ୧୦ରେ ମହାକାଶ ଷ୍ଟେସନର ହ୍ୟାଚ୍ ଖୋଲିଥିଲା। ଶୁଭାଂଶୁଙ୍କ ସମେତ ୪ ମହାକାଶ ଯାତ୍ରୀ ଆଇଏସଏସ ଭିତରେ ପ୍ରବେଶ କରିଥିଲେ। ନାସା ପକ୍ଷରୁ ଆଇଏସଏସ ସହ ଡ୍ରାଗନ କ୍ରୁ କ୍ୟାପସୁଲ ଯୋଡିହେବାର ଏବଂ ମହାକାଶଯାତ୍ରୀ ଭିତରେ ପ୍ରବେଶ କରୁଥିବାବେଳେ ସିଧାପ୍ରସାରଣ କରାଯାଇଥିଲା। ପୂର୍ବରୁ ମହାକାଶ ଷ୍ଟେସନରେ ଥିବା ୭ ମହାକାଶ ଯାତ୍ରୀ ଶୁଭାଂଶୁଙ୍କ ଟିମ୍‌କୁ ସ୍ୱାଗତ କରିଥିଲେ। ପରେ ଏହି ଚାରି ଜଣ ମହାକାଶ ଯାତ୍ରୀ ଫଟୋ ଉଠାଇ ଫଏଲ ପ୍ୟାକେଟରେ ଥିବା ତରଳ ପାନୀୟ ପିଇଥିଲେ।



ଏହି ୪ ଜଣ ମହାକାଶ ଯାତ୍ରୀ ଅକ୍ସିଅମ-୪ ଅଭିଯାନରେ ବୁଧବାର ଫ୍ଲୋରିଡା ସ୍ଥିତି କେନେଡି ସ୍ପେସ୍ ସେଣ୍ଟରରୁ ଆଇଏସଏସ ଅଭିମୁଖେ ଉଡ଼ାଣ ଆରମ୍ଭ କରିଥିଲେ। ଆଇଏସଏସ୍‌ରେ ପହଞ୍ଚିବା ପରେ ମହାକାଶଚାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଠାରେ ଶୁଭାଂଶୁ କହିଥିଲେ ଯେ ମହାକାଶରୁ ପୃଥିବୀର ଅଦ୍ଭୁତ ଦୃଶ୍ୟ ଦେଖିବାକୁ ପାଇଥିବା ନିର୍ଦ୍ଦିଷ୍ଟ ଲୋକଙ୍କ ମଧ୍ୟରେ ସାମିଲ ହେବା ସୌଭାଗ୍ୟର ବିଷୟ। ଲୋକଙ୍କ ଭଲ ପାଇବା ଏବଂ ଆଶୀର୍ବାଦ ପାଇଁ ଆଇଏସଏସରେ ପହଞ୍ଚି ପାରିଲି। ଏଠାରେ ଛିଡ଼ା ହେବା ବହୁତ ସହଜ ଦେଖାଯାଉଛି, କିନ୍ତୁ ଏହା ଅତ୍ୟନ୍ତ କଠିନ। ମୋ ମୁଣ୍ଡ ଭାରି ଭାରି ଲାଗୁଛି। ଟିକେ ସମସ୍ୟା ହେଉଛି, କିନ୍ତୁ ଏହା ବହୁତ ସାଧାରଣ କଥା। ଧୀରେ ଧୀରେ ଏହାର ଅଭ୍ୟାସ ହୋଇଯିବ। ଏହା ପୂର୍ବରୁ ଶୁଭାଂଶୁ ମହାକାଶଯାନରୁ ଲାଇଭ ଆଲୋଚନା ସମୟରେ କହିଥିଲେ ଯେ ମହାକାଶରୁ ନମସ୍କାର। ଏଠାରେ ଶିଶୁଙ୍କ ଭଳି ଶିଖୁଛି। ମହାକାଶରେ ଚାଲିବା ଏବଂ କେମିତି ଖାଇବାକୁ ପଡେ ଶିକ୍ଷା କରୁଛି। ସୂଚନାଯୋଗ୍ୟ ଯେ ଯାନ୍ତ୍ରିକ ତ୍ରୁଟି ଏବଂ ଅନ୍ୟ କୌଣସି କାରଣରୁ ପୂର୍ବରୁ ଅକ୍ସିଅମ-୪ ଅଭିଯାନକୁ ୬ ଥର ଘୁଞ୍ଚା ଯାଇଥିଲା।






### ଦେଢ଼ ବର୍ଷ ପରେ ଦଣ୍ଡାଦେଶ

## କାଶ୍ମୀର ଯୁବକକୁ ୫ବର୍ଷ ଜେଲ୍




■ **ଧର୍ମଶାଳା/ବଡ଼ଚଣା, ୨୬।୬ (ସମିସ):** ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ନେଉଳପୁର ମିଲତନଗରରୁ ଗତ ୨୦୨୩ ମସିହା ଡିସେମ୍ବର ୧୨ତାରିଖରେ ଗିରଫ ହୋଇଥିବା କାଶ୍ମୀର ଯୁବକ ସୟଦ୍ ଅହେସାନ ବୁଖାରୀକୁ ଠକେଇ ମାମଲାରେ ଚଣ୍ଡିଖୋଲ ଜେଏମ୍‌ଏଫ୍‌ସି କୋର୍ଟ ଆଜି ୫ ବର୍ଷ କାରାଦଣ୍ଡାଦେଶ ଶୁଣାଇଛନ୍ତି।

ସୂଚନା ମୁତାବକ, କାଶ୍ମୀର ଯୁବକ ବୁଖାରୀ ନିଜକୁ କାଶ୍ମୀର ମେଡିକାଲର ଜଣେ ପ୍ରତିଷ୍ଠିତ ଡାକ୍ତର ପରିଚୟ ଦେଇ ନେଉଳପୁର ଗ୍ରାମରେ ଜଣେ ଶିକ୍ଷୟିତ୍ରୀଙ୍କୁ ଅନ୍‌ଲାଇନ ସଂପର୍କ ରଖିଥିଲେ। ପରେ ତାଙ୍କ ସହିତ ବିବାହ କରି ନେଉଳପୁର ପଞ୍ଚାୟତର ମିଲତନଗରରେ ଏକ ଭଡ଼ା ଘରେ ପତ୍ନୀ ସହିତ ରହିଆସୁଥିଲା। ତାର ପତ୍ନୀ ସେଠାରେ ଥିବା ଏକ ଘରୋଇ ସ୍କୁଲରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ବୁଖାରୀ ଅଧିକାଂଶ ସମୟ କାଶ୍ମୀରରେ ରହୁଥିବା ବେଳେ ମଝିରେ ମାସେ ଦୁଇମାସ ପାଇଁ ମିଲତନଗରରେ ଥିବା ଭଡା ଘରେ ରହୁଥିବା ତା' ପତ୍ନୀ ଓ ସାତ ବର୍ଷର ଝିଅ ପାଖକୁ ଆସି ରହିଥାଏ। ତେବେ ତାର ହାବଭାବରେ ପାକିସ୍ତାନ ଲିଙ୍କ୍ ଥିବା ସନ୍ଦେହ କରି ଏସଟିଏଫ୍ ଟିମ ତାକୁ ମିଲତନଗରସ୍ଥିତ ଭଡ଼ା ଘରେ ଚଢ଼ଉ କରି ଉଠାଇ ନେଇଥିଲା। ବିଭିନ୍ନ ମାମଲାରେ ତାର ▶ପୃଷ୍ଠା-୭






# ଦୋମୁହାଁ ନୀତିକୁ ଭାରତର ବିରୋଧ

## ଏସ୍‌ସିଓ ମିଳିତ ବିବୃତିରେ ସ୍ୱାକ୍ଷର କରିବାକୁ ମନାକଲେ ରାଜନାଥ



■ ଆତଙ୍କବାଦ ନେଇ ବୈଠକରେ ଦୋମୁହାଁ ନୀତି

■ ବେଲୁଚିସ୍ତାନ ରହିଛି; ପହଲଗାମ ବାଦ୍

ନୂଆଦିଲ୍ଲୀ, ୨୬।୬(ଏଜେନ୍ସି): ଚୀନ୍‌ର କିଙ୍ଗଦାଓ ରାଜ୍ୟରେ ଗୁରୁବାର ସାଂଘାଇ କୋପରେସନ ଅର୍ଗାନାଇଜେସନ (ଏସ୍‌ସିଓ) ରେ ବିଭିନ୍ନ ଦେଶର ପ୍ରତିରକ୍ଷା ମନ୍ତ୍ରୀମାନଙ୍କ ବୈଠକ ହୋଇଛି। ଏଥିରେ ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ ପାକିସ୍ତାନର ଖ୍ୱାଜା ଆସିଫ୍ ଯୋଗ ଦେଇଛନ୍ତି। କିନ୍ତୁ ରାଜନାଥ ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ଭେଟି ନଥିଲେ। ଏସିଓର ମିଳିତ ବିବୃତିରେ ସ୍ୱାକ୍ଷର କରିବାକୁ ରାଜନାଥ ମନା କରିଦେଇଛନ୍ତି। ଏଥିରେ ଜମ୍ମୁ- କଶ୍ମୀର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ସାମିଲ କରାଯାଇ ନଥିଲା। କିନ୍ତୁ ଏଥିରେ ପାକିସ୍ତାନର ବେଲୁଚିସ୍ତାନ ରାଜ୍ୟରେ ହୋଇଥିବା ଆତଙ୍କବାଦୀ ଘଟଣା ଉଲ୍ଲେଖ ଥିଲା।

ଏ ନେଇ ଭାରତ ଖୋଲାଖୋଲି ଭାବେ ତା'ର ଅସନ୍ତୋଷ ଜାହିର କରିଛି। କିଛି ଦେଶ ଆତଙ୍କବାଦ୍‌କୁ ନିଜର ନୀତି ଭାବେ ଗ୍ରହଣ କରିଛନ୍ତି। ଏହି ଦେଶଗୁଡିକ ଆତଙ୍କବାଦୀକୁ ଶରଣ ଦେଉଛନ୍ତି ଓ ଏହାକୁ ଅସ୍ୱୀକାର ମଧ୍ୟ କରୁଛନ୍ତି। ଏଭଳି ଦୋମୁହାଁ ନୀତିର କୌଣସି ସ୍ଥାନ ନାହିଁ। ଆତଙ୍କବାଦର କେନ୍ଦ୍ରସ୍ଥଳୀ ଏବେ ସୁରକ୍ଷିତ ନୁହଁ ବୋଲି ଏହି ଦେଶଗୁଡିକୁ ଏବେ ହୃଦୟଙ୍ଗମ କରିବାକୁ ହେବ। ଏସ୍‌ସିଓକୁ ଏହି ଭଳି ଆଚରଣ ପ୍ରଦର୍ଶନ କରୁଥିବା ଦେଶଗୁଡିକୁ ସମାଲୋଚନା କରିବାରେ କୁଣ୍ଠାବୋଧ କରିବା ଉଚିତ ନୁ।ହେଁ ବୋଲି ରାଜନାଥ କହିଛନ୍ତି। ଏସ୍‌ସିଓରେ ପ୍ରତିରକ୍ଷା ମନ୍ତ୍ରୀମାନଙ୍କର ଚାଲିଥିବା ଦୁଇଦିନିଆ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସବୁଦେଶ ଏକାଠି ହୋଇ ସହମତି ପ୍ରକାଶ କରିପାରିନାହାନ୍ତି ବୋଲି ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି। ଖାସ୍ ଏଥିପାଇଁ ଏହି ଦସ୍ତାବିଜ୍‌କୁ ଅନ୍ତିମ ରୂପ ଦିଆଯାଇନାହିଁ। ଆତଙ୍କବାଦ ଓ ଏଥି ସହିତ ଜଡିତ ସମସ୍ୟା ଓ ଚିନ୍ତା ନେଇ ମିଳିତ ବିବୃତିରେ ସ୍ଥାନ ଦେବାକୁ ଭାରତ ଚାହୁଁଥିଲା। କିନ୍ତୁ ପାକିସ୍ତାନ ନ ନେଇ କେବଳ ଗୋଟିଏ ଦେଶକୁ ଏହା ମଞ୍ଜୁର ନଥିଲା ବୋଲି ସେ କହିଛନ୍ତି। ସବୁ ୧୧ଟି ଦେଶକୁ ଏକାଠି ହୋଇ ଆତଙ୍କବାଦ ବିରୋଧରେ ଲଢ଼ିବାକୁ ଭାରତ ଅପିଲ କରିଥିଲା। ଏହି ବୈଠକରେ ରାଜନାଥ ୪ଟି ପଏଣ୍ଟକୁ ଗୁରୁତ୍ୱ ଦେଇଥିଲେ। ଉଗ୍ରବାଦ ଓ ଆତଙ୍କବାଦ ଏବେ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି ଓ ଆତଙ୍କାବଦ ବିରୋଧରେ ଜିରୋ ଟଲରାନ୍ସକୁ ଗୁରୁତ୍ୱ ଦେବାକୁ ସେ କହିଛନ୍ତି। ସେହିପରି ଦେଶଗୁଡିକ ମଧ୍ୟରେ ହେଉଥିବା ସଂଘର୍ଷକୁ କଥାବାର୍ତ୍ତା ମଧ୍ୟରେ ରୋକିବାକୁ ଏବଂ କରୋନା ଭଳି ବିଶ୍ୱସ୍ତରୀୟ ଚ୍ୟାଲେଞ୍ଜକୁ ସାମ୍ନା କରିବାକୁ ସମସ୍ତେ ଏକାଠି ହୋଇ କାର୍ଯ୍ୟ କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ବୈଠକରେ ଭାରତ ସମେତ ଚୀନ, ରୁଷ, ଇରାନ, ପାକିସ୍ତାନ, ତାଜିକିସ୍ତାନ, ଉଜବେକିସ୍ତାନ, ବେଲାରୁଷ, କିରଗିସ୍ତାନ ଓ କାଜକସ୍ତାନର ପ୍ରତିନିଧି ଯୋଗଦେଇଥିଲେ।

## ଅହମଦାବାଦ ବିମାନ ଦୁର୍ଘଟଣା
## ମିଳିଲା ବ୍ଲାକବକ୍ସ ତଥ୍ୟ

ଅହମଦାବାଦ୍, ୨୬।୬(ଏଜେନ୍ସି): ଅହମଦାବାଦ୍‌ରେ ଜୁନ୍ ୧୨ରେ ହୋଇଥିବା ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାର ବ୍ଲାକ ବକ୍ସର ଡାଟା ରିକଭର ହୋଇଛି। ଏହି ଡାଟା ତଥା ତଥ୍ୟକୁ ଡାଉନଲୋଡ କରାଯାଇଛି ବୋଲି ସରକାରଙ୍କ ତରଫରୁ କୁହାଯାଇଛି। ମେମୋରି ମଡ୍ୟୁଲର ଆକ୍ସେସ ବି ମିଳିଯାଇଛି। ଏବେ ଯାଞ୍ଚ୍ ଏଜେନ୍ସି ମିଳିଥିବା ଡାଟାର ବିଶ୍ଳେଷଣ କରିବେ। ଏଥିରେ ଦୁର୍ଘଟଣା କାରଣ ନେଇ ସୂଚନା ମିଳିପାରିବ ବୋଲି କୁହାଯାଇଛି। ପୂର୍ବରୁ ୨୪ ତାରିଖରେ ଯାଞ୍ଚ୍ ପାଇଁ ବ୍ଲାକ୍ ବକ୍ସକୁ ବିଦେଶ ପଠାଯିବ ନାହିଁ ବୋଲି ନାଗରିକ ଉଡ୍ଡୟନ୍ ମନ୍ତ୍ରୀ ରାମମୋହନ ନାୟୁଡୁ କହିଥିଲେ। ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେସ୍ ବ୍ୟୁରୋ (ଏଏଆଇବି) ବ୍ଲାକ୍ ବକ୍ସର ଯାଞ୍ଚ୍ କରୁଛି। ବିମାନର ଦୁଇଟି ବ୍ଲାକ ବକ୍ସ ଯଥା ସିଭିଆର ଓ ଡିଏଫ୍‌ଡିଆରର ସେଟ୍ ମିଳିଛି। ଦୁର୍ଘଟଣା ସମୟରେ ପାଇଲଟ୍‌ଙ୍କ ମଧ୍ୟ ହୋଇଥିବା କଥାବାର୍ତ୍ତାର ଓ ବିମାନର ବୈଷୟିକ ତଥ୍ୟ ନେଇ ସୂଚନା ଏଥିରୁ ମିଳିପାରିବ।

## ଅଲକାନନ୍ଦାରେ ଖସି ପଡ଼ିଲା ଟ୍ରାଭେଲର୍
## ୩ ଜଣଙ୍କ ମୃତ୍ୟୁ, ୫ ନିଖୋଜ

ଉଦୟପୁର, ୨୬।୬(ଏଜେନ୍ସି): ଉତ୍ତରାଖଣ୍ଡର ଅଲକାନନ୍ଦା ନଦୀରେ ଏକ ଛୋଟ ବସ ଟ୍ରାଭେଲର ଖସିପଡ଼ିବା ଫଳରେ ୩ ଜଣ ମୃତ୍ୟୁବରଣ କରିଥିବା ବେଳେ ୫ ଜଣ ନିଖୋଜ ଅଛନ୍ତି। ଉଦୟପୁର ଓ ଗୋଗୁନ୍ଦାରୁ ୪ ଧାମକୁ ଯାତ୍ରା କରୁଥିବା ଏକ ପରିବାରର ୨୦ ଜଣ ସଦସ୍ୟଙ୍କୁ ନେଇ ଯାଉଥିବା ଟ୍ରାଭେଲର ଅଲକାନନ୍ଦାରେ ଖସି ପଡ଼ିଥିଲା। ଏହି ଦୁର୍ଘଟଣାରେ ୧୦ଜଣ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଛି। ନିଖୋଜଙ୍କ ତଲାସ ଜାରି ରହିଛି। ରୁଦ୍ରପ୍ରୟାଗ ଓ ଗୌଛର ଜିଲ୍ଲା ମଧ୍ୟରେ ବସ ଯାଉଥିବା ବେଳେ ବସ୍‌ଟିକୁ ପଛପଟୁ ଏକ ଟ୍ରକ୍ ଧକ୍କା ଦେଇଥିଲା। ଫଳରେ ନିୟନ୍ତ୍ରଣ ହରାଇ ବସ ନଦୀକୁ ଖସି ପଡ଼ିଥିଲା। ୪୦ କିମି ପର୍ଯ୍ୟନ୍ତ ଉଦ୍ଧାର କାର୍ଯ୍ୟ ଚାଲିଛି।

## ନ୍ୟୁୟର୍କ ମେୟର ପ୍ରାର୍ଥୀ ମୀରା ନାଏରଙ୍କ ପୁଅଙ୍କୁ ନେଇ ଚର୍ଚ୍ଚା

ନ୍ୟୁୟର୍କ, ୨୬।୬(ଏଜେନ୍ସି): ପ୍ରସିଦ୍ଧ ଭାରତୀୟ ସିନେମା ନିର୍ଦ୍ଦେଶିକା ମୀରା ନାଏରଙ୍କ ପୁଅ ୩୩ ବର୍ଷୀୟ ଜୋହରାନ ମାମଦାନୀ ଆମେରିକାର ନ୍ୟୁୟର୍କ ମେୟର ପଦ ପଦ ପାଇଁ ଲଢିବା ଏକପ୍ରକାର ନିଶ୍ଚିତ ହୋଇଛି। ମାମଦାନୀ ମଙ୍ଗଳବାର ରାତିରେ ନ୍ୟୁୟର୍କ ଟାଉନ୍ ପାଇଁ ଡେମୋକ୍ରାଟିକ୍ ପ୍ରାଥମିକ ନିର୍ବାଚନରେ ପୂର୍ବ ଗଭର୍ନର ଆଣ୍ଡ୍ରୁ କୁଓମୋଙ୍କୁ ପରାସ୍ତ କରି ଆଗରେ ରହିଛନ୍ତି। ଜୋହରାନ ଏପେ ଡେମୋକ୍ରାଟିକ୍ ପାର୍ଟି ତରଫରୁ ପ୍ରାର୍ଥୀ ଏବା ଏକ ପ୍ରକାର ନିଶ୍ଚିତ ହୋଇଛି। କେବଳ ସେତିକି ନୁହଁ ସେ ମେୟର ପଦ ପାଇଁ ଆୟୋଜନ ହେବାକୁ ଥିବା ସାଧରଣ ନିର୍ବାଚନରେ ବିଜୟୀ ହେବା ମଧ୍ୟ ନିଶ୍ଚିତ ହୋଇଛି। ସେ ଜଣେ ଭାରତୀୟ ବଂଶୋଦ୍ଭବ ହୋଇଥିବାରୁ ତାଙ୍କୁ ନେଇ ସବୁଠି ଚର୍ଚ୍ଚା ଚାଲିଛି।

## ଏନ୍‌କାଉଣ୍ଟରରେ ଆତଙ୍କବାଦୀ ନିହତ

ଉଧମପୁର, ୨୬।୬(ଏଜେନ୍ସି): ଜମ୍ମୁ-କଶ୍ମୀରର ଉଧମପୁରର ବସନ୍ତଗଡ଼ ଇଲାକାରେ ଗୁରୁବାର ସକାଳେ ହୋଇଥିବା ଏନ୍‌କାଉଣ୍ଟରରେ ଜଣେ ଆତଙ୍କବାଦୀ ନିହତ ହୋଇଛନ୍ତି। ଏହି ଅଞ୍ଚଳରେ ଆଉ ୩ ଜଣ ଆତଙ୍କବାଦୀ ଛପି ରହିଥିବା ଆଶଙ୍କା କରାଯାଉଛି। ସେନାବାହିନୀ ଓ ପୁଲିସର ସର୍ଚ୍ଚ ଅପରେସନ ଚାଲୁ ରହିଛି। ଗତବର୍ଷରୁ ଏହି ଅଞ୍ଚଳରେ ୪ ଆତଙ୍କବାଦୀ ଲୁଚି ରହିଥିବାର ସୂଚନା ମିଳିଥିଲା ବୋଲି ଜମ୍ମୁ ଜୋନ ଆଇଜିପି ଭିମ ସେନ୍ କହିଛନ୍ତି। ଗୁରୁବାର ସକାଳ ୮ଟାରେ ଏ ନେଇ ଠୋସ ସୂଚନା ମିଳିବା ପରେ ସର୍ଚ୍ଚ ଅପରେସନ ଚାଲୁ ରହିଛି। ଏତିକି ବେଳେ ଆତଙ୍କବାଦୀମାନେ ସୁରକ୍ଷାବଳର ଜବାନଙ୍କ ଉପରେ ଗୁଳି ଚଳାଇବା ପରେ ଜବାବି କାର୍ଯ୍ୟାନୁଷ୍ଠାନ ପରେ ଜଣେ ଆତଙ୍କବାଦୀ ଟଳି ପଡ଼ିଥିଲେ।


## ଇହୁଦୀକୁ ପରିବର୍ତ୍ତିତ ହେବା ଚର୍ଚ୍ଚାକୁ ଆର୍ମେନିଆ ପ୍ରଧାନମନ୍ତ୍ରୀଙ୍କ ଖଣ୍ଡନ

ୟେରେଭାନ, ୨୬।୬(ଏଜେନ୍ସି): ଆର୍ମେନିଆ ପ୍ରଧାନମନ୍ତ୍ରୀ ନିକୋଲ ପାଶିନୟାନଙ୍କ ବିରୋଧରେ ଏକ ନୂଆ ଅଭିଯୋଗ ଆଣିଛନ୍ତି ଦେଶର ସବୁଠାରୁ ବଡ଼ ଚର୍ଚ୍ଚର ପାଦ୍ରୀ ଫାଦର ଜୋରହ ଅଶୁରୟାନ। ଖତନା କରି ନିକୋଲ ଇହୁଦି ଧର୍ମ ଆପଣାଇଛନ୍ତି ବୋଲି ଫାଦର ସୋସିଆଲ ମିଡିଆରେ ପୋଷ୍ଟ କରି ଅଭିଯୋଗ ଆଣିଛନ୍ତି। ସେ ଖ୍ରୀଷ୍ଟିଆନ ନୁହନ୍ତି ବୋଲି କୁହାଯାଇଛି। କିନ୍ତୁ ଏହି ଅଭିଯୋଗକୁ ନିକୋଲ ଖଣ୍ଡନ କରିଛନ୍ତି। ଖତନା କରିନାହିଁ ଓ ଏ ନେଇ ପ୍ରମାଣ ଦେବାକୁ ରାଜି। ଯଦି ଚର୍ଚ୍ଚ ମୋ ଉପରେ ସନ୍ଦେହ କରୁଛି, ତେବେ ଏ ନେଇ ତଦନ୍ତର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ବୋଲି ସେ କହିଛନ୍ତି। ପୂର୍ବରୁ ନିକୋଲ ଫାଦରଙ୍କ ବିରୋଧରେ ମଧ୍ୟ ବିଭିନ୍ନ ଅଭିଯୋଗ ଆଣିଥିଲେ।

## ଟ୍ୟୁସନ କରି ମାସକୁ ୮୬ ଲକ୍ଷ ଆୟ

ନ୍ୟୁୟର୍କ, ୨୬।୬ (ଏଜେନ୍ସି): ଆଶ୍ଚର୍ଯ୍ୟ ହେଲେ ବି ସତ। ନ୍ୟୁୟର୍କର ଷ୍ଟିଭନ ମେକିଙ୍ଗ ଟ୍ୟୁସନ କରି ଘଣ୍ଟାକୁ ହଜାରେ ଡଲାର (ପ୍ରାୟ ୮୬ ହଜାର ଟଙ୍କା) ଆୟ କରୁଛନ୍ତି। ସେ ସପ୍ତାହକୁ ୨୦-୨୫ ଘଣ୍ଟା ପର୍ଯ୍ୟନ୍ତ ଟ୍ୟୁସନ କରୁଛନ୍ତି। ଏହି ପରି ଭାବେ ସେ ମାସକୁ ଘରେ ରହି ୮୬ ଲକ୍ଷ ଟଙ୍କା ଆୟ କରୁଛନ୍ତି। ଷ୍ଟିଭନ ପୂର୍ବରୁ ୱାଲ୍ ଷ୍ଟ୍ରିଟ୍ ଟ୍ରେଡରରେ କାମ କରୁଥିଲେ। କିନ୍ତୁ ଟ୍ୟୁସନ ପାଇଁ ସେ ଏହି ଚାକିରି ଛାଡ଼ି ଦେଇଥିଲେ। ସେ ପ୍ରଥମେ ସହରର ବିଭିନ୍ନ ଏଜେନ୍ସି ସହ ମିଶି କାମ କରୁଥିଲେ। ପରେ ୱାଇଜାଣ୍ଟ ଭଳି ଅନ୍‌ଲାଇନ ପ୍ଲାଟଫର୍ମ ସହ ସାମିଲ ହୋଇଥିଲେ। ପ୍ରଥମେ ସେ ଘଣ୍ଟାକୁ ୪ରୁ ୮ ହଜାର ଟଙ୍କା ପର୍ଯ୍ୟନ୍ତ ନେଉଥିଲେ। କିନ୍ତୁ ପରେ ଏଭଳି ବିଷୟ ପଢ଼ାଇଲେ ଯେଉଁଥି ପାଇଁ ତାଙ୍କ ଆୟ ବଢି ଯାଇଥିଲା।

## ଉତ୍ସବ ପାଳନ ବେଳେ ଗୁଳିବର୍ଷା; ୧୨ ମୃତ



ମେକ୍ସିକୋ ସ୍ତବ୍ଧ

ମେକ୍ସିକୋସିଟି, ୨୬।୬(ଏଜେନ୍ସି): କେନ୍ଦ୍ର ଆମେରିକୀୟ ଦେଶ ମେକ୍ସିକୋର ଗୁଆନାଜୁଆଟୋ ରାଜ୍ୟରେ ଏକ ଉତ୍ସବ ପାଳନ ଅବସରରେ ଗୁଳିମାଡରେ ୧୨ ଜଣ ଲୋକ ପ୍ରାଣ ହରାଇଛନ୍ତି। ଏହି ରାଜ୍ୟର ଇରାପୁଆଟୋ ସହରରେ ମଙ୍ଗଳବାର ରାତିରେ ଏକ ଉତ୍ସବ ପାଳନ ବେଳେ ଗୁଳିବର୍ଷା ହୋଇଥିଲା। ଏହି ଘଟଣାରେ ୨୦ଜଣ ଆହତ ହୋଇଛନ୍ତି। ସେଣ୍ଟ ଜନ୍ ଦି ବାପ୍ଟିଷ୍ଟ ଉତ୍ସବ ପାଳନ କରିବା ଅବସରରେ ଲୋକେ ରାସ୍ତା ଉପରେ ନାଚିବା ଓ ଗାଇବା ସହ ଉତ୍ସବ ମନାଉଥିବା ବେଳେ ଏହି ଘଟଣା ଘଟିଥିଲା। ସ୍ଥାନୀୟ ପ୍ରଶାସନ ବୁଧବାର ଏହି ଘଟଣା ନେଇ ସୂଚନା ଦେଇଥିଲା। ମୃତ୍ୟୁବରଣ କରିଥିବା ଲୋକଙ୍କ ମଧ୍ୟରୁ ୧୧ ଜଣଙ୍କ ପରିଚୟ ମିଳିଛି। ଏଥିରେ ୮ ଜଣ ପୁରୁଷ ୨ ଜଣ ମହିଳା ଓ ଜଣେ ୧୭ ବର୍ଷୀୟା ନାବାଳିକା ସାମିଲ ଅଛନ୍ତି। ଏହି ଘଟଣା ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହୋଇଛି।

ଏହ ଘଟଣାରେ ମେକ୍ସିକୋ ରାଷ୍ଟ୍ରପତି କ୍ଲାଉଡିଆ ଶେଇନବାଉମ୍ ଦୁଖଃ ପ୍ରକାଶ କରିଛନ୍ତି ଓ ଘଟଣା ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଗୁଆନଜୁଆଟୋ ରାଜଧାନୀ ମେକ୍ସିକୋ ସିଟିର ଉତ୍ତରପଶ୍ଚିମରେ ଅବସ୍ଥିତ। ଏହି ସହରରେ ଅପରାଧୀମାନଙ୍କ ପ୍ରଭାବ ରହିଛି। ସହର ଉପରେ ପତିଆର ଜାହିର କରିବାକୁ ଅପରାଧୀମାନଙ୍କର କେତୋଟି ସଂଗଠନ ମଧ୍ୟରେ ବିବାଦ ତଥା ହିଂସା ଏଠାରେ ଦେଖିବାକୁ ମିଳିଥାଏ। ଏହି କାଣ୍ଡ ଘଟାଇଥିବା ଅପରାଧୀଙ୍କୁ ଧରିବା ପାଇଁ ଅଭିଯାନ ଜୋରଦାର ଆରମ୍ଭ ହୋଇଛି। ଏହା ମେକ୍ସିକୋର ସବୁଠାରୁ ହିଂସାଗ୍ରସ୍ତ ରାଜ୍ୟ ଭାବେ କୁଖ୍ୟାତି ହାସଲ କରିଛି। ଚଳିତ ବର୍ଷ ପ୍ରଥମ ୫ ମାସରେ ଏଠାରେ ୧, ୪୩୫ ଲୋକ ହତ୍ୟାର ଶିକାର ହୋଇଛନ୍ତି।

## ଯୁଦ୍ଧ ଜିତିଛୁ; ଆମେରିକା ମୁହଁକୁ ଶକ୍ତ ଚାପୁଡ଼ା ମାରିଛୁ: ଖାମନେଇ



■ ଇରାନ ସାହସର ସହ ଲଢ଼ିଥିଲା: ଟ୍ରମ୍ପ

■ ତେଲ ବିକ୍ରି କରିବାକୁ ଅଟକାଇବୁନି

ତେହରାନ, ୨୬।୬ (ଏଜେନ୍ସି): ଅସ୍ତ୍ରବିରତି ପରେ ଇରାନର ସର୍ବୋଚ୍ଚ ନେତା ଅୟତୁଲ୍ଲା ଅଲି ଖାମନେଇ ଗୁରୁବାର ବାହାରକୁ ବାହାରିଛନ୍ତି। ଇସ୍ରାଏଲ ଏବଂ ଆମେରିକା ସହ ସଂଘର୍ଷ ପରେ ସେ ପ୍ରଥମ ଥର ପାଇଁ ଦେଶବାସୀଙ୍କୁ ବାର୍ତ୍ତା ଦେଇଛନ୍ତି। ଇସ୍ରାଏଲ ସହ ଯୁଦ୍ଧରେ ଇରାନ ବିଜୟୀ ହୋଇଛି ବୋଲି ଖାମନେଇ ଦାବି କରିଛନ୍ତି। ଏହି ଯୁଦ୍ଧରେ ପ୍ରତ୍ୟକ୍ଷ ଭାବେ ସାମିଲ ହେବାକୁ ନେଇ ସେ ଆମେରିକାକୁ ସମାଲୋଚନା କରିଛନ୍ତି। ଆମେରିକା ମୁହଁକୁ ଇରାନ ଶକ୍ତ ଚାପୁଡ଼ା ମାରିଛି ବୋଲି ଖାମନେଇ କହିଛନ୍ତି। ଟିଭିରେ ପ୍ରସାରିତ ବାର୍ତ୍ତାରେ ଖାମନେଇ ଏହି ମନ୍ତବ୍ୟ ଦେଇଛନ୍ତି।

ଖାମନେଇ କହିଛନ୍ତି ଯେ ମିଛୁଆ ଇସ୍ରାଏଲ ବିରୋଧରେ ଯୁଦ୍ଧ ଜିତିବାକୁ ନେଇ ଦେଶବାଶୀଙ୍କୁ ଶୁଭେଚ୍ଛା। ଆକ୍ରମଣ କରି ଇସ୍ରାଏଲକୁ ଇରାନ ଧରାଶାୟୀ କରିଦେଲା, ଦଳି ଦେଲା। ଆମେରିକ ଏହି ଯୁଦ୍ଧକୁ ଡେଇଁ ଥିଲା। କାରଣ ଯୁଦ୍ଧରେ ଦଖଲ ନ ଦେଲେ ଇସ୍ରାଏଲ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯିବ ବୋଲି ଆମେରିକା ଭାବିଥିଲା। କିନ୍ତୁ ୱାଶିଂଟନ କିଛି ହାସଲ କରିପାରିଲା ନାହିଁ। ମଧ୍ୟପ୍ରାଚ୍ୟରେ ଥିବା ଆମେରିକାର ପ୍ରମୁଖ ଠିକଣାରେ ଇରାନ ପହଞ୍ଚି ଯାଇଥିଲା। ଆଉ ଯଦି ଆକ୍ରମଣ ହୁଏ ତେବେ ଶତ୍ରୁକୁ ବହୁମୂଲ୍ୟ ଦେବାକୁ ପଡ଼ିବ।

ଇରାନର ଏହି ସର୍ବୋଚ୍ଚ ନେତା ତିନି ପରମାଣୁ କେନ୍ଦ୍ରରେ ଆମେରିକା ଆକ୍ରମଣ ଉପରେ ମଧ୍ୟ ମନ୍ତବ୍ୟ ଦେଇଛନ୍ତି। ଖାମନେଇ କହିଛନ୍ତି ଯେ ଏୟାର ଷ୍ଟ୍ରାଇକରେ ପରମାଣୁ କେନ୍ଦ୍ରରେ ସେତେ କ୍ଷତି ହୋଇନାହିଁ। ଆମେରିକା ବିଶେଷ କିଛି ହାସଲ କରିପାରି ନାହିଁ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଖାଲି ଦେଖେଇ ହେଉଛନ୍ତି। ଖାମନେଇଙ୍କ ଏହି ମନ୍ତବ୍ୟକୁ ନେଇ ଟ୍ରମ୍ପ କରିଥିବା ଦାବି ଉପରେ ପ୍ରଶ୍ନ ଉଠୁଛି। ପେଣ୍ଟାଗାନ ରିପୋର୍ଟରେ ପରମାଣୁ କେନ୍ଦ୍ରର ବିଶେଷ କ୍ଷତି ହୋଇ ନ ଥିବା କୁହାଯାଇଥିଲା। କିନ୍ତୁ ଟ୍ରମ୍ପ ରିପୋର୍ଟକୁ ମିଥ୍ୟା କହି ଖଣ୍ଡନ କରିଦେଇଥିଲେ। ଅଶେଷ କ୍ଷତି ହୋଇଥିବା କହିଥିଲେ। ଅନ୍ୟପଟେ ନେଦରଲାଣ୍ଡର ହେଗ୍‌ରେ ଅନୁଷ୍ଠିତ ନାଟୋ ସମ୍ମିଳନୀରେ ସାମିଲ ହୋଇ ଟ୍ରମ୍ପ ଇରାନକୁ ପ୍ରଶଂସା କରିଛନ୍ତି। ତେହରାନ ସାହାସର ସହ ଯୁଦ୍ଧ ଲଢ଼ିଥିଲା ବୋଲି କହିଛନ୍ତି। ଯୁଦ୍ଧର କ୍ଷୟକ୍ଷତିରୁ ବାହାରିବା ପାଇଁ ଇରାନକୁ ତେଲ ବିକିବାର ଆବଶ୍ୟକତା ରହିଛି। ଯଦି ଚୀନ୍ ଇରାନଠାରୁ ତୈଳ କିଣେ ତେବେ ଆମେରିକାର କୌଣସି ସମସ୍ୟା ନାହିଁ। ତୈଳ ବିକ୍ରିକୁ ନେଇ ଇରାନ ଉପରେ କୌଣସି କଟକଣା ଲଗାଇବୁ ନାହିଁ। ତେବେ ସମ୍ମିଳନୀରେ ସାମିଲ ହେବା ପୂର୍ବରୁ ଟ୍ରମ୍ପ କହିଥିଲେ ଯେ ଚୀନ୍ ଆମେରିକାଠାରୁ ମଧ୍ୟ ତେଲ କିଣିବ।

## ସଂସଦ ନୁହେଁ; ସମ୍ବିଧାନ ସର୍ବୋପରି: ସିଜେଆଇ



ନୂଆଦିଲ୍ଲୀ, ୨୬।୬(ଏଜେନ୍ସି): ସଂସଦ ଓ ସମ୍ବିଧାନ ମଧ୍ୟରେ କେଉଁଟି ଉପରେ ବା ଅଧିକ ପ୍ରଭାବୀ ସେ ନେଇ ବିତର୍କ ଚାଲଥିବା ବେଳେ ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି (ସିଜେଆଇ) ବିଆର ଗଭାଇ ଏ ନେଇ ମନ୍ତବ୍ୟ ଦେଇଛନ୍ତି। ସଂସଦଠାରୁ ସମ୍ବିଧାନ ଯଥେଷ୍ଟ ଉପରେ ବୋଲି ସେ କହିଛନ୍ତି। ନିଜ ଘରୋଇ ସହର ଅମରାବତୀରେ ବୁଧବାର ବାର ଆସୋସିଏସନର ଏକ ଅଭ୍ୟର୍ଥନା ଉତ୍ସବରେ ଯୋଗ ଦେଇ ସମ୍ବିଧାନ ସର୍ବୋପରି ବୋଲି ସେ କହିଛନ୍ତି। ଆମ ଲୋକତନ୍ତ୍ରର ୩ଟି ଅଙ୍ଗ ବା ସ୍ତମ୍ଭ ନ୍ୟାୟପାଳିକା, କାର୍ଯ୍ୟପାଳିକା ଓ ବିଧାୟିକା ସମ୍ବିଧାନ ଅଧିନରେ ହିଁ କାର୍ଯ୍ୟ କରିଥାଏ। କିଛି ଲୋକ ସଂସଦ ସବୁଠାରୁ ଉଚ୍ଚରେ ବୋଲି କହୁଛନ୍ତି। କିନ୍ତୁ ମୋ ମତରେ ସମ୍ବିଧାନ ହିଁ ସର୍ବୋପରି ବୋଲି ସେ ସ୍ପଷ୍ଟ କରିଛନ୍ତି। ସୁପ୍ରିମକୋର୍ଟର ୫୨ତମ ମୁଖ୍ୟ ବିଚାରପତି ଭାବେ ଶପଥ ନେବା ପରେ ଗଭାଇ ଏହି ସମାରୋହରେ ଯୋଗ ଦେଇଥିଲେ। ସଂସଦ ପାଖରେ ସମ୍ବିଧାନକୁ ସଂଶୋଧନ କରିବାର କ୍ଷମତା ରହିଛି। କିନ୍ତୁ ସଂସଦ ସମ୍ବିଧାନର ମୂଳ ଢ଼ାଞ୍ଚାକୁ ବଦଳାଇ ପାରିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଦେଶରେ ନାଗରିକଙ୍କ ଅଧିକାର ଓ ସାମ୍ବିଧାନିକ ମୂଲ୍ୟବୋଧ ଓ ସିଦ୍ଧାନ୍ତର ରକ୍ଷା କରିବା ହେଉଛି ଜଣେ ବିଚାରପତିଙ୍କ ପ୍ରଥମ କର୍ତ୍ତବ୍ୟ। ଏହି ସବୁ କଥାକୁ ଜଣେ ବିଚାରପତି ମନେ ରଖିବା ଉଚିତ। ଲୋକ କ'ଣ କହିବେ ସେ ନେଇ ଆମେ ନିଷ୍ପତ୍ତି ନେବୁ ନାହିଁ। ନିଷ୍ପତ୍ତି ନେବା ବେଳେ ଜଣେ ବିଚାରପତି ତୃଣମୂଳସ୍ତରରେ ଥିବା ତଥ୍ୟ ଓ ସତ୍ୟକୁ ଅଣଦେଖା କରିପାରିବେ ନାହିଁ ବୋଲି ସେ କହିଛନ୍ତି।

## ୫୨ ବର୍ଷ ପରେ ପେଟରୁ ବାହାରିଲା ଟୁଥ୍‌ବ୍ରଶ୍

ବେଜିଂ, ୨୬।୬ (ଏଜେନ୍ସି): ଚୀନ୍‌ରୁ ଏକ ଆଶ୍ଚର୍ଯ୍ୟଜନକ ମାମଲା ସାମ୍‌ନାକୁ ଆସିଛି। ୬୪ ବର୍ଷୀୟ ୟାଙ୍ଗଙ୍କ ପେଟରୁ ଡାକ୍ତର ଏକ ଟୁଥ୍‌ବ୍ରଶ୍ ବାହାର କରିଛନ୍ତି। ଏହା ୫୨ ବର୍ଷ ହେଲା ତାଙ୍କ ପେଟରେ ଫସି ରହିଥିଲା। ପେଟ ଦରଜ ହେବା ପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଯାଞ୍ଚ କରିବା ପରେ କ୍ଷୁଦ୍ରାନ୍ତରେ ୧୭ ସେମି ଲମ୍ବର ଏକ ଟୁଥ୍‌ବ୍ରଶ୍ ଥିବା ଜଣା ପଡ଼ିଥିଲା। ଏହାକୁ ବାହାର କରିବା ଏଣ୍ଡୋସ୍କୋପିକ ସର୍ଜରୀ କରିବାକୁ ପଡ଼ିଥିଲା। ୮୦ ମିନିଟର ଅସ୍ତ୍ରୋପଚାର ପରେ ଏହାକୁ ବାହାର କରାଯାଇଥିଲା। ୟାଙ୍ଗ କହିଛନ୍ତି ଯେ ୧୨ ବର୍ଷ ବୟସରେ ସେ ଏହି ବ୍ରଶ୍ ଗିଳି ଦେଇଥିଲେ। ମାତାପିତାଙ୍କ ଡରରେ ସେ କାହାକୁ ଏହା କହି ନ ଥିଲେ। ଏହା ଆପେ ଆପେ ବାହାରିଯିବ ବୋଲି ସେ ଭାବିଥିଲେ। ଏହା ଭାବି ସେ ଜୀବନ ଅତିବାହିତ କରୁଥିଲେ।

## ଏବେ ଉଡ଼ିବ ଇଲେକ୍‌ଟ୍ରିକ୍ ବିମାନ

ୱାସିଂଟନ, ୨୬।୬ (ଏଜେନ୍ସି): ଇଲେକ୍‌ଟ୍ରିକ ଗାଡ଼ି ପରେ ଏବେ ଇଲେକ୍‌ଟ୍ରିକ ବିମାନ ସେବା ଆରମ୍ଭ ହେବାକୁ ଯାଉଛି। ପ୍ରଥମ ଥର ପାଇଁ ଏକ ବିଦ୍ୟୁତ ଚାଳିତ ବିମାନ ଆମେରିକାର ଇଷ୍ଟ ହାମ୍ପଟନରୁ ନ୍ୟୁୟର୍କ ପର୍ଯ୍ୟନ୍ତ ଉଡ଼ାଣ ଭରିଛି। ବିଟା ଟେକ୍ନୋଲୋଜି କମ୍ପାନୀର ଏହି ବିମାନ ସିଏକ୍ସ୩୦୦ ୪ ଯାତ୍ରୀଙ୍କୁ ନେଇ ୧୩୦ କିମି ଯାତ୍ରୀ କରିଛି। ଏଥିପାଇଁ ମାତ୍ର ୭୦୦ ଟଙ୍କା ଖର୍ଚ୍ଚ ହୋଇଥିଲା। ହେଲିକପ୍ଟରେ ଏତିକି ବାଟ ଯିବା ପାଇଁ ୧୩ ହଜାର ଟଙ୍କା ଖର୍ଚ୍ଚ ହେଉଛି। ଚଳିତ ବର୍ଷ ଶେଷ ସୁଦ୍ଧା ଫେଡେରାଲ ଆଭିଏସନ ଆଡମିନିଷ୍ଟ୍ରେସନ (ଏଫଏଏ) ଏହି ବିମାନକୁ ପ୍ରମାଣପତ୍ର ଦେବ ବୋଲି ଆଶା। କମ୍ପାନୀର ପ୍ରତିଷ୍ଠାତା କାଇଲ କ୍ଲାର୍କ କହିଛନ୍ତି ଯେ ଏହି ବିମାନକୁ ଚାର୍ଜ କରି ୧୩୦ କିମି ଉଡ଼ାଣ କରିବା ପାଇଁ ମାତ୍ର ୮ ଡଲାର ଖର୍ଚ୍ଚ (ପ୍ରାୟ ୭୦୦ ଟଙ୍କା) ହେଉଛି। ପାଇଲଟ ଏବଂ ବିମାନ ଖର୍ଚ୍ଚ ଯିବା ସତ୍ତ୍ୱେ ଏହା ସବୁଠୁ ଶସ୍ତା।

## ହିମାଚଳରେ ବାଦଲଫଟା ବର୍ଷା; ଅହମଦାବାଦ ରାଜପଥ ଜାମ୍

■ ୫ ମୃତ, ୭ରୁ ଅଧିକ ନିଖୋଜ

■ ଫସିଛନ୍ତି ୨ ହଜାର ପର୍ଯ୍ୟଟକ

ନୂଆଦିଲ୍ଲୀ, ୨୬।୬ (ଏଜେନ୍ସି): ଦେଶର ବିଭିନ୍ନ ରାଜ୍ୟରେ ପ୍ରବଳ ବର୍ଷା ହେଉଛି। ଏଥିଯୋଗୁଁ ମଧ୍ୟପ୍ରଦେଶ, ରାଜସ୍ଥାନ, ଗୁଜରାଟ, ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ଆଦିରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଏହି ବନ୍ୟାରେ ହିମାଚଳ ପ୍ରଦେଶ ଏବଂ ଗୁଜରାଟ ସର୍ବାଧିକ ପ୍ରଭାବିତ ହୋଇଛି। ଅହମଦାବାଦରେ ଜଣେ ବାଇକ ଚାଳକ ପ୍ରଖର ସ୍ରୋତରେ ଭାସି ଯାଇ ଡ୍ରେନ୍‌ରେ ଫସି ଯାଇଥିଲେ। ୯ ଘଣ୍ଟା ପରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସୁରତ ଗୀତାନଗର ଅଞ୍ଚଳରେ ୩ରୁ ୪ ଫୁଟ ପାଣି ଜମି ରହିଛି। ଏଠାରୁ ଜଣେ ଗର୍ଭବତୀଙ୍କୁ ଉଦ୍ଧାର କରାଯାଇଛି। ଭଦୋଦରାରେ ପ୍ରବଳ ବର୍ଷା ଯୋଗୁଁ ଅହମଦାବାଦ-ମୁମ୍ବାଇ ହାଇୱେରେ ବଡ଼ ବଡ଼ ଖାତ ହୋଇଯାଇଛି। ଏଥିପାଇଁ ୧୫ କିମି ପର୍ଯ୍ୟନ୍ତ ଜାମ୍ ଲାଗିଛି।

ସେହିପରି ହିମାଚଳରେ ଗତ ୨୪ ଘଣ୍ଟା ମଧ୍ୟରେ ସର୍ବାଧିକ କ୍ଷୟକ୍ଷତି ହୋଇଛି। ବୁଧବାର କୁଲ୍ଲୁ ଜିଲ୍ଲାର ଜୀଭା ନାଳ, ସିଲାଗଡ଼ ଘାଟୀ, ସ୍ନୋ ଗ୍ୟାଲେରି, ହୋରନଗଡ଼, କାଙ୍ଗଡ଼ା ଏବଂ ଧର୍ମଶାଳାର ଖନିୟାରାରେ ବାଦଲଫଟା ବର୍ଷା ହୋଇଛି। ଏଥିରେ ୫ ଜଣ ପ୍ରାଣ ହରାଇଥିବାବେଳେ ୭ରୁ ଅଧିକ ନିଖୋଜ ଅଛନ୍ତି। ୧୫ରୁ ୨୦ ଲୋକ ଭସିଯାଇଥିବାବେଳେ ସେମାନଙ୍କ ଖୋଜ ଖବର ମିଳିପାରି ନାହିଁ। ବିଭିନ୍ନ ପର୍ଯ୍ୟଟନସ୍ଥଳରେ ଫସିଛନ୍ତି ୨ ହଜାର ପର୍ଯ୍ୟଟକ। ଏହା ବ୍ୟତୀତ ମଧ୍ୟପ୍ରଦେଶର ଜବଲପୁର-ବିଦିଶାରେ ଘରେ ଘରେ ପାଣି ପଶି ଯାଇଛି। ରାଜସ୍ଥାନରେ ଅଲୱରରେ ବନ୍ଧରେ ଛିଡ଼ା ହୋଇ ସେଲ୍‌ଫି ନେଉଥିବା ଜଣେ ଯୁବକର ପାଣି ବୁଡି ମୃତ୍ୟୁ ହୋଇଛି।

## ରେଳ ଧାରଣାରେ କାର୍ ଚଳାଇଲେ ମହିଳା: ଟ୍ରେନ ଚଳାଚଳ ଅଟକିଲା



ହାଇଦରାବାଦ୍, ୨୬।୬(ଏଜେନ୍ସି): ତେଲଙ୍ଗାନାରେ ଜଣେ ମହିଳା ଅଜବ କାଣ୍ଡ ଘଟାଇଛନ୍ତି। ରଙ୍ଗା ରେଡ୍ଡୀ ଜିଲ୍ଲାରେ ଜଣେ ୩୪ ବର୍ଷୀୟ ମହିଳା ରେଳ ଧାରଣ ଉପରେ ହିଁ ନିଜ କାର ଚାଳାଇଥିଲେ। ଏହା ଦେଖି ସେଠାରେ ଉପସ୍ଥିତ ରେଳ କର୍ମଚାରୀଙ୍କ ମଧ୍ୟରେ ହଇଚଇ ସୃଷ୍ଟି ହୋଇଥିଲା। ଏହି କାରଣରୁ ୧୦ରୁ ୧୫ଟି ଟ୍ରେନ୍‌କୁ ରୋକା ଯାଇଛି କିମ୍ବା ସେଗୁଡିକର ଗତପଥ ବଦଳାଇବାକୁ ନିଷ୍ପତ୍ତି ନିଆଯାଇଛି। ଶଙ୍କରପଲ୍ଲୀ ନିକଟ୍‌ରେ ଘଟିଥିବା ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହୋଇଛି। ୧୩ ସେକେଣ୍ଡର ଏହି ଭିଡିଓରେ ମହିଳା ଜଣକ ନିଜ କିଆ ସୋନେଟ କାରକୁ ରେଲୱେ ଟ୍ରାକ୍ ଉପରେ ଚଳାଉଥିବାର ଦେଖାଯାଇଥିଲା। ଭାଇରାଲ ହୋଇଥିବା ଆଉ ଏକ ଭିଡିଓରେ ସ୍ଥାନୀୟ ଲୋକ, ରେଳ କର୍ମଚାରୀ ଓ ପୁଲିସ ମିଶି କରି ମହିଳାଙ୍କୁ କାରରୁ ବାହର କରିବାକୁ ପ୍ରୟାସ କରୁଥିବାର ଦେଖାଯାଇଛି। ମହିଳାଙ୍କୁ କାରରୁ ବାହର କରି ସେଠାରେ ଉପସ୍ଥିତ ଭିଡ୍ ତାଙ୍କ ହାତ ବାନ୍ଧି ଦେଇଥିଲେ। ଏହି ଘଟଣାକୁ ନେଇ ତଦନ୍ତ ଜାରି ରହିଛି। ମହିଳାଙ୍କ ମାନସିକ ସ୍ଥିତି ନେଇ ପ୍ରଶ୍ନ ଉଠିଛି। ବହୁ ରେଳ କର୍ମଚାରୀ ଓ ପୁଲିସ୍ ଏହି କାର ପଛରେ ଦୌଡିଥିଲେ ଓ ବଡ଼ କଷ୍ଟରେ କାରକୁ ରୋକିବାରେ ସମର୍ଥ ହୋଇଥିଲେ। ପାଖାପାଖି ୨୦ ଜଣ ଲୋକ ମିଶି ମହିଳାଙ୍କୁ କାରରୁ ବାହାର କରିବାରେ ସମର୍ଥ ହୋଇଥିଲେ। ଏହି ପ୍ରକ୍ରିୟାରେ ମହିଳା ଜଣକ ଆଦୌ ସହଯୋଗ କରୁ ନଥିଲେ। ସମ୍ପୃକ୍ତ ମହିଳା ଜଣକ ଏକ ମଲ୍ଟି ନ୍ୟାସନାଲ କମ୍ପାନୀରେ କାର୍ଯ୍ୟ କରୁଛନ୍ତି ବୋଲି ରେଲୱେ ପୁଲିସ ତରଫରୁ କୁହାଯାଇଛି। ସେ ଉତ୍ତରପ୍ରଦେଶରେ ରୁହନ୍ତି। ସେ ବେଶ୍ ଆକ୍ରମଣାତ୍ମକ ବ୍ୟବହାର କରୁଥିଲେ ଓ ତାଙ୍କ ମାନସିକ ସନ୍ତୁଳନ ଠିକ୍ ନ ଥିଲା ବୋଲି କୁହାଯାଇଛି। କାରରୁ ମହିଳାଙ୍କ ଡ୍ରାଇଭିଂ ଲାଇସେନ୍ସ ଓ ପାନ କାର୍ଡ ଜବତ କରାଯାଇଛି। ମହିଳା ଜଣକ ଆତ୍ମହତ୍ୟ କରିବାକୁ ଚେଷ୍ଟା କରୁଥିଲେ କି ନା ସେ ନେଇ ତଦନ୍ତ ଚାଲିଛି ବୋଲି ପୁଲିସ କହିଛନ୍ତି। ଏହି ଘଟଣାରେ ବେଙ୍ଗାଲୁରୁ- ହାଇଦରାବାଦ ଟ୍ରେନ୍ ସମେତ ୧୦ରୁ ୧୫ଟି ପାସେଞ୍ଜର ଟ୍ରେନ୍‌କୁ ଡାଇଭର୍ଟ କରାଯାଇଥିଲା।

**୧୨ବର୍ଷ ପରେ ବହୁ ଚର୍ଚ୍ଚିତ ଦୀପୁ ଓ ଓମ ହତ୍ୟା ମାମଲାର ରାୟ ପ୍ରକାଶ**

# ଧଳସାମନ୍ତ ଭ୍ରାତାଙ୍କ ସମେତ ୮ ଦୋଷମୁକ୍ତ

କଟକ, ୨୬ ।୬(ସମିସ): କଟକର ବହୁଚର୍ଚ୍ଚିତ ଦୀପୁ ଓ ଓମ ହତ୍ୟା ମାମଲାର ଦୀର୍ଘ ୧୨ ବର୍ଷ ପରେ ଅଦାଲତଙ୍କ ରାୟ ଆସିଛି । ଗତ ଜୁନ ୧୮ ତାରିଖରେ ଏହି ଚର୍ଚ୍ଚିତ ହତ୍ୟାକାଣ୍ଡ ମାମଲାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ ଜିଲ୍ଲା ଓ ଦୌରାଜଜ୍ । ଆଜି ମାମଲାର ରାୟ ପ୍ରକାଶ କରି ଧଳସାମନ୍ତ ଭ୍ରାତା ଓ ଅନ୍ୟ ୬ଜଣଙ୍କୁ ସାକ୍ଷୀ ପ୍ରମାଣ ଅଭାବରୁ ଜିଲ୍ଲା ଦୌରାଅଦାଲତ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ମାମଲାରେ ମୁଖ୍ୟ ଅଭିଯୁକ୍ତ ରହିଥିବା କୁଖ୍ୟାତ ଗ୍ୟାଙ୍ଗଷ୍ଟର ଭ୍ରାତା ସୁଶୀଲ ଧଳସାମନ୍ତ ଓ ସୁଶାନ୍ତ ଧଳସାମନ୍ତଙ୍କୁ ହତ୍ୟା ମାମଲା(ଆଇପିସି ଦଫା ୩୦୨ରୁ ଦୋଷମୁକ୍ତ କରାଯାଇଥିଲେ ହେଁ ଘରେ ଅସ୍ତ୍ରଶସ୍ତ୍ର ରଖିଥିବା ମାମଲା(ଆଇପିସି ୨୫-ଏ)ରେ ୭ବର୍ଷ ଜେଲ ଦଣ୍ଡାଦେଶ ପ୍ରଦାନ କରିଛନ୍ତି ଅଦାଲତ । ଧଳସାମନ୍ତ ଭ୍ରାତା ଜେଲରେ ଦୀର୍ଘ ୯ ବର୍ଷରୁ ଅଧିକ ସମୟ ହେଲାଣି ରହିଥିବା ବେଳେ ସେମାନଙ୍କ ବିରୋଧରେ ଆଉ ଦୁଇ ତିନୋଟି ମାମଲା ବିଚାରାଧୀନ ରହିଛି । ଏଣୁ ଏବେ ସେମାନେ ଜେଲରୁ ମୁକୁଳିପାରିବେ ନାହିଁ ବୋଲି ଜଣାପଡ଼ିଛି । ଧଳସାମନ୍ତ ଭ୍ରାତାଙ୍କ ସମେତ ଆରିଫ ଖାଁ, ଦେବାଶିଷ ସାହୁ, ଦେବାଶିଷ କର, ଭରତ ବେହେରା, ଶୁଭେନ୍ଦୁ ଦାସ ଓ ଦେବଦତ୍ତ ଦାସ ମୋଟ ୮ ଜଣ ଏହି ହତ୍ୟାକାଣ୍ଡ ମାମଲାରୁ ଦୋଷମୁକ୍ତ ହୋଇଛନ୍ତି । ପୂର୍ବରୁ ଏହି ମାମଲା ବିଚାରାଧୀନ ଥିବା ବେଳେ ଅନ୍ୟ ଦୁଇ ଅଭିଯୁକ୍ତ ଥିବା ଭଜନା ଓ ଭୋଲାଭଗତର ମୃତ୍ୟୁ ହୋଇଯାଇଥିଲା । ସୂଚନାଯୋଗ୍ୟ ଗ୍ୟାଙ୍ଗଷ୍ଟର ସୁଶାନ୍ତ ଓ ସୁଶୀଲ ଧଳସାମନ୍ତଙ୍କ ଏକଦା ପ୍ରମୁଖ ସହଯୋଗୀ ଥିବା ଚାଉଳିଆଗଞ୍ଜ ଥଟ୍ଟାରି ସାହିର ଦୀପୁ ଓରଫ ମନୋଜ ମଲ୍ଲିକ ଓ ଓମ ଓରଫ ଓମପ୍ରକାଶ ସ୍ୱାଇଁଙ୍କୁ ୨୦୧୩ ମସିହାରେ ଅପହରଣ କରି ଆଠଗଡ ଖୁଣ୍ଟକଟା ଫାର୍ମ ହାଉସକୁ ନିଆଯାଇଥିଲା । ସେଠାରେ ସେମାନଙ୍କୁ ପିଟିପିଟି ହତ୍ୟା କରାଯିବା ପରେ ଝାଡଖଣ୍ଡରେ ପୋଡି ଦିଆଯାଇଥିବା ପୁଲିସ ତଦନ୍ତରୁ ଜଣାପଡ଼ିଥିଲା । ଦୀପୁ ଓ ଓମଙ୍କ ନିଖୋଜ ନେଇ ୨୦୧୬ ମସିହାରେ ଦୀପୁର ବାପା ଅଦ୍ୱୈତ ମଲ୍ଲିକ ଓ ଓମର ପତ୍ନୀ ମାନି ସ୍ୱାଇଁଙ୍କ ଏତଲା ଆଧାରରେ ଚାଉଳିଆଗଞ୍ଜ ପୁଲିସ ମାମଲା ରୁଜୁ କରିଥିଲା । ୨୦୧୬ ଜାନୁଆରୀ ୨୯ ତାରିଖରେ କଟକ କମିସନରେଟ ପୁଲିସ ଭୁବନେଶ୍ୱରରୁ ସୁଶାନ୍ତ ଓ ସୁଶୀଲଙ୍କୁ ଗିରଫ କରିଥିଲା । ପରେ ଧଳସାମନ୍ତ ଭ୍ରାତାଙ୍କ ନାମରେ ଚାଉଳିଆଗଞ୍ଜ ପୁଲିସ ଚୂଡ଼ାନ୍ତ ଚାର୍ଜସିଟ୍ ଦାଖଲ କରିବା ପରେ ଜିଲ୍ଲା ଓ ଦୌରା ଅଦାଲତ ମଧ୍ୟ ଚାର୍ଜଫ୍ରେମ କରି ଶୁଣାଣି କରିଥିଲେ । ଏହି ମାମଲାରେ ଦୀପୁର ମା ଓ ବାପା, ଓମ୍‌ର ପିତା, ଖଣ୍ଟକଟା ଫାର୍ମହାଉସର ସୁପରଭାଇଜର ମାନସ ନାୟକ, ଚାଉଳିଆଗଞ୍ଜ ଥାନାର ତତ୍କାଳୀନ ଇନ୍ସପେକ୍ଟର୍ ରଶ୍ମିରଂଜନ ମହାପାତ୍ର,ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ଆଇଆଇସି ଅଜୟ ଦାସ, ଦେବେନ୍ଦ୍ର ବିଶ୍ୱାଳ, ଫରେନସିକ ସାଇନ୍ସ ଲାବୋରୋଟାରୀ(ଏସଏଫଏସଏଲ)ର ସହକାରୀ ନିର୍ଦ୍ଦେଶକ, ଝାଡ଼ଖଣ୍ଡର ଗୁଆ ଫାଣ୍ଡିର ତତ୍କାଳୀନ ଅଧିକାରୀ ବିଜୟ କେରକେଟ୍ଟାଙ୍କ ସମେତ ମୋଟ ୨୫ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା । ମାମଲା ଶୁଣାଣିର ବିଭିନ୍ନ ତାରିଖରେ ଧଳଭ୍ରାତାଙ୍କୁ ବାଲେଶ୍ୱର ଓ ବଲାଙ୍ଗୀର ଜେଲରୁ କଡ଼ା ସୁରକ୍ଷାବଳୟରେ ଅଣାଯାଇ ହାଜର କରାଯାଉଥିଲା । ଧଳଭ୍ରାତାଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର ଓ ପ୍ରସନ୍ନ ମହାନ୍ତି ମାମଲା ପରିଚାଳନା କରୁଥିଲେ ।

# ଅବଶିଷ୍ଟାଂଶ...

## ମହାପ୍ରଭୁଙ୍କ ନବଯୌବନ...

୫୦ରେ ଚକା ଅପସର କରାଯାଇଥିଲା । ପରେ ଦଶାବତାର ବା ପଟିଦିଅଁଙ୍କ ନିକଟରେ ମଙ୍ଗଳ ଆଳତି ହୋଇ ଅବକାଶ ନୀତି ବଢ଼ିବା ପରେ ପଟିଦିଅଁ ମଣ୍ଡଣି ଘରକୁ ବିଜେ ହୋଇଥିଲେ । ଅନ୍ୟ ଦିଅଁମାନେ ଦକ୍ଷିଣୀ ଘରକୁ ବିଜେ କରିଥିଲେ । ସକାଳ ୮ଟାରେ ଅଣସର ଟାଟି ଫିଟିବାକୁ ସମୟ ନିର୍ଘଣ୍ଟ ହୋଇଥିଲା । ମାତ୍ର ନୀତିକାନ୍ତି ସଅଳ ଚାଲିଥିବାରୁ ସକାଳ ୭ଟା ୨୫ରେ ଫିଟିଥିଲା ଅଣସର ଟାଟି । ନବଯୌବନ ବେଶରେ ଦର୍ଶନ ଦେଇଥିଲେ ଦାରୁଦିଅଁ । ପରମାଣିକ ଦର୍ଶନ ସକାଳ ୮ଟାରୁ ଗୋଟିଏ ଘଣ୍ଟା ଧାର୍ଯ୍ୟ ହୋଇଥିଲା । ମାତ୍ର ୭ଟା ୪୦ରୁ ପରିମାଣିକ ଦର୍ଶନ ଆରମ୍ଭ ହୋଇ ୮ଟାରେ ଶେଷ ହୋଇଥିଲା । ପରମାଣିକ ଟିକଟଧାରୀମାନେ ଦକ୍ଷିଣଦ୍ୱାର, ସାତପାହାଚ, ଜୟବିଜୟ ଦ୍ୱାର ଦେଇ ଭିତରକାଠ ନିକଟରେ ଦର୍ଶନ କରିଥିଲେ । ପରମାଣିକ ଦର୍ଶନ ଶେଷ ହେବା ପରେ ସଅଳ ସାହାଣମେଲା ଦର୍ଶନ ହୋଇଥିଲା । ପୂର୍ବରୁ ସକାଳ ୯ଟାରୁ ପୂର୍ବାହ୍ଣ ସାଢ଼େ ୧୦ଟା ସାହାଣମେଲା ବା ସର୍ବସାଧାରଣ ଦର୍ଶନ ପାଇଁ ସମୟ ନିର୍ଘଣ୍ଟ ହୋଇଥିଲା । ମାତ୍ର ସକାଳ ୮ଟାରୁ ସାହାଣମେଲା ବା ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇ ପୂର୍ବାହ୍ଣ ସାଢ଼େ ୧୦ଟା ଯାଏ ଚାଲିଥିଲା । ସାହାଣମେଲାରେ ବି ଭକ୍ତମାନେ ଭିତରକାଠରୁ ଭଗବାନଙ୍କୁ ଦର୍ଶନ କରିଥିଲେ । ପରେ ସର୍ବସାଧାରଣ ଦର୍ଶନ ବନ୍ଦ କରାଯାଇ ରଥଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା । ନବଯୌବନ ଦର୍ଶନ ଲାଗି ଶ୍ରଦ୍ଧାଳୁଙ୍କ ବେଶ୍ ଭିଡ଼ ହୋଇଥିଲା । ସଅଳ ନୀତିକାନ୍ତି ଯୋଗୁଁ ଭକ୍ତମାନେ ଭଲ ଭାବେ ଦର୍ଶନ କରିଥିଲେ । ତେବେ ପରମାଣିକ ଟିକଟଧାରୀଙ୍କ ସଂଖ୍ୟା କମ୍ ଥିବାରୁ ଶୀଘ୍ର ଦର୍ଶନ ସରିଥିଲା ।

## ସିଂହଦ୍ୱାରରେ ତିନିରଥ...

ହୋଇଥିଲା । ତିନିବାଡ଼ରୁ ତିନିଜଣ ପୂଜାପଣ୍ଡା ସାମନ୍ତ ଆଜ୍ଞାମାଳ ଆଣି ଘଣ୍ଟଘଣ୍ଟି, କାହାଳୀ ଶୋଭାଯାତ୍ରାରେ ବଡ଼ଦାଣ୍ଡକୁ ବାହାରିଥିଲେ । ଅପରାହ୍ଣ ୪ଟା ୪୫ରେ ଆଜ୍ଞାମାଳ ରଥଖଳାରେ ପହଞ୍ଚିଥିଲା । ପ୍ରଥମେ ବଡ଼ଠାକୁର, ପରେ ଶ୍ରୀଜଗନ୍ନାଥ ଓ ଶେଷରେ ଦେବୀ ସୁଭଦ୍ରାଙ୍କ ରଥରେ ଆଜ୍ଞାମାଳ ବିଜେ ହୋଇଥିଲା । ମହାପ୍ରଭୁଙ୍କ ଆଜ୍ଞା ପାଇବା ପରେ ରଥରେ ଦଉଡ଼ି ଲଗାଯାଇ ସବୁ ଚକରେ ତେଲ ଦିଆଯାଇଥିଲା । ରଥଟଣା ପାଇଁ ବିଜେ କାହାଳୀ ବାଜିବା ପରେ ସିଂହଦ୍ୱାର ଅଭିମୁଖେ ଗଡ଼ିଥିଲା ତିନିରଥ । ରଥ ଟାଣିଥିଲେ ସୁରକ୍ଷା କର୍ମୀ ଓ ସେବାୟତ ।

ପରମ୍ପରା ଅନୁଯାୟୀ, ପ୍ରଥମେ ନନ୍ଦିଘୋଷ, ପରେ ଦେବଦଳନ ଏବଂ ଶେଷରେ ତାଳଧ୍ୱଜ ରଥ ସିଂହଦ୍ୱାରରେ ଲାଗିଥିଲା । ସନ୍ଧ୍ୟା ସୁଦ୍ଧା ତିନିରଥ ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଯାଇଥିଲା । ପରେ ତିନିରଥକୁ ଫୁଲରେ ସଜାଯାଇଥିବା ବେଳେ ଚାରବନ୍ଧା ଯାଇ ରଥ ଉପରକୁ ସାରଥୀଙ୍କୁ ନିଆଯାଇଥିଲା । ଶ୍ରୀମନ୍ଦିରରେ ଚତୁର୍ଦ୍ଧାବିଗ୍ରହଙ୍କ ପହୁଡ଼ ଆଳତି ସରିବା ପରେ

ଶ୍ରୀମୁଖ ଖଣ୍ଡୁଆ ନୀତି ସମ୍ପନ୍ନ ହେବ । ପରେ ଦଇତାପତି ସେବକମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସୁରକ୍ଷା ଲାଗି ବାହୁଟକଣ୍ଟ ଏବଂ ସେନାପଟା କାର୍ଯ୍ୟ ଆରମ୍ଭ କରିବେ । ଶୁକ୍ରବାର ସକାଳ ୬ଟାରେ ମଙ୍ଗଳ ଆଳତି ହେବ । ସକାଳ ୯ଟାରେ ରଥ ପ୍ରତିଷ୍ଠା ପରେ ମଙ୍ଗଳାର୍ପଣ ହୋଇ ସାଢ଼େ ୯ଟାରେ ପହଣ୍ଡି ଆରମ୍ଭ ହେବ । ମଧ୍ୟାହ୍ନ ସାଢ଼େ ୧୨ଟା ସୁଦ୍ଧା ପହଣ୍ଡି ଶେଷ କରାଯାଇ ଅପରାହ୍ଣ ୧ଟାରେ ରଥକୁ ରାମକୃଷ୍ଣ, ମଦନମୋହନ ବିଜେ ହେବେ । ଅପରାହ୍ଣ ସାଢ଼େ ୨ଟାରୁ ସାଢ଼େ ୩ଟା ମଧ୍ୟରେ ଛେରାପହଁରା ନୀତି ବଢ଼ି ୪ଟା ସୁଦ୍ଧା ରଥ ଟାଣିବା ଲାଗି ନୀତି ନିର୍ଘଣ୍ଟ ପ୍ରସ୍ତୁତ ହୋଇଛି ।

ଅନ୍ୟପକ୍ଷରେ, ମହାପ୍ରଭୁଙ୍କ ଘୋଷଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ଲାଗି ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି । କଡ଼ା ସୁରକ୍ଷା ବଳୟରେ ରହିଛି ପୁରୀ । ଅତ୍ୟାଧୁନିକ ୨୭୫ଟି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) କ୍ୟାମେରା ଲଗାଯାଇଛି । ଉତ୍ତରା-ପୁରୀ ଏବଂ କୋଣାର୍କ-ପୁରୀ ରାସ୍ତାରେ ବି କ୍ୟାମେରା ରଖିଛି ନଜର । ଓଡ଼ିଶା ପୁଲିସ୍ ଚଳିତବର୍ଷ ପ୍ରଥମଥର ଟ୍ରାଫିକ୍ ସୁପରିଚାଳନା ନିମନ୍ତେ ଇଣ୍ଟିଗ୍ରେଟେଡ୍ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ରୁମ୍ ବ୍ୟବସ୍ଥା କରିଛି । ଏଥିସହ ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ୨୦୫ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ହୋଇଛନ୍ତି ।

## ନବୀନଙ୍କ ଆଶୁ ଆରୋଗ୍ୟ...

ଯତ୍ନ ନେବା ନିମନ୍ତେ ପରାମର୍ଶ ଦେଇଛନ୍ତି ।

ସର୍ଭିକାଲ ଆର୍ଥ୍ରାଇଟିସ ଚିକିତ୍ସା ନିମନ୍ତେ ନବୀନ ୨୦ ତାରିଖରେ କୋକିଳାବେନ୍ ହସ୍‌ପିଟାଲରେ ଭର୍ତ୍ତି ହୋଇଥିଲେ ଓ ତାଙ୍କ ବ୍ୟକ୍ତିଗତ ଚିକିତ୍ସକ ଡ଼ା. ରମାକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ୨୨ ତାରିଖରେ ତାଙ୍କର ଅସ୍ତ୍ରୋପଚାର ହୋଇଛି । ଦୁଇଦିନ ଆଇସିୟୁରେ ପର୍ଯ୍ୟବେକ୍ଷଣରେ ରହିବା ପରେ ସେ ଗତକାଲି କ୍ୟାବିନ୍‌କୁ ସ୍ଥାନାନ୍ତରିତ ହୋଇଛନ୍ତି ଓ ଦ୍ରୁତ ଆରୋଗ୍ୟଲାଭ କରୁଛନ୍ତି । ପ୍ରତିଦିନ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କୁ ଡାକ୍ତରଖାନାରେ ଭେଟି ତାଙ୍କର ସୁସ୍ୱାସ୍ଥ୍ୟ ଓ ଶୀଘ୍ର ଆରୋଗ୍ୟ କାମନା କରୁଛନ୍ତି ।

## ନବୀନଙ୍କ ସହ କଥା...

ଜ୍ଞାପନ କରିଛନ୍ତି । ଓଡ଼ିଶାର ସେବା କରିବା ପାଇଁ ନବୀନଙ୍କୁ ଅଶେଷ ଶକ୍ତି ଓ ସୁସ୍ୱାସ୍ଥ୍ୟ ଦିଅନ୍ତୁ ବୋଲି ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛି ବୋଲି ଶ୍ରୀ ଖଡ଼୍‌ଗେ କହିଛନ୍ତି । ଅନୁରୂପ ଭାବରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ନବୀନଙ୍କୁ ଫୋନ କରି ତାଙ୍କ ଚିକିତ୍ସା ଓ ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରି ବୁଝିଛନ୍ତି । ଭଗବାନ ଆପଣଙ୍କୁ ଶୀଘ୍ର ସୁସ୍ଥ କରିଦେବେ ବୋଲି ଆଶା କରୁଛି ବୋଲି ଧର୍ମେନ୍ଦ୍ର କହିଛନ୍ତି ।

## ସୁସ୍ଥତା କାମନା କଲେ...

ଜନ୍ ବ୍ରିଟାସ୍, ସାଂସଦ ଅଶୋକ କୁମାର ମିତ୍ତଲ, ଡିଏମ୍‌କେ ନେତ୍ରୀ କାନିମୋଝି ପ୍ରମୁଖ ନବୀନଙ୍କ ଦ୍ରୁତ ଆରୋଗ୍ୟ କାମନା କରିଛନ୍ତି ।

ଶିବସେନା ସାଂସଦ ପ୍ରିୟଙ୍କା ଚତୁର୍ବେଦୀ ଉଲ୍ଲେଖ କରିଛନ୍ତି ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଓଡ଼ିଶାର ସବୁଠାରୁ ଲୋକପ୍ରିୟ ବ୍ରାଣ୍ଡ ଆମ୍ବାସାଡର ନବୀନ ପଟ୍ଟନାୟକ ଶୀଘ୍ର ଆରୋଗ୍ୟଲାଭ କରନ୍ତୁ । ଉତ୍ତମ ସ୍ୱାସ୍ଥ୍ୟ ଲାଭ କରି ଓଡ଼ିଶାବାସୀଙ୍କ ପାଇଁ ବର୍ଷବର୍ଷ ସେବା କରିନ୍ତୁ ବୋଲି କାମନା କରୁଛି । ସେହିପରି ଶଶୀ ଥରୁର କହିଛନ୍ତି ଯେ ନବୀନ ବାବୁଙ୍କ ଅସ୍ତ୍ରୋପଚାର ସୂଚନା ପାଇଛି । ସେ ବର୍ତ୍ତମାନ ସୁସ୍ଥ ଥିବା ଖବର ଆଶ୍ୱସ୍ତ କରିଛି । ନବୀନଙ୍କ ଶୀଘ୍ର ଓ ସମ୍ପୂର୍ଣ୍ଣ ଆରୋଗ୍ୟ କାମନା କରୁଛି ବୋଲି ଥରୁର୍ ଉଲ୍ଲେଖ କରିଛନ୍ତି । ଅଶୋକ ମିତ୍ତଲ କହିଛନ୍ତି ଯେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶୀଘ୍ର ଏବଂ ସମ୍ପୂର୍ଣ୍ଣ ଆରୋଗ୍ୟ କାମନା କରୁଛି । ନବୀନଙ୍କର ଶକ୍ତି, ସ୍ଥିରତା ଏବଂ ଓଡ଼ିଶା ପ୍ରତି ସମର୍ପଣ ସର୍ବଦା ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରେରଣା ଦେଇଆସିଛି । ଆପଣ ଶୀଘ୍ର ସୁସ୍ଥ ହୁଅନ୍ତୁ ଏବଂ ଅଧିକ ଶକ୍ତିଶାଳୀ ହୋଇ ଫେରି ଆସନ୍ତୁ ବୋଲି ସେ ଲେଖିଛନ୍ତି । ଅଭିଷେକ ମନୁସିଂଘଭୀ କହିଛନ୍ତି ଯେ ନବୀନ ପଟ୍ଟନାୟକଙ୍କ ସଫଳ ଚିକିତ୍ସା ପ୍ରକ୍ରିୟା ଏବଂ ତାଙ୍କ ଆରୋଗ୍ୟଲାଭ ବିଷୟରେ ଶୁଣି ଖୁସି ଅନୁଭବ କରୁଛି । ଜଣେ ଅତ୍ୟନ୍ତ ଭଦ୍ରଲୋକ, ମୃଦୁଭାଷୀ । ନବୀନବାବୁଙ୍କ ନିକଟରେ ଓଡ଼ିଶା ଏବଂ ଭାରତ ପାଇଁ ଆହୁରି ଅନେକ ବର୍ଷ ପର୍ଯ୍ୟନ୍ତ ଜନସେବା ବାକି ଅଛି । ତାଙ୍କର ସମ୍ପୂର୍ଣ୍ଣ ଏବଂ ଶୀଘ୍ର ଆରୋଗ୍ୟ ଏବଂ ସୁସ୍ଥତା କାମନା କରୁଛି । ତାମିଲ୍‌ନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ.ଷ୍ଟାଲିନ୍ କହିଛନ୍ତି ଯେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଚିକିତ୍ସା କରୁଥିବା କୋଏମ୍ବାଟୁରର ଡାକ୍ତର ରାଜଶେଖରଙ୍କ ସହ କଥା ହୋଇଛି । ନବୀନଙ୍କ ସ୍ୱାସ୍ଥ୍ୟ ଭଲ ଅଛି । ମୁଁ ତାଙ୍କର ଶୀଘ୍ର ଓ ସମ୍ପୂର୍ଣ୍ଣ ଆରୋଗ୍ୟ କାମନା କରୁଛି ।

## କାଶ୍ମୀର ଯୁବକକୁ...

ପାକିସ୍ତାନ ଲିଙ୍କ୍ ରହିଥିବା ନେଇ ସେ ସମୟରେ ଚର୍ଚ୍ଚା ହୋଇଥିଲା । ତେବେ ତା' ନିକଟରୁ କୌଣସି ପାକିସ୍ତାନ ଲିଙ୍କ୍ ରହିଥିବା ସୁରାଖ ମିଳିନଥିଲା । ବୁଖାରୀ ଜଣେ ବଡ଼ ଠକ ବୋଲି ପୁଲିସ ତଦନ୍ତରେ ଜଣାପଡ଼ିଥିଲା । ବିଭିନ୍ନ ଠକେଇ ମମଲାରେ ତା'ର ସମ୍ପୃକ୍ତି ଥିବା ଜଣାପଡ଼ିବା ପରେ ଠକେଇ ମାମଲାରେ ପୁଲିସ ତାକୁ ଗିରଫ କରି କୋର୍ଟଚଲାଣ କରିଥିଲା । ସେବେଠାରୁ ସେ ବିଚାର ବିଭାଗୀୟ ଜେଲରେ ରହୁଥିବା ବେଳେ ଚଣ୍ଡିଖୋଲ କୋର୍ଟରେ ତା'ର ବିଚାର ଚାଲିଥିଲା । ଆଜି ଏହାର ରାୟ ପ୍ରକାଶ ପାଇଛି । ବୁଖାରୀକୁ ଚଣ୍ଡିଖୋଲ କୋର୍ଟ ଆଜି ବିଭିନ୍ନ ମାମଲାରେ ୫ବର୍ଷ ଦଣ୍ଡାଦେଶ ରାୟ ଶୁଣାଇଛନ୍ତି ବୋଲି ସରକାରୀ ଓକିଲ ପ୍ରକାଶ ଚନ୍ଦ୍ର ଦାସ ସୂଚନା ଦେଇଛନ୍ତି ।


**RAGHUNATHJEW H.S SCHOOL**
DEULASAHI, CUTTACK-753008

**WALK IN INTERVIEW**

Wanted Teaching Guest Faculties for Education, Logic, Sanskrit, Odia, Commerce, I.T., subjects will be held in the office of the undersigned at 08:45 a.m. on 30/06/2025. Interested candidates having minimum 55% of marks in concerned subjects in master degree level should attend the interview with their Resume, original photo copied testimonials.

Sd/- Principal
Raghunathjew H.S. School
Deulasahi, Cuttack-8

O-328
email- serwsbd2003@yahoo.com

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, SUNABEDA

**e- Procurement Notice for Building works**

1 Name of the work : Construction of Building Works - 03 Nos
3 Class of contractor : "B" & "A" Class of (Odisha PWD) or relevant class of other licensing authority.
3 Estimated Cost : Various from Rs.102.51 Lakhs to Rs.217.15 Lakhs (Approximately)
4 Details projects as per Annexure attached. :

| Procurement Officer | Bid Identification No | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD – Online – 06/2025-26 | 01.07.2025 at 11.00 A.M. | 19.07.2025 up to 5.00 P.M. | 18.07.2025 up to 2.00 P.M. | 21.07.2025 at 11.00 A.M. | To be intimated separately |

5. The details of works can be seen from the web site https://www.tendersodisha.gov.in
6. Any Corrigendum/Addendum will be displayed in the above e-tender web site.

OIPR-25182/11/0063/2526

Chief Construction Engineer,
Rural Works Circle, Sunabeda.

यूनियन बैंक ऑफ इंडिया | Union Bank of India
Nanganallur 3
ପ୍ଲଟ ନଂ. ସି-୬୦, ଦ୍ୱାର ନଂ. ୨୭, ସର୍ଭେ ନଂ. ୨୫, ଅଞ୍ଜଳି ଆପାର୍ଟମେଣ୍ଟସ୍, ୪ର୍ଥ ମୁଖ୍ୟ ରାସ୍ତା, ନାଙ୍ଗାନାଲ୍ଲୁର, ଚେନ୍ନାଇ ୬୦୦୦୬୧
ଇମେଲ: ubin0907791@unionbankofindia.bank

**ସରଫେଶୀ ଆଇନ ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ**

ପ୍ରତି
ଋଣଗ୍ରହୀତା(ମାନେ)/ବନ୍ଧକଦାତା(ମାନେ): ୧. ଶ୍ରୀମତୀ ଆଭାରାଣୀ ମହାପାତ୍ର,
ମୃତ ଋଣଗ୍ରହୀତା ତଥା ବନ୍ଧକଦାତା ସ୍ୱର୍ଗତ ଶ୍ରୀ ରଶ୍ମି ରଞ୍ଜନ ମହାପାତ୍ରଙ୍କ ସମ୍ପତ୍ତି, ନିମ୍ନଲିଖିତ ଆଇନଗତ ଉତ୍ତରାଧିକାରୀଙ୍କ ଦ୍ୱାରା ପ୍ରତିନିଧିତ୍ୱ କରାଯାଇଛି ।
୨. ଶ୍ରୀମତୀ ଆଭାରାଣୀ ମହାପାତ୍ର (ମୃତକଙ୍କ ପତ୍ନୀ),
୩. ଶ୍ରୀ ଅଭିଷେକ ମହାପାତ୍ର (ମୃତକଙ୍କ ପୁତ୍ର)
ସମସ୍ତଙ୍କ ଠିକଣା: ଫ୍ଲାଟ ନଂ. ୨୫-ବି/୧, ବିଷ୍ଣୁ ପ୍ରିୟା ଫ୍ଲାଟସ୍, ୧ମ ମୁଖ୍ୟ ରାସ୍ତା, ଥିଲ୍ଲାଇ ଗଙ୍ଗା ନଗର, ନାଙ୍ଗାନାଲ୍ଲୁର, ଚେନ୍ନାଇ ୬୦୦୦୬୧
ଅନ୍ୟ ଠିକଣା: ଶିବାନନ୍ଦ ଗେଷ୍ଟ ହାଉସ, କୋଟାକ ମହିନ୍ଦ୍ରା ବ୍ୟାଙ୍କ ପଛପଟେ, ଭିଆଇପି ରୋଡ, ପୁରୀ-୭୫୨୦୦୨ ।
ମହୋଦୟ/ମହୋଦୟା,
ବିଷୟ: ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକସନ ଅଫ୍ ଫାଇନାନ୍ସିଆଲ ଆସେଟ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ର ଧାରା ୧୩(୨) ସହିତ ଧାରା ୧୩(୩) ଅନୁଯାୟୀ ନୋଟିସ ।
ଆପଣମାନେ, ଉପରେ ଉଲ୍ଲିଖିତ ଋଣଗ୍ରହୀତା/ବନ୍ଧକଦାତାମାନେ, ଆମର ଚେନ୍ନାଇ ନାଙ୍ଗାନାଲ୍ଲୁର ୩ ଶାଖାରୁ ନିମ୍ନଲିଖିତ ଋଣ ସୁବିଧା ଗ୍ରହଣ କରିଛନ୍ତି ଏବଂ ବକେୟା / କିସ୍ତି / ସୁଧ /ଖାତାକୁ ସନ୍ତୋଷଜନକ ଭାବେ ପରିଚାଳନା କରିବାରେ ବିଫଳ ହୋଇଛନ୍ତି । ତେଣୁ, ଆରବିଆଇ ନିର୍ଦ୍ଦେଶାବଳୀ ଅନୁଯାୟୀ ଆୟ ସ୍ୱୀକୃତି ଏବଂ ସତର୍କତାପୂର୍ଣ୍ଣ ହିସାବ ନୀତି ଅନୁସାରେ, ଆପଣଙ୍କ ଖାତା(ଗୁଡ଼ିକ)କୁ ୩୧.୦୩.୨୦୨୫ ସୁଦ୍ଧା ଅଣ-ନିଷ୍ପାଦନଶୀଳ ସମ୍ପତ୍ତି (ନନ-ପରଫର୍ମିଂ ଆସେଟ୍) ଭାବେ ଶ୍ରେଣୀବଦ୍ଧ କରାଯାଇଛି । ୩୧.୦୩.୨୦୨୫ ସୁଦ୍ଧା ଆପଣଙ୍କ ଖାତା(ଗୁଡ଼ିକ)ରେ ମୋଟ ଟଙ୍କା ୭,୪୮,୯୭୮.୭୯/- (ସାତ ଲକ୍ଷ ଅଠଚାଳିଶ ହଜାର ନଅଶହ ଅଠସ୍ତରୀ ଟଙ୍କା ଓ ଅଣାଅଶୀ ପଇସା) ବକୟା ରହିଛି ।
ଉପରୋକ୍ତ ଋଣଗ୍ରହୀତା/ବନ୍ଧକଦାତାମାନଙ୍କଠାରୁ ବ୍ୟାଙ୍କକୁ ବକେୟା ରାଶିର ବିବରଣୀ ନିମ୍ନଲିଖିତ ଅନୁସାରେ ରହିଛି:

| କ୍ର.ନଂ. | ସୁବିଧା/ଋଣ | ସୀମା (ଲକ୍ଷରେ) | ସମୟରେ | ୩୧.୦୩.୨୦୨୫ ସୁଦ୍ଧା ବକେୟା ଦେୟ |
|---|---|---|---|---|
| ୧ | ଗୃହ | ୧୫.୦୦ | ୧୦୦୯-୨୦୧୦ | ଟ.୭,୪୮,୯୭୮.୭୯/- |

ବ୍ୟାଙ୍କକୁ ବକେୟା ଅର୍ଥ କିମ୍ବା ଭବିଷ୍ୟତରେ ବକେୟା ହେବାକୁ ଥିବା ଅର୍ଥର ପରିଶୋଧ ନିଶ୍ଚିତ କରିବା ପାଇଁ, ସ୍ୱର୍ଗତ ଶ୍ରୀ ରଶ୍ମି ରଞ୍ଜନ ମହାପାତ୍ର ଏବଂ ଶ୍ରୀମତୀ ଆଭାରାଣୀ ମହାପାତ୍ର ତାରିଖ ୩୧.୧୨.୨୦୦୯ ରେ ଏବଂ ୦୨.୦୩.୨୦୧୦ରେ ଏମଓଡିଟି (MODT) ତାରିଖରେ ଦଲିଲ ସମ୍ପାଦନ କରିଥିଲେ /କରିଛନ୍ତି ଏବଂ ଏହାଦ୍ୱାରା ନିମ୍ନଲିଖିତ ଭାବେ ସୁରକ୍ଷା ସୁଧ ସୃଷ୍ଟି କରିଛନ୍ତି:
ବନ୍ଧକ ଥିବା ସ୍ଥାବର ସମ୍ପତ୍ତିର ବିବରଣୀ ନିମ୍ନରେ ଦିଆଗଲା:
[illegible]

ସ୍ଥାନ: ଚେନ୍ନାଇ, ତାରିଖ: ୩୧.୦୫.୨୦୨୫ | ସ୍ୱା/- ପ୍ରାଧିକୃତ ଅଧିକାରୀ, ୟୁନିଅନ ବ୍ୟାଙ୍କ ଅଫ୍ ଇଣ୍ଡିଆ

**AFFIDAVIT**
By virtue of an Affidavit No. 360/20/06/2025 I, Suchismita Padhi, W/o- Amitav Kumar Nanda, R/o- Sonepur, Gokarneswar Para, Po/Ps- Sonepur, Odisha, 767017 do hereby declared that I shall be known as Suchismita Padhi instead of Suchismita Nanda in all purposes.
Sd/- Suchismita Padhi

**AFFIDAVIT**
By Virtue of an affidavit sworn before P.K Mishra (O.R.S) Executive Magistrate, Balasore .Sl No- 7292 Dt- 21/06/2025.I Mallika Dei,W/o- Late. Bhagabat Jena, D/o- Late. Mushina Jena, of Village- Ghagarapal, Po- Udambar, Ps-Industrial,Dist- Balasore,Pin-756019 ,My Voter Id No-ZHO0227959 & D.O.B - 01/01/1958 .That my Name wrongly mentioned Aadhar Card – 643151138321 As Tulasi Majhi instead of Mallika Dei. I declared that Mallika Dei & Tulashi Majhi same and one person for all future purposes.
Mallika Dei

**WANTED**
ବୟସ୍କ ଲୋକ କେୟାର, ବେବିକେୟାର ଓ ରୋଷେଇ, ଘର କାମ ପାଇଁ ତିନିଜଣ ମହିଳା ଆବଶ୍ୟକ, ଭଲ ଦରମା ମିଳିବ
6370964966

**AFFIDAVIT**
I, Smt. Sukmati Chattar, wife of Army No. 1490884A Ex-Hav Damodar Chattar residing at Vill - Baria, PO - Mananda Biunria, PS - Jashipur, Dist-Keonjhar, Odisha, have changed my name from Smt. Sukmati Chattar to Smt. Arati Chattar & Date of Birth is 11/03/1966 vide affidavit dtd. 02/05/2025 before Notary Keonjhar (Odisha). Hence Smt. Sukmati Chattar and Smt. Arati Chattar both are same and one person. Henceforth I will be known as **Smt. Arati Chattar** in all purposes.

**SALE**
Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.
Contact
**GADHWAL GROUP**
**Mob.: 9437015112**

**AFFIDAVIT**
I, Chitrasen Ananta Sahu, S/o- Ananta Sahu, resident of At-Sadasibapur VTC, PO-Gandala, PS-Hinjili, Dist-Ganjam, Pin-761003, Odisha declare by this affidavit No.575, dated-16/06/2025 that now onwards I shall be known as **CHITRASEN SAHU** for all future purposes.

**AFFIDAVIT**
By virtue of affidavit sworn before Notary Public Puri Affidavit No.: 33, dtd. 26.06.2025 Nibedita Satapathy, D/o-Dasharathi Satapathy Bhagabanpur, Brahmagiri, Puri. I have declared that my father's name Dasharathi Satapathy and Dasarathi Satapathy is one and same person.

**AFFIDAVIT**
By virtue of an affidavit sworn before The Executive Magistrate, Bhubaneswar dated- 16/04/2025. I, **Ramesh Bhoi**, Address: At-Brahmakundal, PO- Retanga, PS- Airfield, Bhubaneswar, Dist- Khordha, Odisha declare that I have changed my minor son's name from **Om Prakash Sahoo To Om Prakash Bhoi.** Henceforth, he shall be known as **Om Prakash Bhoi** for all future purposes.
**Ramesh Bhoi**

**AFFIDAVIT**
By virtue of an affidavit No. 321, dt. 29.5.2025 sworn before the Executive Magistrate, Rajesh Kumar Hota S/o Gangadhar Hota, P.O./P.S. Komna, Dist. Nuapada state that my daughter's actual and correct name is ARADHANA HOTA.But in her Aadhaar card no. 2745 3218 7088, her name is wrongly recorded as Annal Hota.Her name should be corrected as **ARADHANA HOTA**, D/o Rajesh Kumar Hota and Sagarika Hota.

**AFFIDAVIT**
By virtue of an affidavit before The Notary Public, Titilagarh, on dated- 25/06/2025. I, **Mukteswari Bhoi** (new name), formerly called as **Mukteswar Bhoi** (old name), D/o- Nishakanta Bhoi, Permanent resident of AT- Kotenmunda, P.O.- Bhulasikuan, P.S. Khariar, Dist- Nuapada, (Odisha), PIN- 766107 now residing at the same place affirm that I have changed my name from **Mukteswar Bhoi** (old name) To **Mukteswari Bhoi** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Mukteswari Bhoi** (new name).
**Mukteswari Bhoi**

**TO-LET**
Commercial Space available on rent for Shopping Mall, Bank, Office, Restaurant, Banquet Hall, Saloon & Spa, Gym, Godown, Rooftop restaurant and other purposes. Beside Vipul Gardens, Kalinga Nagar, Ghatikia, Bhubaneswar. Basement - 2755 sqft, Ground - 2191 sqft, 1st, 2nd & 3rd floor - 2757 sqft and Terrace / Rooftop - 2755 sqft. with Anandban scenery view.
**CONTACT : 6371093914**

**AFFIDAVIT**
By virtue of an affidavit before the Executive Magistrate, Titilagarh, on dated- 26/06/2025. I, **Basanti Nag**, now lately called as **Pasanti Majhi**, Wife of Rajendra Nag, permanent resident of AT- Kumudipadar, PO- Desil, PS- Titilagarh, Dist- Balangir, (Odisha), PIN- 767033 now residing at the same place affirm that I have changed my name from **Pasanti Majhi To Basanti Nag.** Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Basanti Nag** (new name).
**Basanti Nag**

**AFFIDAVIT**
By virtue of an affidavit sworn before The Executive Magistrate, Champua dated- 25/06/2025. I, **Priyanka Priyadarshini Sarangi**, W/o- Shasibhusan Sarangi, currently resident of AT/PO-Nakasara, PS- Ghagarbeda, Dist-Mayurbhanj, PIN-757035, Odisha declare that I have changed my name from **Priyanka Priyadarshini Behera To Priyanka Priyadarshini Sarangi.** Henceforth, I shall be known as **Priyanka Priyadarshini Sarangi**, W/o- Shasibhusan Sarangi for all future purposes.
**Priyanka Priyadarshini Sarangi**

Office of the Principal
**PANCHAYAT SAMITI COLLEGE GAISILAT**
Dist.- Bargarh, Pin-768037
**Tender Call Notice**
Invited sealed quotations from deputed Farms / Agency / Vendors to supply 8.00 lakhs IT equipment's project of the college office by post /by hand on or before 30.06.2025. For more details call: - 9937145100 (Principal) as per Govt rate.
Sd/- Principal
PS College, Gaisilat

Office of the Principal
**SALANDI DEGREE MAHAVIDYALAYA**
UTTARABAHINI, BHADRAK – 756181
Ph. (06784) 250991, Mob. 9090209949 (Principal)
E-mail: salandidegreemv@rediffmail.com
Walk-in-Interview for male candidates for the following posts in our college – Lecturers in Pol.Sc, Economics, English, Urdu and work with at least 55% marks in P.G. in respective subjects and practical computer knowledge and one clerk with graduation and practical computer knowledge of accounting and office work for seven hours.
**Date of Interview - 14.7.2025**
**Registration - 10 AM to 11 AM**
Documents – All original certificates + matriculation onwards with complete Biodata. Principal, Salandi Degree Mahavidyalaya, Uttarabahini, Bhadrak – 756181
Sd/- Principal
SALANDI DEGREE MAHAVIDYALAYA
UTTARABAHINI, BHADRAK

**EASTERN INVESTMENTS LIMITED**
CIN: L65993OR1927GOI034842
Regd. Office :Plot No:255, Pristine Green, Pokhariput, Bhubaneswar-751020.

***Statement of Standalone & Consolidated Audited Financial Results For the quarter and year ended 31st March' 2025***
(Rs in lakhs)

| Sl No. | Particulars | Standalone | | | | Consolidated | | | |
|---|---|---|---|---|---|---|---|---|---|
| | | Quarter Ended | | Year Ended | | Quarter Ended | | Year Ended | |
| | | 31.03.2025 | 31.03.2024 | 31.03.2025 | 31.03.2024 | 31.03.2025 | 31.03.2024 | 31.03.2025 | 31.03.2024 |
| | | (Reviewed) | | (Audited) | | (Reviewed) | | (Audited) | |
| 1 | Total Income from Operation (including Other Income) | (19.40) | (6.90) | 44.27 | 95.56 | 2,572.79 | 5,696.03 | 13,405.00 | 17,546.53 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | (41.98) | (14.59) | (44.47) | (8.00) | (3,951.42) | (57.05) | (4,119.11) | (226.91) |
| 3 | Net Profit / (Loss) for the period Before Tax (after exceptional and / or extraordinary items) | (41.98) | (14.59) | (44.47) | (8.00) | (3,951.42) | (57.05) | (4,119.11) | (226.91) |
| 4 | Net Profit / (Loss) for the period after Tax (after exceptional and / or extra ordinary items) | (29.41) | (11.57) | (28.91) | 2.10 | (3,166.75) | 239.19 | (3,518.39) | 592.46 |
| 5 | Total Comprehensive income for the period [comprising profit / (loss) for the period(after tax) and other comprehensive income (after tax)] | (29.41) | (11.37) | (28.91) | 2.30 | (3,173.88) | 111.36 | (3,525.52) | 464.63 |
| 6 | Net Profit attributable to Non Controlling Interests | - | - | - | | (1,580.08) | 122.32 | (1,791.41) | 255.35 |
| 7 | Net Profit attributable to Owners of the Company | - | - | - | | (1,586.67) | 116.87 | (1,726.98) | 337.11 |
| 8 | Paid up Equity Share Capital (Face Value Rs. 10/- each) | 144.44 | 144.44 | 144.44 | 144.44 | 141.90 | 141.90 | 141.90 | 141.90 |
| 9 | Other Equity (Excluding Revaluation Reserve as per Balance Sheet) | 26,546.64 | 26,575.55 | 26,546.64 | 26,575.55 | (9,409.25) | (7,678.70) | (9,409.25) | (7,678.70) |
| 10 | Earning per share ( Rs) | | | | | | | | |
| | (i) Basic : | (2.04) | (0.80) | (2.00) | 0.15 | (111.82) | 8.24 | (121.71) | 23.76 |
| | (ii) Diluted : | (2.04) | (0.80) | (2.00) | 0.15 | (111.82) | 8.24 | (121.71) | 23.76 |

1. The above results of the Company were approved by the Board of Directors at their respective meetings held on 25-06-2025.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

**Place: Visakhapatnam**
**Date: 25th June' 2025**

Sd/-
(S.C.Pandey)
Managing Director-EIL

# ସମ୍ପାଦକୀୟ



ଯୁଦ୍ଧ ମାନବ ସଭ୍ୟତାକୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦେବା ପୂର୍ବରୁ ମଣିଷ ଯୁଦ୍ଧର ସମସ୍ତ ସମ୍ଭାବନାକୁ ସମାପ୍ତ କରିଦେବା ଠିକ୍ ହେବ।
-ଜେ ଏଫ୍ କେନେଡ଼ି

ସକାଳ THE SAKALA

## ମୂଲ୍ୟବୋଧର ସୁରକ୍ଷା

ଗତ ସାତଦିନ ମଧ୍ୟରେ ଦେଶରେ ଏଭଳି ତିନିଟି ଅଘଟଣ ଗଣମାଧ୍ୟମ ଜରିଆରେ ଲୋକଲୋଚନକୁ ଆସିଛି, ଯାହା ଆଜିର ସଭ୍ୟ ସମାଜ ଓ ଏକବିଂଶ ଶତାବ୍ଦୀର ମାନବ ସଭ୍ୟତା ପ୍ରତି ଏକ କଳଙ୍କ କହିବାର ଯଥାର୍ଥତା ରହିଛି। ଗଣମାଧ୍ୟମର ଦୃଷ୍ଟି ଆଢୁଆଳରେ ଦେଶରେ ପ୍ରତିକୋଣରେ ପ୍ରତିକ୍ଷଣରେ ଏଭଳି ଅନେକ ସ୍ୱର୍ଶକାତର ଘଟଣା ଘଟୁଥିଲେ ମଧ୍ୟ ନିର୍ଯାତିତ ଓ ପୀଡ଼ିତମାନେ ଭାଗ୍ୟକୁ ଆଦରି ବଞ୍ଚିବାକୁ ବାଧ୍ୟ ହେଉଛନ୍ତି। କେଉଁଠାରେ ଦଳିତମାନଙ୍କର ଘର ପୋଡ଼ି ଦିଆଯାଉଛି ତ କେଉଁଠାରେ ନିଆଁପାଣି ବାସନ୍ଦ କରାଯାଉଛି। ଏପରିକି ପିଇବା ପାଇଁ ପାଣିରୁ ମଧ୍ୟ ବଞ୍ଚିତ କରାଯାଉଛି। ସେଥିମଧ୍ୟରୁ କାଁ ଭାଁ କେତୋଟି ଘଟଣା ଗଣମାଧ୍ୟମ ଜରିଆରେ ପ୍ରତିଫଳିତ ହେଉଛି।

ନିକଟରେ ଘଟିଥିବା ସେଭଳି ସମ୍ବେଦନଶୀଳ ଘଟଣାଗୁଡ଼ିକ ମଧ୍ୟରୁ ଗୋଟିଏ ଉତ୍ତରପ୍ରଦେଶରେ ଇଟାୱା ଜିଲ୍ଲାର ଦାଦରପୁର ଗାଁରେ ଜଣେ ଦଳିତ ବ୍ୟକ୍ତି ପ୍ରବଚନ ଦେଉଥିବା ବେଳେ ସେଥିପାଇଁ ତାଙ୍କର ଅଧିକାର ଉପରେ ପ୍ରଶ୍ନ ଉଠାଇ କିଛି ଲୋକ ତାଙ୍କୁ ଅଧାମୁଣ୍ଡନ କରିବା ଓ ପରିସ୍ରା ପିଇବାକୁ ବାଧ୍ୟ କରିବା ସହିତ ମାଡ଼ ମାରିଥିବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ଦ୍ୱିତୀୟ ଘଟଣା ଘଟିଛି ଓଡ଼ିଶାରେ। ଅଭିଯୋଗ ଅନୁଯାୟୀ, ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକ ସିଙ୍ଗିରି ଗ୍ରାମରେ ଦଳିତ ସମ୍ପ୍ରଦାୟର ଦୁଇଜଣ ବ୍ୟକ୍ତି ସେମାନଙ୍କ ଝିଅର ଶାଶୂଘରକୁ ଯୌତୁକ ଦେବା ପାଇଁ ତିନିଟି ଗାଈ ନେଇ ଯାଉଥିବା ବେଳେ କିଛି ଲୋକ ସେମାନଙ୍କୁ ଅଟକାଇ ଚାନ୍ଦା ଦାବି କରିଥିଲେ। ଚାନ୍ଦା ଦେବାକୁ ମନା କରିବାରୁ ସେମାନଙ୍କୁ ଗୋଚାଲାଣକାରୀ ଭାବେ ଅଭିଯୁକ୍ତ କରି ଅଧା ମୁଣ୍ଡନ କରାଇବା ସହିତ ନର୍ଦ୍ଦମା ପାଣି ପିଆଇବା ଏବଂ ପ୍ରାୟ ଦୁଇକିମି ପର୍ଯ୍ୟନ୍ତ ଆଣ୍ଠେଇ ଚାଲିବାକୁ ବାଧ୍ୟ କରିଥିଲେ। ଦୁଇଟିଯାକ ଘଟଣାରେ ପୁଲିସ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଏବଂ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିବା ସୂଚନା ଦିଆଯାଇଛି। ଓଡ଼ିଶା ଘଟଣାରେ ଦଳିତ ମହାସଭା ଆପତ୍ତି ଉଠାଇଥିବା ବେଳେ ଲୋକସଭା ବିରୋଧୀ ଦଳ ନେତା ରାହୁଲ୍ ଗାନ୍ଧୀ ଘଟଣାକୁ ନିନ୍ଦା କରିଛନ୍ତି। ଉତ୍ତରପ୍ରଦେଶ ଘଟଣାରେ ମାନବାଧିକାର ଆୟୋଗ ରିପୋର୍ଟ ତଲବ କରିଛନ୍ତି। ତୃତୀୟ ଘଟଣା ଘଟିଛି ଏକ ଘରୋଇ ବିମାନ ଚଳାଚଳ ସଂସ୍ଥାରେ। ବିମାନରେ ତାଲିମ ନେଉଥିବା ଜଣେ ଅଧସ୍ତନଙ୍କୁ ଉପରିସ୍ଥ ଅଧିକାରୀ ଜାତିଆଣ ଆକ୍ଷେପ କରି ନିର୍ଯାତନା ଦେଇଥିବା ଅଭିଯୋଗ ଆସିଛି। ବିମାନ ସଂସ୍ଥା ପକ୍ଷରୁ ଜାତିଆଣ ଅଭିଯୋଗକୁ ଖଣ୍ଡନ କରାଯାଇଥିଲେ ମଧ୍ୟ ପୁଲିସ୍ ଏଫ୍ଆଇଆର ବଳରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଜାତିଆଣର ଧୂଆଁ ଯେ ଶିଳ୍ପ ଓ ସମ୍ଭ୍ରାନ୍ତ ଜଗତକୁ ମଧ୍ୟ ବ୍ୟାପୀଚାଲିଛି ତାହା ଉପରୋକ୍ତ ଘଟଣାରୁ ପ୍ରମାଣିତ ହୋଇଛି।

ବିଡ଼ମ୍ବନା ହେଉଛି ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତ ତା'ର ସମ୍ବିଧାନର ୭୫ତମ ବର୍ଷ ପାଳନ କରୁଛି। ଦେଶ ସ୍ୱାଧୀନତାର ଅମୃତକାଳରେ ଯାତ୍ରା କରୁଛି। ରୂଢ଼ିବାଦୀ ପରମ୍ପରା ଅନ୍ଧବିଶ୍ୱାସ ଆଦିକୁ ପଛରେ ଛାଡ଼ି ବିଶ୍ୱଗୁରୁ ହେବା ପାଇଁ ଭାରତ ସ୍ୱପ୍ନ ଦେଖୁଛି। ଅଥଚ ଆଜି ମଧ୍ୟ ଆମ ସମାଜ ମଧ୍ୟଯୁଗୀୟ ରକ୍ଷଣଶୀଳତା ଓ ବର୍ବରତାରୁ ମୁକ୍ତି ପାଇନାହିଁ। ଆମ ସମ୍ବିଧାନର ଅନେକ ବିଶେଷତ୍ୱ ମଧ୍ୟରୁ ସ୍ୱତନ୍ତ୍ର ହେଲା ସମାଜର ନିମ୍ନସ୍ତରରେ ଥିବା ବର୍ଗଙ୍କ ବିକାଶ ଓ କଲ୍ୟାଣ। ଏହି ପୃଷ୍ଠଭୂମିରେ ସ୍ୱତଃ ପ୍ରଶ୍ନ ଉଠେ ଆମେ ୭୫ ବର୍ଷ ଭିତରେ ସମ୍ବିଧାନର ଏହି ମୌଳିକ ଲକ୍ଷ୍ୟ ପୂରଣ କରିବାରେ ସମର୍ଥ ହୋଇଛୁ କି? ଇଟାୱା ଓ ଧରାକୋଟ ପରି ଘଟଣା ଭିଆଇ ଆମେ ଆମ ଦେଶଶାସନ ଓ ଗଣତନ୍ତ୍ରର ପବିତ୍ର ଗ୍ରନ୍ଥ ସମ୍ବିଧାନର ସ୍ୱତଃ ଅପମାନ କରୁନାହୁଁ କି? ସଂଯୋଗବଶତଃ ଏହି ଦୁଇଟି ଯାକ ରାଜ୍ୟ ନିକଟରେ ଦେଶରେ ଜରୁରୀ ପରିସ୍ଥିତି ଜାରି ହେବାର ୫୦ ବର୍ଷ ପୂର୍ତ୍ତି ଅବସରରେ 'ସମ୍ବିଧାନ ହତ୍ୟା ଦିବସ' ପାଳନ କରିଛନ୍ତି। ତେଣୁ ଉକ୍ତ ଦିବସ ପାଳନର ଶବ୍ଦାର୍ଥ ଓ ତାତ୍ତ୍ୱିକ ଅନୁଶୀଳନ ଏବଂ ଦଳିତ ବିରୋଧୀ ଅଘଟଣକୁ ମିଶାଇ ତର୍ଜମା କଲେ ସାଧାରଣ ଭାବେ ଯେଉଁ ନିଷ୍କର୍ଷ ଆସୁଛି ତାହାର ସରଳ ଓ ସ୍ୱଷ୍ଟ ବ୍ୟାଖ୍ୟା ଜରୁରୀ ମନେ ହୁଏ।

ପ୍ରାଚୀନ କାଳରୁ ବର୍ଣ୍ଣାଶ୍ରମ ଆଧାରରେ ଗଢ଼ି ଉଠିଥିବା ଭାରତୀୟ ସାମାଜିକ ବ୍ୟବସ୍ଥା ଓ ସାଂସ୍କୃତିକ ପ୍ରଥାରୁ ଯେ ଜାତିବାଦ ବା ସବର୍ଣ୍ଣ-ଅସବର୍ଣ୍ଣ ବିବାଦ ସମ୍ପୂର୍ଣ୍ଣ ଲୋପ କରିଦିଆଯାଇପାରିବ ସେ କ୍ଷମତା ବା ସୁଯୋଗ ଆପାତତଃ କୌଣସି ଶାସନ ଓ ପ୍ରଶାସନର ଥିବା ପରି ମନେ ହେଉନାହିଁ। ତେଣୁ କୌଣସି ସରକାରଙ୍କୁ ଏଥିପାଇଁ ଆକ୍ଷେପ ବା ସମାଲୋଚନା କରିବା ବୃଥା। ଅନ୍ତତଃ ସ୍ୱାଧୀନତାର ଅମୃତକାଳ ମଧ୍ୟରେ ଜାତିବ୍ୟବସ୍ଥାରେ ପୂର୍ଣ୍ଣଛେଦ ପଡ଼ିବା ସମ୍ଭାବନା ଯେ ଆଦୌ ନାହିଁ, ତାହା ଆଗାମୀ ଜାତିଭିତ୍ତିକ ଜନଗଣନା ଘୋଷଣାରୁ ଜୋର ଦେଇ କହିହେଉଛି। ଆଇନ କାନୁନ ଓ ବିଧିବ୍ୟବସ୍ଥା ଯେତେ ସ୍ୱଚ୍ଛ, ସରଳ, ଉଦାର କିମ୍ବା କଠୋର ହେଲେ ମଧ୍ୟ ଆମ ଗଣତନ୍ତ୍ରର ନିର୍ବାଚନୀ-ସଂସ୍କୃତି ଜାତିବାଦକୁ ସମାପ୍ତ ହେବାକୁ ଦେବ ନାହିଁ - ଏହା ଅବଧାର୍ଯ୍ୟ। କେବଳ ଆରୋପ-ପ୍ରତ୍ୟାରୋପ, ଆଲୋଚନା-ସମାଲୋଚନା, ଆଲୋଡ଼ନ-ସମବେଦନାର କିଞ୍ଚିତ ଜଳଛିଞ୍ଚନ ଦ୍ୱାରା ଜାତିଆଣ ହିଂସା ଓ ଉତ୍ତେଜନା ସାମୟିକ ପ୍ରଶମିତ ହୋଇଯିବ ସିନା ପାଉଁଶ ତଳେ ଥିବା ନିଆଁ କେବେ ଲିଭିବ ନାହିଁ। ସମୟ ସମୟରେ ଉସୁକାଣର ପବନରେ ତାହା ପୁଣି ଅଗ୍ନିସ୍ଫୁଲିଙ୍ଗ ପାଲଟୁଥିବ ଏବଂ ଇତିହାସରେ ଗୋଟିଏ ଲେଖାଏଁ କଳଙ୍କିତ ଅଧ୍ୟାୟ ଲେଖି ଚାଲିଥିବ।

ସାମାଜିକ ବ୍ୟବସ୍ଥାରୁ ଜାତିଆଣ ବ୍ୟବସ୍ଥାର ସମ୍ପୂର୍ଣ୍ଣ ବିଲୋପ ନ ହେବା ପଛରେ ଅନେକ କାରଣ ରହିଛି। କିନ୍ତୁ ଏହା ଯଦି ଉଚ୍ଚଶିକ୍ଷିତ ଓ ସଭ୍ୟ ସମାଜର ପରିଚାୟକ କର୍ପୋରେଟ୍ କ୍ଷେତ୍ରକୁ ବ୍ୟାପିଥାଏ ତେବେ ତାହାର ପ୍ରତିକାର ଏକ ଉଦ୍‌ବେଗଜନକ ଓ ଜଟିଳ ପ୍ରସଙ୍ଗ। କର୍ପୋରେଟ୍ ଅର୍ଥନୀତିରେ ଜାତିବାଦକୁ ଅନୁଶୀଳନ କରି ସମ୍ବିଧାନ ପ୍ରଣେତା ଡ. ବାବାସାହେବ ଆମ୍ବେଦକର କହିଥିଲେ ଯେ ଅର୍ଥନୀତିରେ ଜାତିବାଦ ଶ୍ରମ ବିଭକ୍ତିକରଣ(ଡିଭିଜନ୍ ଅଫ ଲେବର) ନୁହେଁ, ବରଂ ଶ୍ରମିକଙ୍କ ବିଭକ୍ତିକରଣ(ଡିଭିଜନ୍ ଅଫ ଲେବରର)। ଏଠାରେ ଉଲ୍ଲେଖ କରିବା ପ୍ରାସଙ୍ଗିକ ହେବ ଯେ ଭାରତୀୟ ସାମାଜିକ ବ୍ୟବସ୍ଥାରେ ଏଭଳି ତୀବ୍ର ବର୍ଣ୍ଣବୈଷମ୍ୟ ଓ ଜାତିଆଣ ମନୋଭାବରୁ ହିଁ ସମ୍ବିଧାନରେ ସଂରକ୍ଷଣ ବ୍ୟବସ୍ଥାଟି ଜନ୍ମ ନେଇଥିଲା, ଯାହା ହଟିବାର କୌଣସି ସମ୍ଭାବନା ଭବିଷ୍ୟତରେ ଦେଖାଯାଉନାହିଁ।

ଆମ ଧର୍ମଧାରଣା ବସୁଧୈବ କୁଟୁମ୍ବକମ୍ ଉପରେ ଆଧାରିତ। ସର୍ବଧର୍ମ ସମନ୍ୱୟ ଓ ଜାତି-ଧର୍ମ-ବର୍ଣ୍ଣ-ସମ୍ପ୍ରଦାୟ ଭାବନାର ଊର୍ଦ୍ଧ୍ୱରେ ମାନବତାର ଉଦ୍‌ଘୋଷଣା କରୁଥିବା ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ପତିତପାବନ ଜଗତରନାଥ ପତିତମାନଙ୍କୁ ଉଦ୍ଧାର କରିବା ପାଇଁ ବଡ଼ଦାଣ୍ଡକୁ ଆସିଛନ୍ତି। ଏହି ପତିତପାବନ ଯାତ୍ରାର ପବିତ୍ର ସନ୍ଦେଶ ଆମ ଜୀବନାଦର୍ଶ ହେଉ। ସବର୍ଣ୍ଣ-ଅସବର୍ଣ୍ଣ ବିଭେଦରୁ ଊର୍ଦ୍ଧ୍ୱରେ ଆମ ଦୃଷ୍ଟିକୋଣ ଓ ମାନସିକତା ମାନବବାଦୀ ହେଉ। ମାନବତାର ସୁରକ୍ଷା ହୋଇପାରିଲେ ସାମ୍ବିଧାନିକ ମୂଲ୍ୟବୋଧର ସୁରକ୍ଷା ସ୍ୱତଃ ହୋଇଯିବ।

# ଘୋଷଯାତ୍ରାରେ ଶ୍ରୀପୁରୁଷୋତ୍ତମ ଚେତନା

ଚାରଣ ବସନ୍ତ ପଣ୍ଡା

ଆଜି ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା। ବଡ଼ଦାଣ୍ଡରେ ଦିବ୍ୟ ଆଭରଣରେ ମଣ୍ଡିତ ହୋଇ ଝଟକୁଛନ୍ତି ତିନିରଥ। ନିର୍ଦ୍ଦେଶ ପାଇବା ମାତ୍ରେ ବ୍ରହ୍ମଲୋକ ପର୍ଯ୍ୟନ୍ତ ଅତିକ୍ରମ କରିଯିବେ। ରଥରୂଢ଼ ନୀଳାଚଳ ଶିଖା ମଣେ। କ୍ଷରଶୀଳ ଜଗତରୁ ଅତୀତ, ଅକ୍ଷର ଜୀବ ଭୂତ ଆତ୍ମାଠାରୁ ଶ୍ରେଷ୍ଠ, ସବୁର ଆଦି, ଅନ୍ତ, ମଧ୍ୟ, ପରମ- ଧାମ ଓ ଆଧାର ମଧ୍ୟ ଏହି। ଏଠି ରାଜା-ପ୍ରଜା, ଉଚ୍ଚ-ନୀଚ, ଧନୀ-ଦରିଦ୍ର, ଜାତି-ବର୍ଣ୍ଣ-ଧର୍ମ ନିର୍ବିଶେଷରେ ସମସ୍ତେ ସମାନ। କେହି ଜ୍ୟେଷ୍ଠ-ଶ୍ରେଷ୍ଠର ଅଧିକାରୀ ନୁହନ୍ତି। ସେହି କ୍ଷରାକ୍ଷରାତୀତ ଏ ପରମ ପୁରୁଷ ଜଗତର ଏକମାତ୍ର କାରଣ। ସମସ୍ତ ଚିନ୍ତା-ଚେତନାକୁ, ଧର୍ମ-ଧାରଣାକୁ ଧଣ୍ଡା ମାଳ ସମ ଗଳାରେ ଲମ୍ବାଇ ସୃଷ୍ଟି କରିଛନ୍ତି ଏକ ଧର୍ମୀୟ ମହୋଦଧି। 'ଐତିହାସିକତାର ପ୍ରମାଣ ଖୋଜ ନାହିଁ; କେବଳ ମାନବବାଦର ଆଧ୍ୟାତ୍ମିକ ଭାବନାକୁ ସାକ୍ଷ୍ୟ ରୂପେ ଗ୍ରହଣ କର' - ଏ ଭାବନା ତାଙ୍କ ସଂସ୍କୃତିରେ ପାଖୁଡ଼ା ପାଖୁଡ଼ା ହୋଇ ଉନ୍ମୋଚିତ ହୋଇଛି।

ବହୁ ଧର୍ମର ଧ୍ୱଜା ଏ ମାଟିରେ ଉଡ଼ିଛି। ବହୁ ଧର୍ମର ମହାପ୍ଲାବନ ଘଟିଛି ଏ ମାଟିରେ। ତଥାପି ତା'ର ରୂପ, ଗୁଣ, ଧର୍ମକୁ କେହି ପରିବର୍ତ୍ତନ କରିପାରି ନାହାନ୍ତି; ବରଂ ସେମାନେ ସେ ଦାରୁଦେହରେ ସ୍ୱ ସ୍ୱ ଧର୍ମର ଇଷ୍ଟକୁ ଦର୍ଶନ କରି ପ୍ରତ୍ୟେକେ ତା'କୁ ନିଜର କରି ନେଇଛନ୍ତି। ଫଳତଃ ତାହାକୁ କେନ୍ଦ୍ର କରି ଗଢ଼ି ଉଠିଛି ଏକ ବିରାଟ ସାଂସ୍କୃତିକ ସୌଧ। ସମୟର ସ୍ରୋତରେ ମହାଭାରତୀୟ ବିଚାରଧାରା, ବ୍ୟବହାରିକ ରୀତିନୀତିକୁ ନେଇ ଗଢ଼ି ଉଠିଥିବା ଆର୍ଷ ଓ ଆପ୍ତ ରୂପକ ଦୁଇଟି ପରମ୍ପରା ଦିନେ ବିପରୀତ ଦିଗରେ ଧାବିତ ହୋଇ ସରସ୍ୱତୀ ସଭ୍ୟତାଠାରୁ ଆରମ୍ଭ କରି ସରିତ ସଭ୍ୟତା ପର୍ଯ୍ୟନ୍ତ ବ୍ୟାପ୍ତ ହୋଇଥିଲା। ଗୋଷ୍ଠୀ ଭାବନାକୁ କେନ୍ଦ୍ର କରି ମୈତ୍ରୀ ଭାବନା ବିବାଦରେ ପରିଣତ ହୋଇଥିଲା। ସେହି ବିବାଦର ସମାଧାନ ଏହିଠାରେ ହିଁ ସମ୍ଭବ ହୋଇଛି।

ବଡ଼ ବିଚିତ୍ର ବିଚିତ୍ର ଏହାଙ୍କ ପରମ୍ପରା। ଯେଉଁଠାରେ ଶବର, ଦିଶାରି ଓ ଆର୍ଯ୍ୟ ପୁରୋଧା ସମାନ ଭାବରେ ସ୍ୱ ସ୍ୱ ଆସନରେ ମର୍ଯ୍ୟାଦାବନ୍ତ ହୋଇଥା'ନ୍ତି। ଯେଣୁ ଏ ସଂସ୍କୃତିର ମୂଳମନ୍ତ୍ର ସମନ୍ୱୟବାଦ, ଏହାଙ୍କ ଯଜ୍ଞ ପ୍ରତିଷ୍ଠିତ ଅନ୍ନ(ମହାପ୍ରସାଦ) ଜାତିଭେଦ ରହିତ। ମୁକ୍ତିକାମୀ ଜନଜୀବନର ଆଲୋକବର୍ତ୍ତିକା। ଏହାଙ୍କ ନିର୍ମାଣ ଶୈଳୀକୁ ଦେଖାଯାଉ। ସବୁରି ମଧ୍ୟରେ ତାଙ୍କର ନେତ୍ରଦ୍ୱୟ। କେହି କେବେ ଏହାଙ୍କ ନେତ୍ରଦ୍ୱୟକୁ ରମଣୀୟ ନେତ୍ର କହିପାରେ? ଶାବର ପଦ୍ଧତିରେ ଏ ନେତ୍ର ଉପାସିତ ହେଉଥିଲେ ମଧ୍ୟ ସମଗ୍ର ଜଗତ୍ ଏ ନେତ୍ର ମଧ୍ୟରେ ଯେଉଁ ଚରମ ସତ୍ୟକୁ ଉଦ୍‌ଘାଟନ କରିଛି, ତାହା ହେଉଛି 'ସମ ଦୃଷ୍ଟିପାତ'। ନେତ୍ର ମଧ୍ୟସ୍ଥ ଘୂର୍ଣ୍ଣୟମାନ ସେ ତ୍ରାଟକ ଡୋଳା, ଦଶଦିଶାକୁ ସମ ବ୍ୟବଧାନରେ ଧାବିତ ହୋଇଥାଏ। ଏଥିରୁ କ'ଣ ପ୍ରମାଣିତ ହୁଏ? ଏଥିରୁ ପ୍ରମାଣିତ ହୁଏ ଏ ଦ୍ରଷ୍ଟା ନିରପେକ୍ଷ ଭେଦଭାବରହିତ। ଅଙ୍ଗୁଳିଯୁକ୍ତ ହସ୍ତ ଦଣ୍ଡ ନିର୍ଦ୍ଦିଷ୍ଟ ବସ୍ତୁକୁ ସ୍ୱର୍ଶ ଜନିତ ସୁଖ ପ୍ରଦାନ କରିଥାଏ। ମାତ୍ର ଅଙ୍ଗୁଳି ବିହୀନ ହସ୍ତ ସାର୍ବଜନୀନ ସୁଖ ଦିଏ, ଯାହାକି ସଦା ନିରପେକ୍ଷତା ଉପରେ ପ୍ରତିଷ୍ଠିତ।

ଏବେ ଏହାଙ୍କ ସୃଷ୍ଟିରେ ବିରଳ ଦର୍ଶନ ବିଧିକୁ ଦେଖାଯାଉ। ଦେଖିଛ କେଉଁଠାରେ ସାଧକ ତା'ର ସାଧ୍ୟକୁ କୋଳ କରିବାର ପଦ୍ଧତି? ଉପାସ୍ୟ ତା'ର ଉପାସକକୁ ଆଲିଙ୍ଗନ କରିବାର ଭାବଭଙ୍ଗୀ? ଏଥିରେ ଜାତି-ଅଜାତି, ସ୍ପୃଶ୍ୟ-ଅସ୍ପୃଶ୍ୟର ହୀନମାନ୍ୟତା ଭାବ ନାହିଁ। ଏବେ ଦେଖିବା ବର୍ଣ୍ଣ ବା ରଙ୍ଗ ଭେଦ। ସମଗ୍ର ବିଶ୍ୱବାସୀଙ୍କୁ ତିନି ଗୋଟି ବର୍ଣ୍ଣ (ରଙ୍ଗ) ଭେଦରେ ବିଭକ୍ତ କରାଯାଇପାରେ - ଶ୍ୱେତ, ପୀତ, କୃଷ୍ଣ। ତାହାର ଏକତ୍ରୀକରଣ ଶ୍ରୀପୁରୁଷୋତ୍ତମ ଚେତନାରେ ସମ୍ଭବ ହୋଇପାରିଛି। ଏହାଦ୍ୱାରା ସମଗ୍ର ବିଶ୍ୱରେ ମୁଣ୍ଡଟେକି ଉଠୁଥିବା ବର୍ଣ୍ଣଭେଦ ଭାବ ଏଠାରେ ବିଲୟ ଘଟିଛି। ପ୍ରକାରାନ୍ତରେ ଶ୍ରୀପୁରୁଷୋତ୍ତମ ଚିନ୍ତନ ଘୋଷଣା କରୁଛି - ବର୍ଣ୍ଣବୈଷମ୍ୟ ଜନିତ ଭାବନାକୁ ମନ ମଧ୍ୟରୁ ପରିହାର କରି ଭ୍ରାତୃତ୍ୱର ଶୃଙ୍ଖଳାରେ ସମସ୍ତେ ଆବଦ୍ଧ ହୁଅ।

ମଣିଷ ମନରେ ପୂର୍ଣ୍ଣତା ଆସେ, ଯେବେ ତା'ର ମନ ମଧ୍ୟରେ ସହନଶୀଳତାର ଭାବ ସାର୍ଥକ ଲଭେ। ଅର୍ଥାତ୍ ଯେତେବେଳେ ସେ ଦୀପ୍ତତା ସହିତ ସହନଶୀଳତାକୁ ସମଜ୍ଞାନ କରେ। ଏପରି ଧାରା କେବଳ ଶ୍ରୀପୁରୁଷୋତ୍ତମ ଜଗନ୍ନାଥ ସଂସ୍କୃତିରେ ପ୍ରତିଭାତ ହେଉଛି। ଏଠାରେ ସୃଷ୍ଟି ବିଚାର ଧାରାକୁ ପର୍ଯ୍ୟାଲୋଚନା କରାଯାଉ। ଜଗତରେ ଯେତେ ପଦାର୍ଥ ଅଛି, ତା'କୁ ଯଦି ଅଗ୍ନିରେ ନିକ୍ଷେପ କରିବା ତା'ର ଏକ ପାର୍ଶ୍ୱ ଉତ୍ତପ୍ତ ହେଲେ ଅପର ପାର୍ଶ୍ୱ ତାପ ପ୍ରଦାନ କରିବ। ମାତ୍ର ସମଗ୍ର ଜଗତରେ ଏକମାତ୍ର ଦାରୁ (କାଷ୍ଠ)କୁ ଯଦି ସେହି ପକ୍ରିୟାରେ ଦେଖାଯାଏ, ତେବେ ତା'ର ଏକ ପାର୍ଶ୍ୱ ଉତ୍ତପ୍ତ (ଜଳୁଥିବା) ହେଉଥିବା ସମୟେ ପାରପାର୍ଶ୍ୱ ଶୀତଳତା ପ୍ରଦାନ କରୁଥିବ। ତେଣୁ ଜଡ଼ ଓ ଚେତନା ମଧ୍ୟରେ ସମନ୍ୱୟ ରକ୍ଷା କରେ ଶ୍ରୀପୁରୁଷୋତ୍ତମ ସଂସ୍କୃତି, ଯାହାର ପଟ୍ଟାନ୍ତର ନାହିଁ। ଏ ଚିନ୍ତନକୁ ଭୁବନବିଦିତ କରିବା ପାଇଁ ସ୍ୱୟଂ ଦେବାଧିଦେବରାଜ ଆପଣାର ବାପୁକୁ ଦାରୁରେ ନିର୍ମାଣ କରାଇଛନ୍ତି।

ସେବା ଭାବକୁ ଦେଖିବା। ଆର୍ଯ୍ୟ ମତବାଦର ପ୍ରବର୍ତ୍ତକ ରାଜଶ୍ରୀ ଇନ୍ଦ୍ରଦ୍ୟୁମ୍ନ ଯଦି ଶାବରମାନଙ୍କୁ ଯଥାମାନ୍ୟ ମର୍ଯ୍ୟାଦା ଦେଇ ସେମାନଙ୍କୁ ତୃପ୍ତ କରିବାର ଅଭିଳାଷ ମନରେ ପୋଷଣ କରିଥା'ନ୍ତେ, ତେବେ ତାଙ୍କୁ ମହାପ୍ରଭୁଙ୍କ ବହୁ ମହାର୍ଘ୍ୟ ସେବା ମିଳି ପାରିଥା'ନ୍ତା। ପରନ୍ତୁ ଏ ପ୍ରତିଷ୍ଠାପକ ଶକ୍ତି ସମାଜର ସର୍ବକନିଷ୍ଠ ସେବା(ମାର୍ଜନୀ)କୁ ଆଦରି ନେଲେ କାହିଁକି? ପରକ୍ଷଣରେ ସେ ମହାଭାଗ ପ୍ରମାଣ କରିଦେଇ ଗଲେ ସମାଜର ସର୍ବୋଚ୍ଚ ଆସନରେ ଯେ ଆସୀନ ହେବ ସେ ସମାଜର ସର୍ବନିମ୍ନ ସେବାର ଆଦର୍ଶକୁ ଗ୍ରହଣ କରିବା ଉଚିତ୍। ସୃଷ୍ଟିର ଆଦିମ ଚିନ୍ତା ଏହି କି, କନିଷ୍ଠକୁ ତଥା ତାଙ୍କର ମହତ୍ତ୍ୱକୁ ପ୍ରତିଷ୍ଠା କରାଇବା ଜ୍ୟେଷ୍ଠର ପ୍ରଧାନ କର୍ତ୍ତବ୍ୟ। ତେଣୁ ଏ ଭାବ ଧାରାକୁ ଲୋକଲୋଚନରେ ପରିପ୍ରକାଶ କରିବା ପାଇଁ ସ୍ୱୟଂ ମହାପ୍ରଭୁ ତଳେ ରହି ପ୍ରାସାଦର ସର୍ବୋଚ୍ଚ ଶିଖରରେ ଦେବାୟୁଧ ସୁଦର୍ଶନଙ୍କୁ ସ୍ଥାନ ଦେଇ ତାହାଙ୍କ ନିକଟରେ ଜଗତର କଲ୍ୟାଣକାରୀ ବାଣୀକୁ ଉଦ୍‌ଘୋଷଣା କରାଉଛନ୍ତି। ଏ ସଂସ୍କୃତିରେ ଭାଇ-ଭଉଣୀ ମଧ୍ୟରେ ଯେଉଁ ଅପ୍ରାକୃତ ସ୍ନେହ, ପ୍ରେମ ତା'ର ସର୍ବବାଦୀ ଦର୍ଶନର ଚରମ ନିଦର୍ଶନ ମଧ୍ୟ ପ୍ରତିଷ୍ଠା ଲାଭ କରିଛି। ଏହି ଭାବଧାରାକୁ ଆଜି ସକଳ ମାନବ ସମାଜ ଆଦରି ନେବା ଉଚିତ୍।

ପରିଶେଷରେ ଏତିକି କୁହାଯାଇପାରେ ଯେ ଏ ସଂସ୍କୃତିରେ ସଦାସର୍ବଦା ଧର୍ମନିରପେକ୍ଷତା, ଧର୍ମସହବସ୍ଥାନ, ସମନ୍ୱୟବାଦୀ ଦର୍ଶନ, ନିରହଙ୍କାରିତା, ଶାନ୍ତି, ମୈତ୍ରୀ, ପ୍ରୀତି ଓ ସଂହତିର ଘଟିଛି ପୁଷ୍କଳ ପରିପ୍ରକାଶ, ଯାହାକି କୋଣସି ଶାସକ ଆପଣାର କ୍ଷମତା ବଳରେ ଏହାକୁ ପ୍ରତିଷ୍ଠା କରିନାହିଁ, ବରଂ ଏହା ଶତାବ୍ଦୀ ଶତାବ୍ଦୀ ଧରି ସାଧନା, ପରୀକ୍ଷା, ନିରୀକ୍ଷା ମଧ୍ୟରେ ଗତିକରି ପରିପକ୍ୱତା ଲାଭ କରିଛି। ପରବର୍ତ୍ତୀ ସମୟରେ ଆତ୍ମୀୟତା ଓ ବିଶ୍ୱାସର ଶାଶ୍ୱତ ଧାରାରେ ରୂପ ନେଇଛି ଏକ ଗଣଧର୍ମର। ପୁରୁଷୋତ୍ତମ ଜଗନ୍ନାଥ ଉକ୍ତ ଚେତନା/ଧର୍ମର ମୂର୍ତ୍ତିମନ୍ତ ପ୍ରତୀକ। ଜାତୀୟ ସଂହତି ରକ୍ଷାର ଦୃଢ଼ କବଚ। ସେ ଏକ ସ୍ୱଚ୍ଛ ମୁକୁର, ଯେଉଁଥିରେ ପ୍ରତିବିମ୍ବିତ ହୁଏ ମହାନ୍ ଐତିହ୍ୟ ତଥା ସୁସଂହତ ଭାବନାର, ଆଧ୍ୟାତ୍ମିକ ଉଦାରତାର, ମୈତ୍ରୀ ଚେତନାର, ବିଶ୍ୱ ଭ୍ରାତୃତ୍ୱର। ମାନବିକ ଐକ୍ୟ, ସାମ୍ୟ ତଥା ସମନ୍ୱୟବାଦ, ଜାତୀୟ ସଂହତି, ମାନବିକତା ଏବଂ ସୁସ୍ଥ ସାମାଜିକ ପରମ୍ପରାର ସନ୍ଦେଶ ଏହି ମହାନ ସଂସ୍କୃତି। ମହାପ୍ରଭୁ ଶ୍ରୀଜଗନ୍ନାଥ ଘୋଷ ଯାତ୍ରା ଅବକାଶରେ ସତେଯେପରି ସୂକ୍ଷ୍ମ ଶ୍ରୁତି ଲଭ୍ୟ ଜ୍ଞାନରେ ଶୁଣାଉଛନ୍ତି - ହେ ବିଶ୍ୱ ମାନବ ଗଣ! ପରସ୍ପର ମଧ୍ୟରୁ ଭେଦଭାବ ଭୁଲି ସ୍ନେହର ବନ୍ଧନରେ ଆବଦ୍ଧ ହୁଅ। ସଂଘବଦ୍ଧ ଭାବରେ ମୈତ୍ରୀ ଭାବନାରେ ପରସ୍ପରକୁ କୋଳାଗ୍ରତ କର। କାରଣ ମୈତ୍ରୀ ପ୍ରଣୋଦିତ ଜନସଂହତି ବିନା ରାଷ୍ଟ୍ରସଂହତି ରକ୍ଷା ଅସମ୍ଭବ। ତେଣୁ ଐକ୍ୟବଦ୍ଧ ହୁଅ। ଏହାଦ୍ୱାରା ରାଷ୍ଟ୍ରୀୟ ମହତ୍ତ୍ୱ ପ୍ରତିଷ୍ଠା ହେବ। ମାନବିକତାର ଅମୀୟ ଧାରା ସର୍ବତ୍ର ପ୍ରବାହିତ ହେବ।

ପଦ୍ମଶ୍ରୀ ରଥଶର୍ମାଙ୍କ ଭାଷାରେ, ଶ୍ରୀଜଗନ୍ନାଥ ସଂସ୍କୃତି କେଉଁ ସ୍ମରଣାତୀତ କାଳରୁ ମହାଭାରତୀୟ ସନାତନ ଚିନ୍ତନରେ ଏକ ସାଂସ୍କୃତିକ ପିଣ୍ଡି, ଯେଉଁଥିରେ ବୈଦିକ ବିଚାର, ବ୍ରହ୍ମ ଜିଜ୍ଞାସାର ସିଦ୍ଧାନ୍ତ, ତାନ୍ତ୍ରିକ ଆଚରଣ ବିଧି, ପୌରାଣିକ ଆଦର୍ଶ ଗତ ଆଖ୍ୟାୟିକା ସ୍ତର ବିସ୍ତାରିତ ହୋଇଛି। ତାଦୃଶୀ ତାଙ୍କର ଘୋଷଯାତ୍ରା। ଆଜି ଜଗତ ଯୋଡ଼ହସ୍ତ ହୋଇ ପ୍ରାର୍ଥନା କରୁଛି - ହେ ମହାପ୍ରଭୁ! ତୁମେ ହିଁ ଜଗତର କାରଣ। ଜୟ ଜଗନ୍ନାଥ!


ନୟାଗଡ଼, ମୋ: ୯୨୩୭୦୯୫୨୪୯

# ଓଡ଼ିଆ ଭାଷା ଓ ସାହିତ୍ୟର ଭବିଷ୍ୟତ

ମଦନ ମୋହନ ମହାପାତ୍ର

ବର୍ତ୍ତମାନ ବିଶ୍ୱ ଜନମାନସ ଆଗ ଭଳି ସାହିତ୍ୟାନୁରାଗୀ ନୁହେଁ। ବର୍ତ୍ତମାନ ସାହିତ୍ୟ ପଛ ଧାଡ଼ିରେ। ଆଗରେ ଅଛି -ଏସ.ଟି.ଇ.ଏମ.(ସାଇନ୍ସ-ବିଜ୍ଞାନ, ଟେକ୍ନୋଲଜି-ବୈଷୟିକ ଜ୍ଞାନକୌଶଳ, ଇଞ୍ଜିନିୟରିଂ-ଯାନ୍ତ୍ରିକ ବିଦ୍ୟା, ମ୍ୟାଥମେଟିକ୍ସ-ଗଣିତ)। ଆମେରିକା, ଚୀନ ଆଦି ବିକଶିତ ଦେଶମାନେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି ଏବଂ ଆଜିର ଦୁନିଆ ସହିତ ତାଳ ଦେଇ ନିଜକୁ ବଞ୍ଚାଇ ରଖିବାକୁ ହେଲେ ଏହା ଉପରେ ଗୁରୁତ୍ୱ ଦେବା ମଧ୍ୟ ଜରୁରୀ ହେଇପଡ଼ିଛି।

ଜେଡ ଜେନେରେସନର କ୍ୱଚିତ ପିଲା (୧୩ ରୁ ୨୮ ବର୍ଷ ବୟସ) କ୍ଲାସିକ କିମ୍ବା ସମସାମୟିକ ସାହିତ୍ୟ ପଢ଼ନ୍ତି ବା କୌଣସି ପ୍ରତିଷ୍ଠିତ ସାହିତ୍ୟିକଙ୍କୁ ଜାଣନ୍ତି। କେବଳ ବେବି ବୁମର୍ସ (ଜନ୍ମ ୧୯୪୬-୧୯୬୪) ଏବଂ ଜେନ ଏକ୍ସ (ଜନ୍ମ ୧୯୬୫-୧୯୮୦)ମାନେ ସାହିତ୍ୟ ପାଠକ ବର୍ଗର ଅଟନ୍ତି। ଅର୍ଥାତ ସାହିତ୍ୟ ଧାରାରେ ନୂଆ ପିଢ଼ିର ଉପସ୍ଥିତି ନଗଣ୍ୟ। ଏହାର ପ୍ରଭାବ ଓଡ଼ିଶାରେ ମଧ୍ୟ ଅନୁଭୂତ ହେବା ସ୍ୱାଭାବିକ। ଏଠାରେ ସାଧାରଣ ସାହିତ୍ୟ ପାଠକଙ୍କ ସଂଖ୍ୟା ଖୁବ କମ ଏବଂ ପ୍ରାୟତଃ ବୟସ୍କ କବି ଓ ଲେଖକମାନେ ହିଁ ପରସ୍ପରର କୃତି ପଢ଼ିବାର ଦେଖାଯାଇଥାଏ। ସାଧାରଣ ଲୋକଙ୍କର ସାହିତ୍ୟ ସହିତ ସମ୍ପର୍କ କେବଳ ଇଲେକ୍ଟ୍ରୋନିକ ମିଡିଆର କିଛି ସୋପ ଅପେରା, ଲଘୁ ସଙ୍ଗୀତ, ଶସ୍ତା ଧାରାବାହିକ ଓ ଫର୍ମୁଲା ଚଳଚ୍ଚିତ୍ରରେ ସୀମିତ ହେଇ ରହିଯାଉଛି। ଅପରପକ୍ଷରେ ଉନ୍ନତମାନର ଓଡ଼ିଆ ଚଳଚ୍ଚିତ୍ର, ଲଘୁ ସଙ୍ଗୀତ ଓ ଧାରାବାହିକ ଅଭାବରେ ଓଡ଼ିଶାର ଦର୍ଶକମାନଙ୍କ ନିକଟରେ ଦିନକୁ ଦିନ ଅନ୍ୟାନ୍ୟ ଭାଷାର ଚଳଚ୍ଚିତ୍ର ଓ ଲଘୁ ସଙ୍ଗୀତର ଚାହିଦା ବୃଦ୍ଧି ପାଇବାରେ ଲାଗିଛି।




ଏ ତ ଗଲା ସାହିତ୍ୟ କଥା। ଭାଷାକୁ ଆସିବା। ଏ ବିଷୟରେ ତର୍ଜମା କଲା ବେଳେ ଓଡ଼ିଆ ଭାଷାର ଭବିଷ୍ୟତ ସେତେ ଉଜ୍ଜ୍ୱଳ ଦେଖାଯାଏ ନାହିଁ। ପୃଥିବୀର ପ୍ରାୟ ୮୨୨ କୋଟି ଲୋକଙ୍କ ଭିତରୁ ଇଂରାଜୀ ଭାଷାଭାଷୀ ମାତ୍ର ୩୯ କୋଟି ବା ୪.୭%। କିନ୍ତୁ ପୃଥିବୀର ପାଖାପାଖି ୧୫୩ କୋଟି ବା ୧୮.୬% ଲୋକ ଇଂରାଜୀ ବ୍ୟବହାର କରନ୍ତି, ଯାହାକି ସର୍ବାଧିକ ବ୍ୟବହୃତ ଭାଷାର ମାନ୍ୟତା ପାଇଚାଲିଛି। ପ୍ରାୟ ୫ କୋଟି ଓଡ଼ିଆ ବିଶ୍ୱ ଜନସଂଖ୍ୟାର ପାଖାପାଖି ୦.୬ ଭାଗ। କିନ୍ତୁ ସେମାନଙ୍କ ମଧ୍ୟରୁ କେବଳ ୮୨ ଭାଗ ଲୋକଙ୍କର ମୁଖ୍ୟ ବ୍ୟବହୃତ ଭାଷା ଓଡ଼ିଆ। ଓଡ଼ିଶା ବାହାରେ ରହୁଥିବା ଖୁବ କମ ଲୋକ ଓଡ଼ିଆ ବୁଝିପାରନ୍ତି।

ଦିନକୁ ଦିନ ଅଣଇଂରାଜୀ ଭାଷାଭାଷୀ ଦେଶ (ଭାରତ, ଚୀନ, ଜର୍ମାନୀ, ନେଦରଲାଣ୍ଡ ସମେତ ଅନ୍ୟ ଏସୀୟ ଓ ଆଫ୍ରିକୀୟ ଦେଶ)ମାନଙ୍କରେ ଇଂରାଜୀ ଭାଷାର ପ୍ରଚାର ପ୍ରସାର ବଢ଼ି ଚାଲିଛି। ସମଗ୍ର ବିଶ୍ୱରେ କେବଳ ଇଂରାଜୀ ହିଁ ସାଧାରଣ ଭାବ ବିନିମୟ ଓ ଶିକ୍ଷାର ମାଧ୍ୟମ ହେବାକୁ ବସିଛି। କାରଣ ଇଂରାଜୀ ଭିନ୍ନ ଅନ୍ୟ ଭାଷାରେ ବିଜ୍ଞାନ, ବୈଷୟିକ ଜ୍ଞାନକୌଶଳ ଓ ଏଆଇ(କୃତ୍ରିମ ବୁଦ୍ଧିମତ୍ତା) ବିଷୟରେ ଜ୍ଞାନ ଆହରଣ କରିବା ଏବଂ ବୈଜ୍ଞାନିକ, ଯୁକ୍ତିବାଦୀ ଆଧୁନିକ ମଣିଷର ଭାବାବେଗକୁ ପ୍ରକାଶ କରିବା କଷ୍ଟକର। ସେଥିପାଇଁ ଦୈନନ୍ଦିନ ଜୀବନଚର୍ଯ୍ୟାରେ ଇଂରାଜୀ ଶବ୍ଦ ଓ ଭାଷାର ପ୍ରଚଳନ ଅପରିହାର୍ଯ୍ୟ ହେଇପଡ଼ିଛି।

ଓଡ଼ିଆ ମାଧ୍ୟମରେ ପିଲାମାନେ ଶିକ୍ଷା ଗ୍ରହଣ କରିବାକୁ ଅନିଚ୍ଛୁକ। ଓଡ଼ିଆ ମାଧ୍ୟମରେ ଦଶମ ଯାଏଁ ପଢ଼ିଥିବା ଏବେକାର ଅନେକ ଓଡ଼ିଆ ପିଲା ହିନ୍ଦୀ ଓ ସଂସ୍କୃତ ବିଷୟକୁ ତୃତୀୟ ଭାଷା ଭାବେ ନେଇ ପଢ଼ନ୍ତି। ଅପରପକ୍ଷରେ ଓଡ଼ିଆ କିମ୍ବା ଅନ୍ୟ ଭାରତୀୟ ଭାଷା ଠିକ ଭାବେ ପଢ଼ି ବା ବୁଝି ପାରୁ ନ ଥିବା ବେଳେ ପ୍ରତ୍ୟେକ କାମ ପାଇଁ କେବଳ ଇଂରାଜୀକୁ ହିଁ ଏକମାତ୍ର ବିକଳ୍ପ ଭାଷା ଭାବେ ବାଛି ନେଇଥିବାର ପ୍ରତ୍ୟକ୍ଷ ଅନୁଭୂତି ଲେଖକର ରହିଛି। ବର୍ତ୍ତମାନ ପିଢ଼ି ସାମ୍ନାରେ ପ୍ରଶ୍ନବାଚୀ - ଯଦି ସେମାନେ ଇଂରାଜୀରେ ମେଲ କରିବେ, ମେସେଜ କରିବେ, ଚାଟିଙ୍ଗ କରିବେ, ପାଠ ପଢ଼ିବେ, ସାକ୍ଷାତକାର ଦେବେ, ଅଫିସ କାମ କରିବେ, ମନୋରଞ୍ଜନ ପାଇଁ ଇଂରାଜୀ ଚଳଚ୍ଚିତ୍ର ଦେଖିବେ ତେବେ ଓଡ଼ିଆ ପଢ଼ିବେ କାହିଁକି? ଆଉ ବିନା ଭାଷାଜ୍ଞାନରେ ସାହିତ୍ୟର ଗଭୀରତାକୁ ଜଣେ ଛୁଇଁବ କେମିତି?

ଓଡ଼ିଆ ସାହିତ୍ୟର ପାଠକୀୟତା ଓ ଓଡ଼ିଆ ଭାଷାର ଗ୍ରହଣୀୟତାରେ ବୃଦ୍ଧି ନଘଟିଲେ ଏହାର ଆୟୁଷ ବେଶୀ ଦିନ ନୁହେଁ। ଏକଦା ମହାନ ଭାଷାର ମାନ୍ୟତା ପାଇଥିବା ସଂସ୍କୃତର ଅବସ୍ଥା ଏବେ ଯାହା, ସେହି ଅବସ୍ଥା ଭବିଷ୍ୟତରେ ଓଡ଼ିଆ ଭାଷା ଭୋଗିବାକୁ ଯାଉଛି। ତେଣୁ ଏ ସମୟ ଓଡ଼ିଆ ସାହିତ୍ୟର ଆଲୋଚକ, ପ୍ରକାଶକ ଓ ଲେଖକମାନଙ୍କ ପାଇଁ ଏକ ଆହ୍ୱାନର ସମୟ। ନୂତନ ପିଢ଼ିକୁ ଓଡ଼ିଆ ଭାଷା ଓ ସାହିତ୍ୟ ଅନୁରାଗୀ କରାଇବାକୁ ହେଲେ ଯୁବ ପିଢ଼ିର ରୁଚି, ଚିନ୍ତା, ଚେତନା, ସମସ୍ୟା ଓ ଆବଶ୍ୟକତାକୁ ଆଖି ଆଗରେ ରଖି ସଂକ୍ଷିପ୍ତ, ବୋଧଗମ୍ୟ, ସରଳ, ଭାବଗର୍ଭକ ଓ ଯୁଗପୋଯୋଗୀ ସାହିତ୍ୟ କୃତିକୁ ପ୍ରୋତ୍ସାହନ ଦେବା ସହିତ ଭାଷାର ଶବ୍ଦକୋଷରେ ସାମ୍ପ୍ରତିକ ମାନବୀୟ ଭାବର ପ୍ରକାଶଯୋଗ୍ୟ ଯଥେଷ୍ଟ ଶବ୍ଦ ରହିବା ଦରକାର। ସେଥିପାଇଁ ହୀନମନ୍ୟତା, ଗତାନୁଗତିକତା, ରକ୍ଷଣଶୀଳତା ଓ ଗୋଷ୍ଠୀ ପ୍ରତିଯୋଗିତାରୁ ଊର୍ଦ୍ଧ୍ୱକୁ ଆସି କାମ କଲେ ହୁଏତ ଓଡ଼ିଆ ଭାଷା ଓ ସାହିତ୍ୟକୁ ଆଗାମୀ ପିଢ଼ି ଯାଏ ବଞ୍ଚିବାରେ ସାହାଯ୍ୟ କରି ହୁଅନ୍ତା।

ଭୁବନେଶ୍ୱର, ମୋ: ୯୮୯୨୦୦୦୨୨୪

# ଡାକ୍ତର ହନୁମାନ

ଓଜସ୍ୱିନୀ

*ନାସୈ ରୋଗ ହରୈ ସବ୍ ପିରା, ଜୋ ସୁମିରୈ ହନୁମତ ବଲବୀରା... ।*

ସଦାସର୍ବଦା ପବନସୁତ ହନୁମାନଙ୍କ ଚିନ୍ତନ, ସ୍ମରଣ ଓ ନାମ ସ୍ମରଣ କରିବା ଦ୍ୱାରା ସବୁ ଦୁଃଖକଷ୍ଟରୁ ମୁକ୍ତି ମିଳିବା ସହିତ ସମସ୍ତ ରୋଗ ନାଶ ହୋଇଥାଏ। ହନୁମାନ ଚାଳିଶାର ଏହି ଦୋହା ଏବେ ପ୍ରତ୍ୟକ୍ଷ ପ୍ରମାଣିତ ହୋଇପାରିଛି। ଅଞ୍ଜନିସୂତ ହନୁମାନ ଡାକ୍ତର ବେଶରେ ପୂଜା ପାଉଛନ୍ତି ଏବଂ ଏହି ମନ୍ଦିରକୁ ଆସୁଥିବା ରୋଗୀମାନେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଫେରୁଛନ୍ତି। ଏପରିକି କର୍କଟ, ଟିବି, ଅଲ୍‌ସର୍ ଭଳି ଦୁରାରୋଗ୍ୟ ମଧ୍ୟ ଏଠାରେ ସମ୍ପୂର୍ଣ୍ଣ ଭଲ ହୋଇପାରୁଛି। ବର୍ତ୍ତମାନ ଚିକିତ୍ସା ବିଜ୍ଞାନ ଆଗରେ କର୍କଟରୁ ସମ୍ପୂର୍ଣ୍ଣ ଆରୋଗ୍ୟ ଏକ ଆହ୍ୱାନ ପାଲଟିଥିବା ବେଳେ ଭଗବାନଙ୍କ ପ୍ରତି ଭକ୍ତର ବିଶ୍ୱାସ ଏ କ୍ଷେତ୍ରରେ ବିଜୟଲାଭ କରିଛି। ଡାକ୍ତର ହନୁମାନଙ୍କ କୃପାରୁ କର୍କଟ ରୋଗୀ ପୁନର୍ଜନ୍ମ ପାଉଛନ୍ତି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ।

ଡାକ୍ତର ହନୁମାନ ମନ୍ଦିର ନାମରେ ପ୍ରସିଦ୍ଧ ଏହି ମଠ ମଧ୍ୟପ୍ରଦେଶସ୍ଥିତ ଭିଣ୍ଡ ଜିଲ୍ଲାର ଦନ୍ଦରୋଆଠାରେ ଅଛି। ଏଠାରେ ହନୁମାନଙ୍କ ମୂର୍ତ୍ତି ନୃତ୍ୟ ମୁଦ୍ରାରେ ଥିବା ଭଳି ପ୍ରତୀତ ହୋଇଥାଏ। ଭାରତର କେବଳ ଏହି ସ୍ଥାନରେ ହିଁ ହନୁମାନଙ୍କ ମୂର୍ତ୍ତି ନୃତ୍ୟରତ ସ୍ୱରୂପରେ ଅଛି ବୋଲି ଗବେଷକମାନେ ମତ ଦେଇଥା'ନ୍ତି। ମନ୍ଦିର ସମ୍ପର୍କିତ ପ୍ରଚଳିତ କିମ୍ବଦନ୍ତୀ ଅନୁସାରେ ଏକଦା ଏଠାରେ ଶିବକୁମାର ଦାସ ନାମକ ଜଣେ ସାଧୁ ସାଧନା କରୁଥିଲେ। ପରବର୍ତ୍ତୀ ସମୟରେ ସେ କର୍କଟ ରୋଗରେ ପୀଡ଼ିତ ହେଲେ। ସେ ହନୁମାନଙ୍କର ପରମ ଭକ୍ତ ଥିଲେ ଏବଂ ପ୍ରତିଦିନ ମନ୍ଦିରକୁ ଆସି ନିଷ୍ଠାପୂର୍ବକ ରୁଦ୍ରାବତାରଙ୍କ ପୂଜାର୍ଚ୍ଚନା କରୁଥିଲେ। ତାଙ୍କର ପୂଜାର୍ଚ୍ଚନା ଓ ଭକ୍ତିରେ ସନ୍ତୁଷ୍ଟ ହୋଇ ଦିନେ ହନୁମାନ ତାଙ୍କୁ ଡାକ୍ତର ରୂପରେ ଦର୍ଶନ ଦେଲେ। ସେଦିନ ଶିବକୁମାର ଦାସ ସମ୍ପୂର୍ଣ୍ଣ ଭାବେ କର୍କଟରୁ ଆରୋଗ୍ୟ ଲାଭ କଲେ।



ବିଶ୍ୱାସ ଓ ବିଜ୍ଞାନ

ଏହି ଖବର ସ୍ଥାନୀୟ ଅଞ୍ଚଳରେ ପ୍ରଚାରିତ ହେବା ପରେ ଲୋକମାନେ ହନୁମାନ ମୂର୍ତ୍ତିକୁ ଡାକ୍ତର ବେଶରେ ପୂଜା କରିବା ଆରମ୍ଭ କଲେ। ୩୦୦ ବର୍ଷ ପୁରୁଣା ଏହି ହନୁମାନଙ୍କ ମୂର୍ତ୍ତି ଗୋଟିଏ ନିମ୍ବ ଗଛ ତଳେ ଲୁଚି ରହିଥିଲା। ଗଛକୁ କାଟି ମୂର୍ତ୍ତିକୁ ଉଦ୍ଧାର କରିବା ପରେ ଦେଖାଗଲା ଯେ ହନୁମାନଙ୍କ ଏହି ମୂର୍ତ୍ତି ଗୋପାଙ୍ଗନା ରୂପରେ ନୃତ୍ୟ ମୁଦ୍ରାରେ ଅଛି। ସେହିଦିନଠାରୁ ନୃତ୍ୟରତ ମୁଦ୍ରାରେ ଥିବା ହନୁମାନଙ୍କୁ ଡାକ୍ତର ବେଶ କରାଇ ପୂଜାର୍ଚ୍ଚନା କରାଯାଉଛି। ଏଠାରେ ଭକ୍ତମାନେ ଶୁଦ୍ଧପୂତ ଭକ୍ତିରେ ହନୁମାନଙ୍କୁ ପୂଜା କରିବା ଦ୍ୱାରା କର୍କଟ ସହିତ ଅନ୍ୟ ଦୁରାରୋଗରୁ ମଧ୍ୟ ମୁକ୍ତି ପାଇଥା'ନ୍ତି ବୋଲି ଦୃଢ଼ ବିଶ୍ୱାସ ରହିଛି। ଏଠାରେ ଭକ୍ତମାନେ ୫ କିମ୍ବା ୭ଟି ମଙ୍ଗଳବାର କିମ୍ବା ଶନିବାର ନିରନ୍ତର ପରିକ୍ରମା କରିବାର ସଂକଳ୍ପ ନେଇଥା'ନ୍ତି। ଡାକ୍ତର ହନୁମାନଙ୍କ ଦର୍ଶନ ଓ ମନ୍ଦିରର ପରିକ୍ରମା କରିବା ପରେ ଭକ୍ତମାନଙ୍କୁ ପ୍ରସାଦ ଭାବେ ବିଭୂତି ଓ ପାଦୁକା ପାଣି ଦିଆଯାଏ। ଏହାକୁ ସେବନ କରିବା ପରେ ରୋଗୀମାନେ ସମ୍ପୂର୍ଣ୍ଣ ସୁସ୍ଥତା ଲାଭ କରିଥା'ନ୍ତି। ମାନସିକ ପୂରଣ ହେବା ପରେ ଏଠାରେ ସତ୍ୟନାରାୟଣ ପୂଜା ଅନୁଷ୍ଠାନ ଆୟୋଜନ କରାଯାଏ।

ଭାରତର ବିଭିନ୍ନ ଅଞ୍ଚଳ ସମେତ ବିଦେଶରୁ ମଧ୍ୟ ଅନେକ କର୍କଟ ରୋଗୀ ଏହି ପ୍ରାଣଘାତୀ ରୋଗରୁ ମୁକ୍ତି ପାଇବା ଆଶାରେ ଡାକ୍ତର ହନୁମାନଙ୍କ ନିକଟକୁ ଆସିଥା'ନ୍ତି। ଏହାର ମଠାଧୀଶ ଶ୍ରୀଶ୍ରୀ ୧୦୦୮ ମହାମଣ୍ଡଳେଶ୍ୱର ରାମଦାସଜୀ ମହାରାଜଙ୍କ କହିବା ଅନୁସାରେ ମନ୍ଦିରର ପରିକ୍ରମା କରିବା କରିବା ସହିତ ହନୁମାନଙ୍କ ବିଭୂତି ଓ ପାଦୁକା ପାଣି ସେବନ ଏବଂ "ଓଁ ଶ୍ରୀ ଦନ୍ଦରୋଆ ହନୁମତେ ନମଃ" ମନ୍ତ୍ର ଜପ କରିବା ଦ୍ୱାରା ରୋଗ ନାଶ ହେବା ସହିତ ମାତା ଲକ୍ଷ୍ମୀଙ୍କ କୃପା ପ୍ରାପ୍ତ ହୋଇଥାଏ। ତେଣୁ ଏହି ମନ୍ଦିର ଦୃଢ଼ ଭଗବତ୍ ବିଶ୍ୱାସର ପ୍ରତୀକ ଭାବେ ରହିଛି।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 I 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଓଡ଼ିଶାରୁ ଲୋପ ପାଇଯିବ ନଡ଼ିଆ ଚାଷ!

## ହ୍ରାସ ପାଉଛି ଉତ୍ପାଦନ, ସରକାର ଉଦାସୀନ

ଭୁବନେଶ୍ୱର, ୨୬।୬(ସମିସ): ନଡ଼ିଆ ଉତ୍ପାଦନର ପ୍ରମୁଖ ସ୍ଥାନ ହେଉଛି ଓଡ଼ିଶା। ଏଠି ୪୫୦ କିଲୋମିଟର ସୁଦୀର୍ଘ ବେଳାଭୂମି ରହିଛି। ବେଳାଭୂମି ସଂଲଗ୍ନ ଅଞ୍ଚଳରେ ନଡ଼ିଆ ଓ ନଡ଼ିଆ କତା ତିଆରି ଦ୍ରବ୍ୟ ଉତ୍ପାଦନ ପାଇଁ ପର୍ଯ୍ୟାପ୍ତ ସୁଯୋଗ ମଧ୍ୟ ଅଛି। ଏହି ସୁଯୋଗର ସଦୁପଯୋଗ କରି ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରାଯାଇପାରନ୍ତା। ଏଥିସହ ଚାଷୀଙ୍କ ଆୟ ବୃଦ୍ଧିରେ ମଧ୍ୟ ବିଶେଷ ସହାୟକ ହୁଅନ୍ତା। କିନ୍ତୁ ରାଜ୍ୟ ସରକାରଙ୍କର ଦୂରଦୃଷ୍ଟି ଅଭାବ ଓ ଭବିଷ୍ୟତମୁଖୀ ଯୋଜନା ନଥିବାରୁ ଏହା ସଫଳ ହୋଇପାରୁନି।

- ସୁଯୋଗର ସଦୁପଯୋଗ ହୋଇପାରୁନି
- କାମରେ ଆସୁନି ସୁଦୀର୍ଘ ଉପକୂଳ

ଫଳସ୍ୱରୂପ, ଭାରତରେ ନଡ଼ିଆ ଉତ୍ପାଦନ ସୂଚକାଙ୍କରେ ଓଡ଼ିଶା ଦିନକୁ ଦିନ ତଳକୁ ଖସୁଛି। ଏମିତିକି, ଆଗାମୀ ଦିନରେ ନଡ଼ିଆ ଉତ୍ପାଦନ ସଂପୂର୍ଣ୍ଣ ହ୍ରାସ ପାଇବା ନେଇ ଆଶଙ୍କା ପ୍ରକାଶ ପାଉଛି।

ସମଗ୍ର ଭାରତବର୍ଷରେ ନଡ଼ିଆ ଉତ୍ପାଦନରେ କେରଳ ପ୍ରଥମ ସ୍ଥାନରେ ଅଛି। ତା' ପଛକୁ ଯଥାକ୍ରମେ ତାମିଲନାଡୁ, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ ରହିଛନ୍ତି। ଏହି ସୂଚକାଙ୍କରେ ଓଡ଼ିଶାର ସ୍ଥାନ ପଞ୍ଚମରେ ରହିଛି। ମାତ୍ର ଆମର ସୁଦୀର୍ଘ ବେଳାଭୂମି ରହିଛି। ଯାହା ଅନ୍ୟ ରାଜ୍ୟ ତୁଳନାରେ ନଡ଼ିଆ ଚାଷ ପାଇଁ ବେଶ ଉପଯୋଗୀ ଜମି। ପୂର୍ବରୁ ଆମ ରାଜ୍ୟ ତିନି ନମ୍ବରରେ ଥିଲା। ଗତ କିଛି ବର୍ଷ ଭିତରେ କେରଳ ମଡେଲ୍‌କୁ ଆପଣାଇ ତାମିଲନାଡୁ ଓ ଆନ୍ଧ୍ରପ୍ରଦେଶ ଆମଠାରୁ ଅଧିକ ନଡ଼ିଆ ଉତ୍ପାଦନ କରୁଛନ୍ତି। କେରଳରେ ସର୍ବାଧିକ ୭୬୦ ହଜାର ହେକ୍ଟର ଜମିରେ ନଡ଼ିଆ ଚାଷ ହେଉଥିବା ବେଳେ ଆମ ରାଜ୍ୟରେ ମାତ୍ର ୫୩ ହଜାର ହେକ୍ଟର୍ ଜମିରେ ଚାଷ ହେଉଛି। ବିଶେଷକରି ୧୯୯୯ ମହାବାତ୍ୟାରେ ଓଡ଼ିଶାରେ ସର୍ବାଧିକ ନଡ଼ିଆ ଗଛ କ୍ଷତିଗ୍ରସ୍ତ ହୋଇଥିଲା। ପରବର୍ତ୍ତୀ ସମୟରେ ଫନି ବାତ୍ୟାରେ ମଧ୍ୟ ପୁରୀ ଜିଲ୍ଲା ନଡ଼ିଆ ଚାଷ ସଂପୂର୍ଣ୍ଣ ମୂଳପୋଛ ହୋଇଯାଇଥିଲା। ବାତ୍ୟା ଯୋଗୁଁ ଯେତିକି କ୍ଷତି ହୋଇଥିଲା, ପରବର୍ତ୍ତୀ ସମୟରେ ତା'ର କିଛି ପରିମାଣରେ ନୂଆ ଗଛ ଲଗାଇ



ଭରଣା କରାଯାଇଥିଲା। ହେଲେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଯୋଗୁଁ ପୂର୍ବଭଳି ଗଛଗୁଡ଼ିକ ବୃଦ୍ଧି ପାଇନଥିଲା ଓ ବିଭିନ୍ନ ରୋଗ ଦେଖାଦେଇଥିଲା।

ଓଡ଼ିଶାରେ ନଡ଼ିଆ ଚାଷ ଓ 'କଏର୍ ଇଣ୍ଡଷ୍ଟ୍ରି' ପାଇଁ ଅନୁକୂଳ ପରିବେଶ। ଏହାକୁ ଦୃଷ୍ଟିରେ ରଖି ୫ବର୍ଷ ପୂର୍ବରୁ ୫ଟି 'କଏର୍ କ୍ଲଷ୍ଟର୍' ସ୍ଥାପନ ହୋଇଥିଲା। ପୁରୀ ଜିଲ୍ଲାରେ କୋଣାର୍କ, ଡେଲାଙ୍ଗ ଓ ସତ୍ୟବାଦୀରେ ତିନୋଟି ଖୋଲାଯାଇଥିବା ବେଳେ ବାଲେଶ୍ୱର ଭୋଗରାଇ ଓ କେନ୍ଦ୍ରାପଡ଼ା ରାଜକନିକାରେ ଗୋଟିଏ ଲେଖାଁଏ କ୍ଲଷ୍ଟର୍ ଖୋଲାଯାଇଥିଲା। ମାତ୍ର ବର୍ଷ କେଇଟା ଭିତରେ ତିନୋଟି କ୍ଲଷ୍ଟର୍ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। କେବଳ ପୁରୀ ଜିଲ୍ଲାର ସତ୍ୟବାଦୀ ଓ ଡେଲାଙ୍ଗରେ କ୍ଲଷ୍ଟର୍ କାର୍ଯ୍ୟକ୍ଷମ ରହିଛି। ମାତ୍ର ଏହାର କାର୍ଯ୍ୟକାରିତ କ'ଣ ନଡ଼ିଆ ଚାଷୀମାନେ ଜାଣିପାରୁନାହାନ୍ତି। ଫଳସ୍ୱରୂପ କ୍ଲଷ୍ଟର୍‌ଗୁଡ଼ିକ ଏକପ୍ରକାର ଅଚଳ ଅବସ୍ଥାକୁ ଆସିଗଲାଣି।

ନଡ଼ିଆ ଚାଷ ଉପରେ ବହୁବର୍ଷ ଧରି ଗବେଷଣା କରିଥିବା ଗବେଷକ ଅମରଯୋଶୀ ପଟ୍ଟନାୟକ କହିଛନ୍ତି, ସାରା ଭାରତବର୍ଷରେ ଆମ ରାଜ୍ୟର ମାଟି ଓ ଜଳବାୟୁ ନଡ଼ିଆ ଉତ୍ପାଦନ ପାଇଁ ସର୍ବୋତ୍କୃଷ୍ଟ। କେରଳ ଏବେ ସର୍ବାଧିକ ନଡ଼ିଆ ଉତ୍ପାଦନ ରାଜ୍ୟ ହୋଇଥିଲେ ହେଁ ଆମ ରାଜ୍ୟରେ ହେକ୍ଟର ପିଛା ୭୫୨୮ଟି ନଡ଼ିଆ ଫଳୁଛି। କେରଳରେ ଏହି ସଂଖ୍ୟା ୭୪୦୨। ଏସବୁକୁ ଦୃଷ୍ଟିରେ ଆମ ରାଜ୍ୟରେ ନଡ଼ିଆ ଚାଷକୁ ବ୍ୟବସ୍ଥିତ କରିପାରିଲେ ଚାଷୀଙ୍କ ଆୟ ବୃଦ୍ଧି ପାଇବାରେ ବିଶେଷ ସହାୟକ ହେବ ବୋଲି ସେ କହିଛନ୍ତି।

ଶ୍ରୀ ପଟ୍ଟନାୟକ ଆହୁରି କହିଛନ୍ତି, କେବଳ ପଇଡ଼ କିମ୍ବା ନଡ଼ିଆ ଚାଷ ନୁହେଁ; ନଡ଼ିଆ ତେଲ, ନଡ଼ିଆ କ୍ଷୀର, ନଡ଼ିଆ ବିସ୍କୁଟ୍‌ଠାରୁ ଆରମ୍ଭ କରି ନଡ଼ିଆ କତା, ପାପୋଛ, କାର୍ପେଟ୍, ପୋଷାକ, ଦଉଡ଼ି, ଗୃହସଜ୍ଜା ସାମଗ୍ରୀ, କଣ୍ଢେଇ, ବିଞ୍ଚଣା ଆଦି ପ୍ରସ୍ତୁତ ହୋଇପାରିବ। ଏହାଦ୍ୱାରା କର୍ମନିଯୁକ୍ତି ବୃଦ୍ଧି ପାଇବ। ବର୍ତ୍ତମାନ ସରକାର ମାତ୍ରାଧିକ କର୍ମନିଯୁକ୍ତି ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି। ତେଣୁ ଏହା ଉପରେ ବିଶେଷ ଦୃଷ୍ଟି ଦେଇ କାର୍ଯ୍ୟ କଲେ, ଏହା ଏକ ନଡ଼ିଆ ଚାଷରେ ଉନ୍ନତି ହେବା ସହ ଓଡ଼ିଶାରେ କୁଟୀର ଶିଳ୍ପ ବୃଦ୍ଧି ହେବ। ଯାହା ଗ୍ରାମାଞ୍ଚଳ ଅର୍ଥନୀତିକୁ ସୁଧାରିବାରେ ମହୌଷଧି ସାଜିବ ବୋଲି ସେ କହିଛନ୍ତି।

### ଦଳିତଙ୍କ ଉପରେ ବଢୁଛି ବର୍ବୋରଚିତ ଆକ୍ରମଣ

# ଜାତୀୟ ସ୍ତରରେ ନିନ୍ଦିତ ହେଉଛି ଓଡ଼ିଶା

ଭୁବନେଶ୍ୱର,୨୬।୬(ସମିସ): ଗତ୨୨ ତାରିଖରେ ଗଞ୍ଜାମ ଜିଲ୍ଲା ଧରାକୋଟ ଦୁଇ ଦଳିତ ବ୍ୟକ୍ତି ବୁଲୁ ନାଏକ ଓ ବାବୁଲା ନାଏକଙ୍କୁ ଗାଁ ଦାଣ୍ଡରେ କଙ୍ଗାରୁ କୋର୍ଟ କରି ଅଧା ଲଣ୍ଡା କରି, ଆଣ୍ଠେଇ, ଘାସ ଖୁଆଇ, ନର୍ଦ୍ଦମା ପାଣି ପିଆଗଲା। ନିଜକୁ ବିଶ୍ୱ ହିନ୍ଦୁ ପରିଷଦର ସଦସ୍ୟ, ଗୋରକ୍ଷକ କହି ଯେଉଁ ଅମାନବୀୟ କାଣ୍ଡ କରାଯାଇଛି ତାହା ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ ବୋଲି ରାଜ୍ୟ କଂଗ୍ରେସ ପକ୍ଷରୁ କୁହାଯାଇଛି। ଏହି ଘଟଣା ପାଇଁ ଓଡ଼ିଶା ସାରା ବିଶ୍ୱରେ ନିନ୍ଦିତ ହୋଇଛି ବୋଲି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍ କହିଛନ୍ତି। ତଥ୍ୟ ଅନୁସନ୍ଧାନ କମିଟିର ଅଧ୍ୟକ୍ଷ ଥିବା କାଡାମ କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଏହି ଘଟଣାକୁ ନେଇ ପ୍ରତିଟି ଓଡ଼ିଆ ଦୁଃଖିତ, ଚିନ୍ତିତ ଓ ମର୍ମାହତ।

ଶ୍ରୀ କାଡାମ କହିଥିଲେ କି ପୀଡ଼ିତ ବାବୁଲା ନାୟକ ନିଜ ଝିଅ ବିବାହ ପାଇଁ ହିନ୍ଦୁ ରୀତି ନୀତି ଅନୁଯାୟୀ ଗୋଧନ ପ୍ରଦାନ କରିବା ଉଦ୍ଦେଶ୍ୟରେ ୨୨ ତାରିଖ ଦିନ ଦିନ ଗୁମା ଅଞ୍ଚଳରୁ ଗାଈ କିଣି ନିଜ ଘରକୁ ଫେରୁଥିଲେ। ଫେରିବା ସମୟରେ ଖାରିଗୁମାଠାରେ କିଛି ଅସାମାଜିକ ଯୁବକ ଅଟକାଇଥିଲେ। ବାବୁଲା ଝିଅ ପାଇଁ ଗୋଧନ ପ୍ରଦାନ କରିବାକୁ ନେଉଛି ବୋଲି କହିଥିଲେ। କିନ୍ତୁ ଏହି ଯୁବକମାନେ ମିଥ୍ୟାରୋପ ଲଗାଇ ଗାଈ ବେପାରୀ ଇତ୍ୟାଦି କହିବା ସହ ତାଙ୍କ ଜାତିକୁ ନେଇ ଗାଳିଗୁଲଜ କରିଥିଲେ। ବାବୁଲା ଭୟଭୀତ ହୋଇ ଛାଡ଼ିବାପାଇଁ କାକୁତି ମିନତି ହେବାରୁ ତାଙ୍କୁ ମାଡ ମାରିଥିଲେ। କିଛି ସମୟପରେ ଅଭିଯୁକ୍ତମାନେ ତାଙ୍କର ସହଯୋଗୀମାନଙ୍କୁ ଡକାଇଲେ ଏବଂ ଛାଡ଼ିବାକୁ ୩୦ ହଜାର ଟଙ୍କା ବଟି ମାଗିଲେ। ସେହି ଘଟଣା ସମୟରେ ବୁଲୁ ପହଞ୍ଚି ବାବୁଲାକୁ ଛାଡ଼ିବାକୁ କହିବାରୁ ବୁଲୁକୁ ମଧ୍ୟ ନିସ୍ତୁକ ମାଡ଼ ମାରିଲେ। ଦଳିତ ଦୁଇ ଜଣ ଗରିବ ପରିବାର ଓ ଆର୍ଥିକ ସ୍ଥିତି ଦୁର୍ବଳ, ନିଜ ପରିବାରକୁ ଚଳାଇବା ମଧ୍ୟ କଷ୍ଟ। ୩୦ ହଜାର ନଦେବାରୁ ସେମାନଙ୍କୁ ରାସ୍ତାରେ କଙ୍ଗାରୁ କୋର୍ଟ କରି ଚଲାଇଲେ ପରେ ଆଣ୍ଠେଇଲେ, ଘାସ ଖୁଆଇଲେ, ନର୍ଦ୍ଦମା ଅପରିସ୍କାର ପାଣି ପିଆଇ ଦୀର୍ଘ ୩ ଘଂଟା ଧରି ନିର୍ଯାତନା ଦେଇ ଚାଲିଥିଲେ। ଥାନାରୁ ୬ କିମି ଦୂରରେ ଏମିତି ଲୋମହର୍ଷଣକାରୀ ଘଟଣା ଘଟୁଥିଲା। କିନ୍ତୁ ପ୍ରଶାସନ ପାଖରେ ଖବର ନଥିବାକୁ ନେଇ କାଡାମ୍ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ରାଜ୍ୟରେ ଡବଲ ଇଞ୍ଜିନ ସରକାର ଆସିବା ପରେ ଆଇନଶୃଙ୍ଖଳା ଭୁଶୁଡ଼ି ପଡ଼ିଛି, ଅପରାଧୀମାନେ ଦିନଦ୍ୱିପହରରେ ଅପରାଧ କରୁଛନ୍ତି। ସରକାର ଓ ଗୃହ ବିଭାଗ ଚୁପ୍ ହୋଇ ନୀରବ ଦ୍ରଷ୍ଟା ସାଜିଛନ୍ତି। ଦଳିତ ମାନଙ୍କ ଉପରେ ଆକ୍ରମଣ ବଢୁଛି। ଏହି ଘଟଣାର ଅଭିଯୁକ୍ତ ମାନେ ସରକାରୀ ଦଳର କର୍ମକର୍ତ୍ତା, ମନ୍ତ୍ରୀଙ୍କ ସହ ଶାସକ ଦଳର ନେତାଙ୍କ ସହ ଫଟୋ ଭାଇରାଲ ହେଉଛି। ଶାସକ ଦଳର ପୃଷ୍ଠପୋଷକତାରେ ଏହି ଘଟଣା ଘଟିଛି। କିନ୍ତୁ ମୁଖ୍ୟ ଆସାମୀ ରାଜା ଏପର୍ଯ୍ୟନ୍ତ ଗିରଫ ନ ହେବାକୁ ନେଇ କଂଗ୍ରେସ ଆପତ୍ତି ଉଠାଇଛି।

# ସାମୟିକ କର୍ମଚାରୀ କାର୍ଯ୍ୟ ନିବୃତ୍ତି ସମୟରେ ପାଇବେ ୨.୫ ଲକ୍ଷ ଟଙ୍କା

ଭୁବନେଶ୍ୱର,୨୬।୬(ସମିସ): ରାଜ୍ୟର ସାମୟିକ କର୍ମଚାରୀମାନେ କାର୍ଯ୍ୟରୁ ନିବୃତ୍ତ ବେଳେ ପାଉଥିବା ଅର୍ଥରାଶିକୁ ରାଜ୍ୟ ସରକାର ବୃଦ୍ଧି କରିଛନ୍ତି। ପୂର୍ବରୁ ସାମୟିକ କର୍ମଚାରୀ ମାନଙ୍କୁ କାର୍ଯ୍ୟରୁ ଅନ୍ତର କରାଯିବା ବେଳେ କରାଯିବା ସମୟରେ ସେମାନଙ୍କୁ ଏକକାଳୀନ ୧.୫ ଲକ୍ଷ ଟଙ୍କା ମିଳୁଥିଲା। ଏହି ପରିମାଣକୁ ୨.୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀମୋହନ ଚରଣ ମାଝୀ ଅନୁମୋଦନ ଦେଇଛନ୍ତି। ଅନୁମୋଦିତ ନିଷ୍ପତ୍ତି ଅନୁଯାୟୀ ଯଦି ସାମୟିକ କର୍ମଚାରୀମାନେ ନିୟମିତ ପଦବୀକୁ ଯାଇଥିବେ କିନ୍ତୁ ୫ ବର୍ଷ ପୂରଣ କରିନଥିବେ ତେବେ ସେ କ୍ଷେତ୍ରରେ ସେମାନଙ୍କୁ ମଧ୍ୟ ୨.୫ ଲକ୍ଷ ଟଙ୍କା ଏକକାଳୀନ ରାଶି ମିଳିବ। ନିୟମିତ ପଦବୀରେ ୫ ବର୍ଷରୁ ଅଧିକ ସମୟ କାମ କରିଥିଲେ, କାର୍ଯ୍ୟ ନିବୃତ୍ତି ସମୟରେ ସେମାନେ ସର୍ବନିମ୍ନ ଗ୍ରାଚ୍ୟୁଇଟି ୨.୫ ଲକ୍ଷ ଟଙ୍କା ପାଇବେ। ଏହା ସହିତ ଏହି ଏକକାଳୀନ ଗ୍ରାଚ୍ୟୁଇଟି ପରିମାଣ ପ୍ରତି ଦୁଇ ବର୍ଷରେ ୧୦ ପ୍ରତିଶତ ଲେଖାଏଁ ବୃଦ୍ଧି ପାଇବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହି ବୃଦ୍ଧି ପାଇଁ ଅର୍ଥ ବିଭାଗର ଅନୁମୋଦନ ଆବଶ୍ୟକତା ପଡ଼ିବ ନାହିଁ। ବିଭାଗ ମାନେ ନିଜେ ପ୍ରତି ଦୁଇ ବର୍ଷରେ ଏହି ପରିମାଣ ବୃଦ୍ଧି କରି ପାରିବେ।

# ବିଜେପି କାର୍ଯ୍ୟାଳୟରେ ବୋମାମାଡ଼

## ଅଳ୍ପକେ ବର୍ତ୍ତିଲେ ରାଜ୍ୟ ସମ୍ପାଦକ ନବୀନ ରାମ


ରାଇରଙ୍ଗପୁର, ୨୬।୬(ସମିସ): ରାଇରଙ୍ଗପୁର ସହରରେ ଥିବା ବିଜେପି କାର୍ଯ୍ୟାଳୟରେ ବୁଧବାର ବିଳମ୍ବିତ ରାତ୍ରିରେ ଦୁର୍ବୃତ୍ତମାନେ ବୋମାମାଡ଼ କରିଛନ୍ତି। ସୂଚନାନୁସାରେ, ରାଇରଙ୍ଗପୁର ସହରର ୧୩ ନଂ. ୱାର୍ଡସ୍ଥିତ ଭାରତୀୟ ଜନତା ପାର୍ଟି କାର୍ଯ୍ୟାଳୟରେ ବିଜେପି ରାଜ୍ୟ ସମ୍ପାଦକ ନବୀନ ରାମ ଥିବା ବେଳେ ବୁଧବାର ରାତି ୧୨ଟାରେ ଦୁଇଜଣ ଦୁର୍ବୃତ୍ତ ଏକ ବୁଲେଟରେ ପହଞ୍ଚି କାର୍ଯ୍ୟାଳୟ ଉପରକୁ ବୋମାମାଡ଼ କରି ଫେରାର୍ ହୋଇଯାଇଥିଲେ। ତେବେ ଏହି ବୋମାମାଡ଼ରୁ ରାଜ୍ୟ ସମ୍ପାଦକ ନବୀନ ରାମ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ବୋମାମାଡ଼ ପରେ ନବୀନ ରାମ ଘଟଣା ସମ୍ପର୍କରେ ନିଜ କର୍ମକର୍ତ୍ତାଙ୍କୁ ସୂଚନା ଦେଇଥିଲେ। ବୋମାମାଡ଼ରେ କାର୍ଯ୍ୟାଳୟର ମୁଖ୍ୟଦ୍ୱାର କାନ୍ଥର ଗୋଟିଏ ପାର୍ଶ୍ୱ କ୍ଷତିଗ୍ରସ୍ତ ହୋଇଛି। ଗୁରୁବାର ସକାଳେ ଶ୍ରୀ ରାମ ଏହି ଘଟଣାକୁ ନେଇ ରାଇରଙ୍ଗପୁର ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପରବର୍ତ୍ତୀ ସମୟରେ ଟାଉନ୍ ଥାନା ପୁଲିସ ଓ ବାରିପଦାରୁ ଆସିଥିବା ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ଅଧିକ ତଦନ୍ତ କରୁଥିବା ସୂଚନା ମିଳିଛି।

# ଲାଞ୍ଚ ନେଇ ଆର୍‌ଆଇ, ଅମିନ ଗିରଫ

କଟକ, ୨୬।୬(ସମିସ): ଏକ ଜମିର କିସମ ପରିବର୍ତ୍ତନ ପୂର୍ବକ ସାନି ପଟ୍ଟା ପ୍ରଦାନ ପାଇଁ ଜଣେ ଅଭିଯୋଗକାରୀଙ୍କଠାରୁ ୧୨ହଜାର ଟଙ୍କା ଲାଞ୍ଚ ଗ୍ରହଣ କରି ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି କଟକ ଜିଲ୍ଲା କନ୍ଦରପୁର ରାଜସ୍ୱ ସର୍କଲର ରାଜସ୍ୱ ନିରୀକ୍ଷକ(ଆରଆଇ) ମନୋଜ କୁମାର ବେହେରା ଓ ଅମିନ ବିଚିତ୍ରାନନ୍ଦ ଶତପଥୀ। ଉଭୟଙ୍କୁ ଭିଜିଲାନ୍ସ ଟିମ ଗିରଫ କରିବା ସହ ଅଦାଲତ ଚାଲାଣ କରିଛି। କନ୍ଦରପୁର ରାଜସ୍ୱ ସର୍କଲ କାର୍ଯ୍ୟାଳୟ ନିକଟରେ ଜଣେ ଅଭିଯୋଗକାରୀ (ଦୋକାନ ମାଲିକ) ଙ୍କଠାରୁ ଏକ ଚାଷଜମିକୁ ଘରବାରି ଜମିରେ ପରିବର୍ତ୍ତନ କରି ପଟ୍ଟା ପ୍ରଦାନ କରିବା ପାଇଁ ୧୨ହଜାର ଟଙ୍କା ଲାଞ୍ଚ ଗ୍ରହଣ କରିବା ବେଳେ ଭିଜିଲାନ୍ସ ଟିମ ହାବୁଡରେ ପଡ଼ିଥିଲେ। ଏକ ମାସରୁ ଅଧିକ ସମୟ ଧରି ଆରଓଆର ପ୍ରଦାନ ପାଇଁ ଆବଶ୍ୟକ ରିପୋର୍ଟ ଦାଖଲ କରିବାକୁ ଉଭୟ ଆରଆଇ ଓ ଅମିନ ଦାବି କରିଆସୁଥିଲେ। କୌଣସି ବିକଳ୍ପ ନ ପାଇ ଅଭିଯୋଗକାରୀ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ। ଉପରୋକ୍ତ ଅଭିଯୋଗକୁ ଆଧାର କରି ଆଜି ଭିଜିଲାନ୍ସ ଟିମ ଏକ ଜାଲ ବିଛାଇ ଦୁଇ ଜଣଙ୍କୁ ଗିରଫ କରିବାକୁ ସକ୍ଷମ ହୋଇଛି। ଏଥିସହ ଲାଞ୍ଚ ଟଙ୍କା ଜବତ କରିଛି ଭିଜିଲାନ୍ସ। ଆର୍‌ଆଇ ଶ୍ରୀ ବେହେରାଙ୍କ କଟକ ସିଡିଏରେ ଥିବା ଭଡ଼ାଘର ଏବଂ ତାଙ୍କ ପୈତୃକ ଘର କଟକ ଜିଲ୍ଲା ବୈଦେଶ୍ୱର ଥାନା ପାଣ୍ଡାଲାମ ଗ୍ରାମ ସହ ଶ୍ରୀ ଶତପଥୀଙ୍କ ବେଣ୍ଟକାର ଘର ଓ କନ୍ଦରପୁର ଆରଆଇ ଅଫିସରେ ଏକକାଳୀନ ଚଢ଼ଉ କରାଯାଇଥିଲା। ଏ ସମ୍ପର୍କରେ କଟକ ଭିଜିଲାନ୍ସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।
















# କଣ୍ଟେନର ଚାପାରେ ଯୁବକ ମୃତ, ଉତ୍ତ୍ୟକ୍ତଙ୍କ ରାସ୍ତାରୋକ

ଭୋଗରାଇ/କମର୍ଦ୍ଦା, ୨୬।୬ (ସମିସ)



ଭୋଗରାଇ ବ୍ଲକ ଜଳେଶ୍ୱର - ଚନ୍ଦନେଶ୍ୱର ୫୭ ନମ୍ବର୍ ରାଜ୍ୟ ରାଜପଥ କମର୍ଦ୍ଦା ବଜାର ନିକଟରେ କଣ୍ଟେନର ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଛି। ପଛପଟେ ଧକ୍କା ଦେବାରୁ ଆରୋହୀ ଜଣକ କଣ୍ଟେନର ଚକ ତଳେ ଚାପିହୋଇ ଯାଇଥିବା ଫଳରେ ଘଟଣାସ୍ଥଳରେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଯାଇଥିବା ମୃତକଙ୍କ ପୁଅ ସରୋଜ କୁମାର ମହାନ୍ତି କମର୍ଦ୍ଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମୃତ ବାଇକ୍ ଆରୋହୀ ଜଣକ ହେଲେ ଭୋଗରାଇ ବ୍ଲକ ଟୁକୁରୀହାଜିରା ପଞ୍ଚାୟତର ପଥରେଶ୍ୱର ଗ୍ରାମର ସୁଧାକର ମହାନ୍ତି ବୋଲି ଜଣାପଡ଼ିଛି। ସୁଧାକର କମର୍ଦ୍ଦା ମାର୍କେଟରେ ମାଛ ବ୍ୟବସାୟ କରିଆସୁଥିଲେ। ଆଜି ସକାଳେ ଘରପାଖରୁ ସୁଧାକର ବାଇକ୍ ଯୋଗେ କମର୍ଦ୍ଦା ବଜାରକୁ ଯାଉଥିବା ବେଳେ ପଛପଟରୁ କଣ୍ଟେନର ଧକ୍କା ଦେଇଥିଲା ବେଳେ ଯୁବକର ମୁଣ୍ଡ ଉପର ଦେଇ କଣ୍ଟେନରଟି ଚାଲି ଯାଇଥିଲା। ଫଳରେ ସୁଧାକରଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା। ଘଟଣା ସ୍ଥଳରେ ଉତ୍ୟକ୍ତ ଲୋକେ ରାସ୍ତା ଉପରେ କାଠ ଗଣ୍ଡି ପକାଇ ରାସ୍ତା ଅବରୋଧ କରିଥିବା ବେଳେ ଉଭୟ ପଟେ ଶହ ଶହ ଗାଡି ଅଟକି ରହିଥିଲା। ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଥିଲା। ଘଟଣା ସ୍ଥଳରେ କମର୍ଦ୍ଦା ପୁଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ଦୁର୍ଘଟଣା ଘଟାଇ ଖସି ପଳାଉଥିବା କଣ୍ଟେନରକୁ ଗୋଡ଼ାଇ ଗୋଡ଼ାଇ ଡେମୁରିଆ ଛକ ନିକଟରୁ ଧରି ଅଟକ ରଖିଥିବାରୁ କହିବାରୁ ଉତ୍ତ୍ୟକ୍ତ ଲୋକ ଶାନ୍ତ ପଡ଼ିଥିଲା। ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଇମାମିରେ ବ୍ୟାଙ୍କ୍ ସାଇବର ଠକେଇ ସଚେତନତା କର୍ମଶାଳା




ବାଲେଶ୍ୱର, ୨୬।୬ (ସମିସ): ଇମାମି ନଗର ଜଗନ୍ନାଥ ମନ୍ଦିରସ୍ଥ ଭଜନ ମଣ୍ଡପଠାରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଅମ୍ବୁଡ୍ସମ୍ୟାନ କାର୍ଯ୍ୟାଳୟ ଭୁବନେଶ୍ୱର ପକ୍ଷରୁ ବିଭିନ୍ନ ବ୍ୟାଙ୍କ, ସାଇବର ଠକେଇ ସମ୍ପର୍କିତ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଇମାମି ପେପର୍ ମିଲସ୍ ଲିମିଟେଡ୍‌ର ପୂର୍ବକାଳୀନ ନିର୍ଦ୍ଦେଶକ ବିବେକ ଚାୱଲା ଭିଡ଼ିଓ କନଫରେନ୍‌ସିଂ ଜରିଆରେ ଅଭିଭାଷଣ ରଖିଥିଲେ। ସମ୍ମାନିତ ଅତିଥି ଭାବେ ରିଜର୍ଭ ବ୍ୟାଙ୍କ ଏଜିଏମ୍ ଶିବୁ ପ୍ରାସାଦ ମିଶ୍ର, ଆସିଷ୍ଟାଣ୍ଡ ମ୍ୟାନେଜର ସରୋଜ କୁମାର ଦାଶ, ପଞ୍ଜାବ ନେସନାଲ ବ୍ୟାଙ୍କର ମଣ୍ଡଳ ମୁଖ୍ୟ ବିଶ୍ୱଜିତ ବିଶ୍ୱାଳ, ଷ୍ଟେଟବ୍ୟାଙ୍କ ଅଫ ଇଣ୍ଡିଆର ମୁଖ୍ୟ ପରିଚାଳକ ବୁଦ୍ଧିରାମ ପାଣିଗ୍ରାହୀ, ୟୁକୋ ବ୍ୟାଙ୍କର ମୁଖ୍ୟ ପରିଚାଳିକା ମିସ୍ ରିମା କୁମାରୀ, ୟୁକୋ ବ୍ୟାଙ୍କ୍ ବାଲେଶ୍ୱରର ଏଲଡିଏମ୍ ମୋଦି କୁମାର, ଇମାମି କାଗଜକଳର ବରିଷ୍ଠ ସଭାପତି ଆଶିଷ ଅବିନାଶ ଗୁପ୍ତା ପ୍ରମୁଖ ଆବଶ୍ୟକ ପଡ଼ିଲେ ୧୯୩୦ ନମ୍ବରରେ କଲ କରି ଅଭିଯୋଗ ଓ ଯୋଗାଯୋଗ କରିବା ସମ୍ପର୍କରେ ଅବଗତ କରାଇଥିଲେ। ଏହି କର୍ମଶାଳାରେ କାର୍ଯ୍ୟରତ ଶ୍ରମିକ ଓ କର୍ମଚାରୀମାନେ ଅଂଶଗ୍ରହଣ କରିଥିବା ବେଳେ ଇମାମି କାଗଜକଳର ମାନବ ସମ୍ବଳ ବିଭାଗର ସାଧାରଣ ପରିଚାଳକ ଡ. ୟୁସୁଫ ଅଲ୍ଲୀ ସୋଲାଙ୍କି ମଞ୍ଚ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଇମାମି ମାନବ ସମ୍ବଳ ବିଭାଗର ସମସ୍ତ ଅଧିକାରୀ, ମନ୍ଦିର ପ୍ରଶାସନର କର୍ମକର୍ତ୍ତା ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାହକମାନଙ୍କୁ ବ୍ୟାଙ୍କିଙ୍ଗ୍, ଜ୍ଞାନ, ଅଭିଯୋଗ ସମାଧାନ ପ୍ରଣାଳୀ ଓ ଆର୍ଥିକ ସାକ୍ଷରତା, ବ୍ୟାଙ୍କ, ଗ୍ରାହକଙ୍କରଲ ଅଧିକାର ଓ ଦାୟିତ୍ୱ, ବ୍ୟାଙ୍କ୍ ଓ ବ୍ୟାଙ୍କିଙ୍ଗ୍, ଅମ୍ବୁଡ୍ସମ୍ୟାନ କାର୍ଯ୍ୟାଳୟରେ କିପରି ଅଭିଯୋଗ କରିବେ ଏବଂ ସୁରକ୍ଷିତ ଡିଜିଟାଲ ବ୍ୟାଙ୍କିଂ ପ୍ରଥା ନେଇ ଆଲୋଚନା କରାଯାଇଥିଲା।

# ଆନ୍ତର୍ଜାତିକ ନିଶା ନିବାରଣ ଦିବସ ସଚେତନତା



ବାଲେଶ୍ୱର, ୨୬।୬(ସମିସ): ଅବକାରୀ ବିଭାଗ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗର ମିଳିତ ସହଯୋଗରେ ଆମ ସଂକଳ୍ପ ନିଶା ନୁହେଁ ଜୀବନ ଅଭିଯାନ ପାଇଁ ଆନ୍ତର୍ଜାତିକ ନିଶା ଦ୍ରବ୍ୟର କୁପ୍ରଭାବ ଓ ଚୋରା ଚାଲାଣ ନିବାରଣ ଦିବସ ପାଳିତ ହୋଇଯାଇଛି। ଏହି ଦିବସ ପାଳନ ଅବସରରେ ଆଜି ସକାଳେ ସକାଳେ ବିଭାଗୀୟ ପଦାଧିକାରୀ, ବୁଦ୍ଧିଜୀବୀ, ସମାଜସେବୀ, ମିଶନ ଶକ୍ତି, ଅଙ୍ଗନବାଡ଼ି କର୍ମୀଙ୍କୁ ନେଇ ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଏକ ସଚେତନତା ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା ପରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ମିଳିତ ହୋଇଥିଲେ। ଏହି ଆନ୍ତର୍ଜାତିକ ନିଶା ନିବାରଣ ଦିବସ ପାଳନ ପରିପ୍ରେକ୍ଷୀରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକଙ୍କ ପୌରୋହିତ୍ୟ କରିଥିବାବେଳେ ମୁଖ୍ୟଅତିଥି ଭାବେ ସଦର ବିଧାୟକ ମାନସ କୁମାର ଦତ୍ତ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସଞ୍ଜୟ କୁମାର ରାଉତ, ଅବକାରୀ ଅଧିକ୍ଷକ ମନୋଜ କୁମାର ସେଠୀ ଯୋଗ ଦେଇଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରତିଭା ବେହେରା ମଞ୍ଚ ପରିଚାଳନା କରିଥିଲେ।


ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ (ଜିଲ୍ଲା ପରିଷଦ) ସଞ୍ଜୟ କୁମାର ରାଉତ ଅପମିଶ୍ରିତ ମାଦକ ଦ୍ରବ୍ୟ ବର୍ଜନ ପାଇଁ ସଚେତନତା ସୃଷ୍ଟି କରିବା, ତାର କୁପ୍ରଭାବ ଜାଗୃତ କରିବା, ଚୋରା ଚାଲାଣ ସମ୍ପର୍କରେ ପୁଲିସ ପ୍ରଶାସନ, ଅବକାରୀ ବିଭାଗକୁ ଅବଗତ କରାଇବା ନିଶା ନିବାରଣ ନିମନ୍ତେ ଶିବିର ଆୟୋଜନ କରିବା ଗୁରୁତ୍ୱାରୋପ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ନାୟକ ସମାଜରେ ନିଶା ର କୁପ୍ରଭାବ, ଅପମିଶ୍ରିତ ମାଦକ ଦ୍ରବ୍ୟ ବର୍ଜନ, ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହିତ ମାନସିକ ପରିବର୍ତ୍ତନ ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ବୃନ୍ଦ ପୁରସ୍କୃତ କରିଥିଲେ।

# ଦିବ୍ୟାଙ୍ଗ ନାବାଳିକା ଦୁଷ୍କର୍ମକାରୀକୁ ଆଜୀବନ ଜେଲ୍

ବାଲେଶ୍ୱର, ୨୬।୬ (ସମିସ): ଦିବ୍ୟାଙ୍ଗ ନାବାଳିକାଙ୍କୁ ଦୁଷ୍କର୍ମକାରୀକୁ ଆଜୀବନ ଜେଲ୍ ସହ ୧୦ ହଜାର ଟଙ୍କାର ଜରିମାନା ହୋଇଛି। ଜରିମାନା ଅନାଦେୟ ହେଲେ ଦୋଷୀଜଣକ ଆଉ ଏକ ବର୍ଷ ଅଧିକ ଜେଲ ଦଣ୍ଡ ଭୋଗିବ ବୋଲି ଆଜି ମାମଲାର ବିଚାର କରି ପୋକ୍‌ସୋ ଜଜ୍ ଇନ୍ଦିରା ପ୍ରିୟଦର୍ଶିନୀ ଏହି ରାୟ ଶୁଣାଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ବାଲିଆ କଲୋନି ଅଞ୍ଚଳର ପଦ୍ମଲୋଚନ କାମିଳା(୬୦)। ଏହି ଘଟଣା ଗତବର୍ଷ ଏପ୍ରିଲ ୧୨ ତାରିଖରେ ଘଟିଥିଲା। ପୀଡ଼ିତାଙ୍କ ମାଆ ସେଦିନ ମଜୁରି ଲାଗିବା ପାଇଁ ବାହାରକୁ ଯାଇଥିଲେ। ପୀଡ଼ିତାଙ୍କ ସାନ ଭଉଣୀ ପଦ୍ମଲୋଚନଙ୍କ ଘରକୁ ଯାଇଥିଲା। ସାନ ଭଉଣୀକୁ ଆଣିବା ପାଇଁ ଯିବା ବେଳେ ପଦ୍ମଲୋଚନ ତାଙ୍କୁ ଦୁଷ୍କର୍ମ କରିଥିଲା। ସନ୍ଧ୍ୟାରେ ଫେରିବା ବେଳେ ପୀଡ଼ିତା ସମସ୍ତ ଘଟଣା ନିଜ ମାଆ ଆଗରେ ପ୍ରକାଶ କରିଥିଲେ। ପରେ ପୀଡ଼ିତାଙ୍କ ପରିବାର ଲୋକେ ଏ ନେଇ ସହଦେବଖୁଣ୍ଟା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ଏକ ମାମଲା ରୁଜୁ କରି ପୁଲିସ ଅଭିଯୁକ୍ତକୁ ଗିରଫ କରିଥିଲା। ପରବର୍ତ୍ତୀ ସମୟରେ ଏହି ମାମଲାର ବିଚାର ପୋକ୍‌ସୋ ଅଦାଲତରେ ବିଚାରାଧୀନ ଥିଲା। ମୋଟ ୨୦ ସାକ୍ଷୀ, ୨୬ ଦଲିଲ ଓ ଦସ୍ତାବିଜକୁ ଆଧାର କରି ଜଜ ଏହି ରାୟ ଶୁଣାଇଛନ୍ତି। ଏହା ସହ ପୀଡ଼ିତାଙ୍କ ପରିବାର ସଦସ୍ୟଙ୍କୁ ୪ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରଣବ କୁମାର ପଣ୍ଡା ପରିଚାଳନା କରିଥିଲେ।

# ଉତ୍କଳମଣି ଗୋପବନ୍ଧୁଙ୍କ ଶ୍ରାଦ୍ଧ ଦିବସ ପାଳିତ

ବାଲେଶ୍ୱର, ୨୬।୬(ସମିସ): ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଦିବସ ଆଜି ଓଡ଼ିଶା ସାମ୍ବାଦିକ ୟୁନିୟନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ପବ୍ଲିକ ସ୍କୁଲ ପରିସରରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରେମୁଣାର ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ସାମ୍ବାଦିକ ସୃଷ୍ଟିଧର ପରିଡ଼ା, ବିଶିଷ୍ଟ କବି ପ୍ରଶାନ୍ତ କୁମାର ଦାସ, ସମାଜର ପୂର୍ବତନ ଶାଖା ପରିଚାଳକ ମଧୁସୂଦନ ଦାସ ପ୍ରମୁଖ ଯୋଗଦେଇ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଓୟୁଜେ ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ବରିଷ୍ଠ ସଦସ୍ୟ ଅଜିତ କୁମାର ମହାନ୍ତି, ଅଧୀପ କୁମାର ଜେନା, ମହେଶ୍ୱର ପ୍ରଧାନ, ପବ୍ଲିକ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ମଣି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



# ବିଜେପି ଛାଡି ବିଜେଡିରେ ମିଶିଲେ



ବାଲିଆପାଳ, ୨୬।୬ (ସମିସ): ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଓ ନିର୍ମଳ ଶାସନ ତଥା ବସ୍ତା ବିଧାୟିକା ସୁବାସିନୀ ଜେନାଙ୍କ ଦୃଢ଼ ନେତୃତ୍ୱରେ ଅନୁପ୍ରାଣିତ ହୋଇ ବାଲିଆପାଳ ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଅଧିନସ୍ଥ ରେମୁଁ ଗ୍ରାମର ବାବାଜୀ ବେହେରା, ସୁଲେଖା ବେହେରା, ବିଶ୍ୱାଳ ବେହେରାଙ୍କ ସମେତ ପରିବାରର ସମସ୍ତ ସଦସ୍ୟ ବିଜେପି ଛାଡି ବିଜେଡିରେ ଯୋଗ ଦେଇଛନ୍ତି। ଗୁରୁବାର ତାଙ୍କ ବାସଭବନରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ପଞ୍ଚାୟତର ବରିଷ୍ଠ ନେତୃବୃନ୍ଦ ଯୋଗଦେଇ ଦଳୀୟ ଉତ୍ତରୀୟ ପିନ୍ଧାଇ ସମସ୍ତଙ୍କୁ ବିଜୁ ଜନତା ଦଳକୁ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବରେ ଶ୍ରୀରାମପୁର ସରପଞ୍ଚ ଦେବ କୁମାର ଦେ, ପୂର୍ବତନ ସରପଞ୍ଚ ବିଜୟ କୃଷ୍ଣ ବେହେରା, ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ, ପୂର୍ବତନ ସମିତି ସଦସ୍ୟ ଝାଡ଼େଶ୍ୱର ବେହେରା, ସମିତି ସଦସ୍ୟାଙ୍କ ପ୍ରତିନିଧି ଭଜନ ବେହେରା, ନରୋତ୍ତମ ଦାସ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ସାର ଓ କୋଇଲା ଗାଡି ଦୁର୍ଘଟଣା, ଜଣେ ଗୁରୁତର

ସୋର, ୨୬।୬ (ସମିସ): ଗତକାଲି ବିଳମ୍ବିତ ରାତିରେ ଜାତୀୟ ରାଜପଥରେ ଛିଡା ହୋଇଥିବା ସାର ବୋଝେଇ ଗାଡିକୁ ପଛରେ ଏକ କୋଇଲା ଗାଡି ଧକ୍କା ଦେବା ଫଳରେ ସାର ଗାଡିର ଚାଳକ ଗୁରୁତର ଆହତ ହୋଇଥିବା ବେଳେ କୋଇଲା ଗାଡିର ଚାଳକ ଫେରାର ଥିବା ଜଣାପଡ଼ିଛି। ଗତକାଲି ରାତିରେ ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ନିକଟସ୍ଥ ମୋନାଲି ହୋଟେଲ ସମ୍ମୁଖରେ କଟକରୁ ବାଲେଶ୍ୱର ଅଭିମୁଖେ ଆସୁଥିବା ସାର ବୋଝେଇ ଟ୍ରକଟି ରାସ୍ତା କଡରେ ଛିଡା ହୋଇଥିବା ବେଳେ ତାଳଚେରରୁ ଜଳେଶ୍ୱର ଅଭିମୁଖେ ଯାଉଥିବା କୋଇଲା ବୋଝେଇ ଗାଡିଟି ପଛରୁ ଧକ୍କା ଦେଇଥିଲା। ଫଳରେ ସାର ବୋଝେଇ ଗାଡିଟି ନୟନ ଯୋରୀକୁ ଓଲଟି ପଡ଼ିବା ସହିତ ଏହାର ଚାଳକ ଗୁରୁତର ଭାବେ ଆହତ ହୋଇଥିଲେ। ଖବର ପାଇ ସୋର ପୁଲିସ ଓ ଜାତୀୟ ରାଜପଥ ପାଟ୍ରୋଲିଂ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ଚାଳକକୁ ସୋର ଡାକ୍ତରଖାନାକୁ ନେଇଥିବା ବେଳେ ସେଠାରେ ତାଙ୍କର ଅବସ୍ଥା ଶୋଚନୀୟ ହେବାରୁ ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଦୁର୍ଘଟଣା ପରେ ଜାତୀୟ ରାଜପଥ ଦୀର୍ଘ ସମୟ ଧରି ଜାମ ହୋଇଥିବା ବେଳେ ପୁଲିସ ରାସ୍ତା ଜାମ ହଟାଇବା ସହ ଗାଡି ଦୁଇଟିକୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି।









# ମହିଳା ଆୟୋଗର ଅଦାଲତ ଶିବିର

ବାଲେଶ୍ୱର, ୨୬।୬(ସମିସ): ଜିଲ୍ଲାପାଳଙ୍କ ଅଡିଟୋରିୟମ ହଲ ପରିସରରେ ଓଡ଼ିଶା ରାଜ୍ୟ ମହିଳା ଆୟୋଗଙ୍କ ଦ୍ୱାରା ଅଦାଲତ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅଦାଲତରେ ଓଡ଼ିଶା ରାଜ୍ୟ ମହିଳା ଆୟୋଗର ସମ୍ପାଦକ ବିବେକାନନ୍ଦ ସାହୁ, ପରାମର୍ଶଦାତା ବନ୍ଦନା ମହାନ୍ତି, ପ୍ରିୟଦର୍ଶିନୀ ଆଚାର୍ଯ୍ୟ, ଅରବିନ୍ଦ ପଟ୍ଟନାୟକ, ଷ୍ଟେନୋଗ୍ରାଫର ତ୍ରିଲୋଚନ ନାୟକ, ଦିବାକର ବିଶ୍ୱାଳ, ଚିତ୍ତରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ୬ଟି ମକଦ୍ଦମାକୁ ଆପୋସ ବୁଝାମଣାରେ ସମାଧାନ କରାଯାଇଥିବା ବେଳେ ଗୋଟିଏ ମାମଲାକୁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିକଟକୁ ପଠାଯାଇଥିଲା। ଏହାଛଡା ୫ଟି ମାମଲା କେଶ ପ୍ରୋଟେକସନ ଅଧିକାରୀ ଓ ୧୬ଟି ମାମଲାର ପୁଣିଥରେ ନୋଟିସ ଜାରି କରାଯାଇଥିଲା।










■ ପୂଜକ ନେଇ ଯାଇଥିଲେ ଶ୍ରୀବିଗ୍ରହ

# ଫେରାଇ ଆଣିଲେ ଗ୍ରାମବାସୀ

ଜଳେଶ୍ୱର ବ୍ଲକ, ୨୬।୬ (ସମିସ) : ଜଳେଶ୍ୱର ଅଞ୍ଚଳର କନକାଇ ଗ୍ରାମର ପ୍ରଭୁ ଜଗନ୍ନାଥଙ୍କ ମନ୍ଦିରର ପୂଜକ ରାମକୃଷ୍ଣ ପାଣଗ୍ରାହୀ ଦୀର୍ଘ ଦିନ ଧରି ଜଗନ୍ନାଥଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିଆସୁଛନ୍ତି। ଗତ ଦେବସ୍ନାନ ପୂର୍ଣ୍ଣିମାରେ ଜ୍ୱରରେ ଅଣସର ଘରେ ରହିଥାନ୍ତି ଶ୍ରୀଜୀଉ କିନ୍ତୁ ପୂଜକ ଜଗନ୍ନାଥଙ୍କୁ ରଙ୍ଗ ଦେବାକୁ କହି ରାତି ଅଧିଆ ପ୍ରଭୁ ଜଗନ୍ନାଥ, ବଡ଼ ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ବିଗ୍ରହ ଘରକୁ ନେଇ ଯାଇଥିଲେ। ଆଜି ଜଗନ୍ନାଥଙ୍କ ନେତ୍ରୋଉତ୍ସବ ନବଯୌବନ ଦର୍ଶନ ଦେଇଥାନ୍ତି କିନ୍ତୁ ମନ୍ଦିରରେ ପ୍ରଭୁଙ୍କୁ ନ ପାଇଁ ଭକ୍ତ ମାନେ ପୂଜକଙ୍କ ଘରେ ପହଞ୍ଚି ଥିଲେ। ପୂଜକ ଘରର କବାଟ ବନ୍ଦ କରି କାହାର କଥା ଶୁଣି ନ ଥିଲେ। ଶେଷରେ ରାଇବଣିଆ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ପୂଜକଙ୍କ ଘରୁ ତିନି ଠାକୁରଙ୍କୁ ବ୍ରାହ୍ମଣ ମାନଙ୍କ ଦ୍ୱାରା ମନ୍ଦିରକୁ ଘଣ୍ଟ ଝାଲି ମୃଦଙ୍ଗ ବଜାଇ ଗ୍ରାମର



ସରପଞ୍ଚ ଅଜୟ ମହାନ୍ତି, ଗ୍ରାମ ସଭାପତି ତପନ ଦାସ, ହୃଷିକେଶ ଚକ୍ରବର୍ତ୍ତୀ, ଅଜୟ ପାଣିଗ୍ରାହୀ, ବାବାଜୀ ପାତ୍ର, ଖିତିଶ୍ ବେହେରା, ଦିଲ୍ଲୀପ ବେହେରା, ଚିତ୍ତରଞ୍ଜନ ବେହେରା, ରଘୁନାଥ ବେହେରା, ଶୁଭେନ୍ଦୁ ଦାସ, ବରେନ୍ଦ୍ର ବେହେରା ପ୍ରମୁଖ ତିନି ଠାକୁରଙ୍କୁ ମନ୍ଦିରକୁ ପାଛୋଟି ନେଇଥିଲେ।

ଗୋରୁ ଲୋଡିଂ ବେଳେ ମାଡ଼ି ବସିଲା ଗୋପାଳପୁର ପୁଲିସ

# ୧୪ ଗୋରୁ ଉଦ୍ଧାର, ଗାଡ଼ି ଜବତ

ବାହାନଗା, ୨୬।୬ (ସମିସ)

ବାଲେଶ୍ୱର ଜିଲ୍ଲା ଗୋପାଳପୁର ଥାନା ସାହାସପୁରା ଗ୍ରାମରୁ ସ୍ୱଷ୍ଟ ଦିବାଲୋକରେ ଅମାନୁଷିକ ଗୋ ଚାଲାଣ ବେଳେ ଗୋପାଳପୁର ଥାନା ପୁଲିସ ମାଡି ବସିଥିବା ବେଳେ ୧୪ ଗୋଟି ଗୋରୁଙ୍କୁ ଉଦ୍ଧାର କରିବା ସହ ଏକ ପିକଅପ ଭ୍ୟାନକୁ ପୋଲିସ ଜବତ କରିଥିବା ଜଣାପଡ଼ିଛି। ଗୋପାଳପୁର ଥାନା ସାହାସପୁରା ଗୋ' ଚାଲାଣର ହବ ପାଲଟିଥିଲା। ପ୍ରତିଦିନ ୧୦ରୁ ଉର୍ଦ୍ଧ୍ୱ ପିକଅପ ଭ୍ୟାନ ସହ ଆଇଚର, ଟ୍ରକ, ସହ ବିଭିନ୍ନ ଯାତ୍ରୀବାହୀ ଗାଡ଼ିରେ ଅମନୁଷିକ ଭାବେ ବୋଝେଇ କରି ପଶ୍ଚିମବଙ୍ଗକୁ ଚାଲାଣ କରାଯାଉଥିଲା। ଏମିତି କି ଭଦ୍ରକ ଏବଂ ଧାମରା ଅଞ୍ଚଳରୁ ଗୋରୁଙ୍କୁ ଆଣି ସାହାସପୁରାରେ ରଖାଯାଇ ବିଳମ୍ବିତ ରାତିରେ ଗୋରୁ ବୋଝେଇ ଗାଡ଼ିକୁ ସୁରକ୍ଷା ବଳୟ ମଧ୍ୟରେ ନିଆଯାଉଥିଲା। ବାରମ୍ବାର ସାହାସପୁରାରୁ ଅମାନୁଷିକ ଗୋ ଚାଲାଣ ହେବା ଏବଂ



ସାହାସପୁରା ଗୋରୁ ଚାଲାଣର ହବ ପାଲଟିଥିବା ବେଳେ ପୋଲିସ ନିଷ୍କ୍ରିୟ ଥିବାର ଅଭିଯୋଗ ହୋଇଥିଲା। ପରେ ଗୋପାଳପୁର ଥାନା ପୋଲିସ ଆକ୍ସନ ମୋଡ଼ କୁ ଆସିଥିଲା। ସାହସପୁରାରୁ ଗୋରୁ ଚାଲାଣ ବେଳେ ଗୋରୁ ବୋଝେଇ ଗାଡ଼ିକୁ ପୋଲିସ ଜବତ କରିଥିଲା। ପୋଲିସର ଆକ୍ସନ ଫଳରେ କିଛିଦିନ ଧରି ସାହାସପୁରା ରେ ଗୋରୁ ଚାଲାଣ ବନ୍ଦ ରହିଥିଲା। ହେଲେ କିଛି ଦିନ ପରେ ପୁଣି ସକ୍ରିୟ ହୋଇଛନ୍ତି ଗୋରୁ ମାଫିଆ। ପୂର୍ବରୁ ମାଫିଆ ମାନେ ରାତିରେ ଗୋରୁ ଚାଲାଣ କରୁଥିବା ବେଳେ ଏବେ ସ୍ୱଷ୍ଟ ଦିବାଲୋକରେ ସାହାସପୁରାରୁ ଚାଲିଛି ଗୋ ଚାଲାଣ। ଏବେ ସାହାସପୁରାରୁ ଗୋରୁଙ୍କୁ ବୋଝେଇ କରି ସୋର ଥାନା ବାରିକପୁରକୁ ଗୋ ଚାଲାଣ କରାଯାଉଛି। ସାହାସପୁରା ସମେତ ବିଭିନ୍ନ ସ୍ଥାନରୁ ଗୋରୁଙ୍କୁ ଆଣି ବାରିକପୁରର ନିର୍ଦ୍ଦିଷ୍ଟ ଏକ ସ୍ଥାନରେ ରଖାଯାଉଛି। ଏମିତିକି ଏବେ ବାରିକପୁର ଗୋ' ଚାଲାଣର ହବ ପାଲଟିଛି। ରାତିରେ ବାରିକପୁରରୁ ବଡ଼ ବଡ଼ କଣ୍ଟେନର ଏବଂ ଆଇଚର ଟ୍ରକ ଯୋଗେ କଡା ସୁରକ୍ଷାରେ ଜାତୀୟ ରାଜପଥରେ ପଶ୍ଚିମବଙ୍ଗ ନିଆଯାଉଛି। ଏହି କ୍ରମରେ ଆଜି ଅପରାହ୍ନ ୨ ଟା ସମୟରେ ସାହାସପୁରାରେ ଗୋରୁ ଚାଲାଣ ପାଇଁ ଏକ ପିକଅପ ଭ୍ୟାନରେ ଅମାନୁଷିକ ଭାବେ ଲୋଡିଂ କରାଯାଉଥିବାର ଗୋପାଳପୁର ଥାନା ପୋଲିସ ଖବର ପାଇଥିଲା। ପରେ ଗୋପାଳପୁର ଥାନା ଓଆଇସି ଅଶୋକ ବାରିକଙ୍କ ସହ ଥାନା କର୍ମଚାରୀ ସଦଳବଳେ ସାହାସପୁରା ଗ୍ରାମରେ ପହଞ୍ଚିଥିଲେ। ପୋଲିସ ଲୋଡିଂ ପହଞ୍ଚିବାର ଦେଖି ଗୋରୁ ମାଫିଆଙ୍କ ସହ ଲୋଡିଂ କରୁଥିବା ବ୍ୟକ୍ତିମାନେ ଘଟଣାସ୍ଥଳରୁ ଛତ୍ରଭଙ୍ଗ ଦେଇଥିଲେ। ପରେ ଗୋପାଳପୁର ଥାନା ପୋଲିସ ଗୋରୁ ବୋଝେଇ ପିକଅପ ଭ୍ୟାନକୁ ଜବତ କରିଥିବା ବେଳେ ପୋଲିସ ପିକଅପରୁ ୧୪ଟି ଗୋରୁଙ୍କୁ ଉଦ୍ଧାର କରି ବାମପଦା ସ୍ଥିତ ମା' ଭାରତୀ ଗୋଶାଳାରେ ଛାଡିଥିବାର ଜଣାପଡ଼ିଛି। ଏ ନେଇ ଗୋପାଳପୁର ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ବେଳେ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

# ସେବା ସଂଗମ ଫାଉଣ୍ଡେସନର ବାର୍ଷିକୋତ୍ସବ

ଭୋଗରାଇ, ୨୬।୬ (ସମିସ) : ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଗ୍ରଣୀ ସାମାଜିକ ସଙ୍ଗଠନ ସେବା ସଙ୍ଗମ ଫାଉଣ୍ଡେସନର ପ୍ରଥମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କର ୯୭ ତମ ତିରୋଧାନ ଦିବସରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ଏଥି ନିମନ୍ତେ ଏକ ରକ୍ତଦାନ ଶିବିର ଥାନାଛକ କମ୍ୟୁନିଟି ହଲରେ ଅନୁଷ୍ଠିତ ହୋଇଥିଲା। ରକ୍ତଦାନ ଶିବିରରେ ୧୨୨ ୟୁନିଟ ରକ୍ତସଂଗ୍ରହ କରାଯାଇ ରକ୍ତଦାତାଙ୍କୁ ସପୁରି ଚାରା ବଣ୍ଟନ କରାଯାଇଥିଲା। ଅପରାହ୍ନ ୫ ଟାରେ ଉକ୍ତ ହଲରେ ଏକ ସଭା ଅନୁଷ୍ଠିତ କରାଯାଇଥିଲା। ବ୍ୟଙ୍ଗ କବି ଡ଼ଃ ଶ୍ରୀକୁମାର ଘୋଷ ସଭା ପରିଚାଳନା କରିଥିଲେ। ମଞ୍ଚ ଆହ୍ୱାନ କରିଥିଲେ ସଂଗଠନର ସଭାପତି ତପନ କୁମାର ସ୍ୱାଇଁ। ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତ ପ୍ରକାଶ କରିଥିଲେ ସଂଗଠନର ସମ୍ପାଦକ ରଶ୍ମିରଞ୍ଜନ ସେନ ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷ ପ୍ରବୀର କୁମାର ଗିରି, ମୁଖ୍ୟବକ୍ତା ଏମପି ପ୍ରତିନିଧି ଆଶିଷ କୁମାର ପାତ୍ର, ସମ୍ମାନିତ ଅତିଥି ରାଷ୍ଟ୍ରୀୟ ଗୌରବ ସମ୍ମାନିତ ପୂର୍ବତନ ସରପଞ୍ଚ ରମାକାନ୍ତ କରଣ, ଜିଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା, ସରପଞ୍ଚ ବରେନ୍ଦ୍ର କୁମାର ପାତ୍ର, ସରସ୍ୱତୀ କରଣ, ବିରୁପାକ୍ଷ ଜେନା, ସାମାଜିକ କର୍ମୀ ନଳିନୀ ସେଠୀ, ସୁବଳ ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପ୍ୟାରୀ ମୋହନ ଦାସଙ୍କ କନ୍ୟା ଏବଂ ପ୍ୟାରୀମୋହନ ସେବାସଦନର ପ୍ରତିଷ୍ଠାତା ଅପର୍ଣ୍ଣା ମହାପାତ୍ରଙ୍କୁ ସେବାକ୍ଷେତ୍ରରେ ମାନପତ୍ର ପ୍ରଦାନ ଓ ସମ୍ବର୍ଦ୍ଧନା କରାଯାଇଥିଲା। ଚଳିତ ମାଟ୍ରିକ, ଯୁକ୍ତ ୨, ଯୁକ୍ତ ୩ ଓ ଶାସ୍ତ୍ରୀ ପରୀକ୍ଷାରେ ରାଜ୍ୟ କୃତି ଛାତ୍ରଛାତ୍ରୀଙ୍କୁ ମାନପତ୍ର ଦେଇ ଉଜ୍ଜଳ ଭବିଷ୍ୟତ କାମନା କରାଯାଇଥିଲା ଧନ୍ୟବାଦ ଦେଇଥିଲେ ଫାଉଣ୍ଡେସନର ସଦସ୍ୟ ଦୀପକ କୁମାର ରାଉତ।




# ଆଇନ ସଚେତନତା ଶିବିର

ସିମୁଳିଆ, ୨୬।୬ (ସମିସ): ଆଜି ସିମୁଳିଆ ବ୍ଲକ ପରିସର ସଭାଗୃହରେ ସିମୁଳିଆ ବ୍ଲକର ବରିଷ୍ଠ ନାଗରିକ ମଞ୍ଚର ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ମଞ୍ଚର ସଭାପତି ଶ୍ରୀନିବାସ ଧଳଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଗୋପୀନାଥ ଖା ଖା. ଚେୟାରମ୍ୟାନ ବାବାଜୀ ଚରଣ ମଲ୍ଲିକ ଯୋଗ ଦେଇଥିଲେ। ସିମୁଳିଆ ମେଡିକାଲ ଅଫିସର ସୋନାଲିକା ପତି, ଆଇନୀଜୀବୀ ବସନ୍ତ କୁମାର ହାତୀ, ଉପ ସଭାପତି ପୂର୍ଣଚନ୍ଦ୍ର ମହାଳିକ, ମହେନ୍ଦ୍ର ନାଥ ମହାପାତ୍ର. ଛତ୍ରୂଭୁଜ ପାଣିଗ୍ରାହୀ, ଶରତ କୁମାର ମହାପାତ, ବରିଷ୍ଠ ସଭ୍ୟ ଦିନକୃଷ୍ଣ ଜେନା, କନେଇ ଚରଣ ନାୟକ, କେସିୟର ନିଶାକର ବେହେରା ଉପସ୍ଥିତ ଥିଲେ।

# ନିଶାଦ୍ରବ୍ୟର ଅପବ୍ୟବହାର ଏବଂ ବେଆଇନ ଚୋରା ଚାଲାଣ ନିରୋଧ ଦିବସ ପାଳିତ

ବାଲେଶ୍ୱର, ୨୬।୬ (ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଆନ୍ତର୍ଜାତିକ ନିଶାଦ୍ରବ୍ୟର ଅପବ୍ୟବହାର ଏବଂ ବେଆଇନ୍ ଚୋରା ଚାଲାଣ ନିରୋଧ ଦିବସ ଉପକଣ୍ଠସ୍ଥ କୁରୁଡା ସ୍ଥିତ ନ୍ୟୁ ଲାଇଫ୍ ଓଲନେସ୍ ଟ୍ରଷ୍ଟ ପରିସରରେ ପାଳିତ ହୋଇଛି। ଏହି ଅବସରରେ ଜିଲ୍ଲା ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତର ବିଚାରପତି ତଥା ଜିଲ୍ଲା ଆଇନସବୋ ପ୍ରାଧିକରଣ ସଚିବ ସୁମନ୍ ଜେନା ଅଧ୍ୟକ୍ଷତା କରି ଏନ.ଡି.ପି.ଏସ. ଆକ୍ଟ-୧୯୮୫ ଅନୁଯାୟୀ ନିଶାଦ୍ରବ୍ୟ ର ଉତ୍ପାଦନ, କ୍ରୟ, ବିକ୍ରୟ, ପରିବହନ, ଗଛିତ ରଖିବା ଏବଂ ସେବନ ପାଇଁ ଉଦ୍ଦିଷ୍ଟ ଥିବା ବିଭିନ୍ନ ଦଣ୍ଡ ବିଧାନ, ଜାତୀୟ




ଆଇନସେବା ପ୍ରାଧିକରଣର ନିଃଶୁଳ୍କ ନମ୍ବର-୧୫୧୦୦, ଜିଲ୍ଲା ଆଇନସେବା ପ୍ରାଧିକରଣର ବିଭିନ୍ନ କାର୍ଯ୍ୟକ୍ରମ ଯଥା-ପିଡୀତା କ୍ଷତିପୂରଣ ଯୋଜନା, ଲୋକ ଅଦାଲତ, ଜିଲ୍ଲା ମଧ୍ୟସ୍ଥତା କେନ୍ଦ୍ର ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମାନସିକ ରୋଗ ବିଶେଷଜ୍ଞ ବ୍ରଜ କିଶୋର ଗିରି, ବାଲେଶ୍ୱର ଜିଲ୍ଲା ର ଚିଫ୍ ଲିଗାଲ୍ ଏଡ୍ ଡିଫେନ୍ସ କାଉନ୍ସେଲ୍ ନଟ ଗୋପାଳ ପଣ୍ଡା, ପି.ଏଲ୍.ଭି ଓ ସାମାଜିକ କର୍ମୀ ସର୍ବେଶ କୁମାର ଭଳ, ସାମାଜିକ କର୍ମୀ ସୈୟଦ ସଲିମ୍ ରାଜା ଓ ପ୍ରଶାନ୍ତ ପଟେଲ ପ୍ରମୁଖ ଯୋଗ ଦେଇଥିଲେ। ନ୍ୟୁ ଲାଇଫ୍ ୱେଲନେସ୍ ଟ୍ରଷ୍ଟ ବାଲେଶ୍ୱର ଶାଖାର ସମ୍ପାଦକ ବିକ୍ରମ କିଶୋରୀ ଦାସ ଅଧ୍ୟକ୍ଷତା କରିଥିଲେ। ଆଇନଜୀବୀ ଅସୀତ ପ୍ରଧାନ ମଞ୍ଚ ସଞ୍ଚାଳନ କରିଥିବା ଶଶିକାନ୍ତ ନାଏକ ଶେଷରେ ଧନ୍ୟବାଦ ଜଣାଇଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ପ୍ରକାଶ ମହାନ୍ତି, ଦୀପକ ନାଏକ, ଶିବାଦିତ୍ୟ ତ୍ରିପାଠୀ, ଉତ୍ତମ ପାତ୍ର, ଦିବ୍ୟଶକ୍ତି ଦେ, ସୁମିତି ଦାସ, ବିପ୍ଳବ ଘଡ଼େଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଶ୍ରୀହନୁମାନ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ

ନୀଳଗିରି, ୨୬।୬ (ସମିସ): ନୀଳଗିରି ଏନଏସି ୪ନଂ ୱାର୍ଡ ମିରିଗିଣୀ ଠାରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ପରମଭକ୍ତ ଶ୍ରୀଶ୍ରୀ ହନୁମାନ ମହାରାଜଙ୍କ ନବନିର୍ମିତ ବିଗ୍ରହ ଏବଂ ମନ୍ଦିର ପ୍ରତିଷ୍ଠା ଉତ୍ସବ ମହାଆଡ଼ମ୍ବରରେ ପାଳିତ ହୋଇଛି। ଗୁରୁବାର ପ୍ରତ୍ୟୁଷରୁ ମିରିଗିଣୀ, କାନପୁର ଏବଂ ଆଖପାଖ ଗ୍ରାମର ପ୍ରାୟ ୧୫୦ ମହିଳା ନିକଟସ୍ଥ ପୋଖରୀରୁ ଭକ୍ତିପୂତ ଭାବେ ପୂର୍ଣ୍ଣକୁମ୍ଭରେ ଜଳ ଉତ୍ତୋଳନ କରି କଳସ ଶୋଭାଯାତ୍ରାରେ ଶୁଭଶଙ୍ଖ, କୀର୍ତ୍ତନର ତାଳେତାଳେ ନୂତନ ମନ୍ଦିର ନିକଟରେ ପହଞ୍ଚିଥିଲେ। ପରେ ପୂଜାକର୍ମ ଆରମ୍ଭ ହୋଇଥିଲା। ଏଥିରେ



ଶିଶିର ମହାପାତ୍ର ଫାଉଣ୍ଡେସନର ପ୍ରତିଷ୍ଠାତା ସବ୍ୟସାଚୀ ମହାପାତ୍ର (ଟୁବୁଲୁ)ଙ୍କ ସହଯୋଗରେ ଘଟ ବୁଡାଇବାକୁ ଆସିଥିବା ୧୫୦ରୁ ଉର୍ଦ୍ଧ୍ୱ ମହିଳାମାନଙ୍କୁ ହଳଦିଆ ରଙ୍ଗର ଶାଢ଼ୀ ସହ ନାମାବଳୀ ବଣ୍ଟନ କରାଯାଇଥିଲା। ଏହି ମନ୍ଦିର ପ୍ରତିଷ୍ଠା ଉତ୍ସବରେ ମିରିଗିଣୀ ଗ୍ରାମର ସମସ୍ତ ଗ୍ରାମବାସୀଙ୍କ ସହ ରାମଚନ୍ଦ୍ର ଦାସ(ସୁକ ଭାଇ), ଉପେନ୍ଦ୍ର ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ରାଉତ, ଭରତ ପରିଡ଼ା, ଦେବାଶିଷ ଦ୍ୱିବେଦୀ ପ୍ରମୁଖ ସହଯୋଗ କରିବା ସହ ସମସ୍ତ କାର୍ଯ୍ୟକୁ ତଦାରଖ କରିଥିଲେ। ଶିଶିର ମହାପାତ୍ର ଫାଉଣ୍ଡେସନର ସଦସ୍ୟ ତଥା ୬ ନମ୍ବର ୱାର୍ଡ କାଉନସିଲର ପ୍ରତାପ ସେଠୀ, ଚିନ୍ମୟଶରଣ ରାଉତ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମକୁ ଗ୍ରାମବାସୀଙ୍କ ସହ ପରିଚାଳନାରେ ସହଯୋଗ କରିଥିଲେ।




# ସିପିଏମ୍‌ର ପଥପ୍ରାନ୍ତ ସଭା




ନୀଳଗିରି, ୨୬।୬ (ସମିସ): ଇନ୍ଦିରା ଗାନ୍ଧୀ ପ୍ରଧାନମନ୍ତ୍ରୀ ଥିବା ସମୟରେ ନିଜର ସ୍ଥିତିକୁ ସୁଦୃଢ଼ କରିବା ପାଇଁ ୧୯୭୫ ମସିହା ଜୁନ୍ ୨୫ ତାରିଖରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଥିଲେ। ଫଳରେ ଦେଶରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ବିଜେପି ସରକାର ୧୯୭୫ ମସିହାରେ ଜରୁରୀ କାଳୀନ ପରିସ୍ଥିତି ବିରୁଦ୍ଧରେ ପ୍ରଚାର କରି ନିଜର କୁକର୍ମକୁ ଢାଙ୍କୁଛନ୍ତି। ସିପିଆଇ (ଏମ) ୧୯୭୫ ମସିହାରେ ଜରୁରୀକାଳୀନ ପରିସ୍ଥିତିକୁ ବିରୋଧ କରୁଥିଲା। ବର୍ତ୍ତମାନର ଅଘୋଷିତ ଜରୁରୀକାଳୀନ ପରିସ୍ଥିତିକୁ ବିରୋଧ କରୁଛି। ଏହି ପରିସ୍ଥିତିରେ ସିପିଆଇ (ଏମ) ନୀଳଗିରି ଆଞ୍ଚଳିକ କମିଟି ତରଫରୁ ନୀଳଗିରି ବସ୍‌ଷ୍ଟାଣ୍ଡରେ ଏକ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା। ଉକ୍ତ ସଭାରେ ସତ୍ୟଜିତ ଦାସ ସଭାପତିତ୍ୱ କରିଥିଲେ। ଜିଲ୍ଲା ସମ୍ପାଦକମଣ୍ଡଳୀ ସଭ୍ୟ ବିଜୟକୁମାର ପାତ୍ର, ନରେନ୍ଦ୍ର ମୋଦୀ ସରକାରର କୁଶାସନ ବିରୁଦ୍ଧରେ ଆଲୋଚନା କରିଥିଲେ। ଆସନ୍ତା ଜୁଲାଇ ୯ ତାରିଖ ସାଧାରଣ ଧର୍ମଘଟକୁ ସଫଳ କରିବାପାଇଁ ନିବେଦନ କରିଥିଲେ। ରାଜ୍ୟ କମିଟି ସଭ୍ୟ ସିତାଂଶୁ ସେନାପତି ୧୯୭୫ ମସିହାରେ ଜରୁରୀକାଳୀନ ପରିସ୍ଥିତି ଓ ବର୍ତ୍ତମାନର ପରିସ୍ଥିତି ତା ଠାରୁ ଅଧିକ ବୋଲି ଆଲୋଚନାରେ କହି ଥିଲେ। ସାଥୀ ଅମରେନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଦିବସ



ସୋର, ୨୬।୬ (ସମିସ): ଆଜି ପୂର୍ବାହ୍ଣରେ ସୋର ଉତ୍ତରେଶ୍ୱର ବି.କେ. ପ୍ରସ୍ତର ଶିଳ୍ପ ତାଲିମ କେନ୍ଦ୍ର ପରିସରରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ମହାପ୍ରୟାଣ ତିଥି ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପଥର ଶିଳ୍ପୀମାନେ ତାଙ୍କର ପ୍ରତିମୂର୍ତ୍ତିରେ ସମବେତ ମାଲ୍ୟାର୍ପଣ କରିବା ସହିତ ଯୁଗଜନ୍ମାଙ୍କର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ କବି ରବୀନ୍ଦ୍ର କୁମାର ଦାସ ମାଲ୍ୟାର୍ପଣ କରିଥିବା ବେଳେ ଶିଳ୍ପୀ ଗୋଲକ ପାତ୍ର, ନରେନ୍ଦ୍ର ସାମଲ, ନିରଞ୍ଜନ ଜେନା, ପଞ୍ଚାନନ ମଳିକ, ପୁରୁଷୋତ୍ତମ ଦେ, କମଳାକାନ୍ତ ପଲେଇ, ଉମାକାନ୍ତ ପ୍ରଧାନ, ରତିକାନ୍ତ ମହାନ୍ତି, ହରିହର ମଳିକ, ଶ୍ରୀଧର ମହାକୁଡ଼, ରାମଚନ୍ଦ୍ର ବେହେରା, ସୁରେଶ କୁମାର ପାତ୍ର, ସୁଜିତ କୁମାର ସାହୁ, ରଞ୍ଜନ କୁମାର ଦେ, ନିରଞ୍ଜନ ବିଶ୍ୱାଳ, ଅଜିତ ପରମାଣିକ, ସୁରେଶ ହାଜରା ଯୋଗଦେଇଥିଲେ। ସୋରର ବରିଷ୍ଠ ସାମ୍ବାଦିକ ଚନ୍ଦ୍ରମୋହନ ମହାପାତ୍ର ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।









# ଲିଖିତ ପ୍ରତିଶ୍ରୁତି ପରେ ହଟିଲା ରାସ୍ତା ଅବରୋଧ



ବଡସାହି,୨୬।୬(ସମିସ): ବଡସାହି ବ୍ଲକ୍ ପଟିସାରୀ ପଂଚାୟତର ତେନ୍ତୁଳିମୁଣ୍ଡା ଓ ବେଗୁନିଆବଣୀ ଗ୍ରାମବାସୀଙ୍କ ମଧ୍ୟରେ ଦୈନିକ ହାଟକୁ ନେଇ ଚାଲିଥିବା ବିବାଦ ଲାଗି ରହିଛି। ଉଭୟ ପକ୍ଷରୁ ଅଭିଯୋଗ ପ୍ରତିଅଭିଯୋଗ ଜାରିରହିଛି। ଏହାକୁ ନେଇ ଅଧିକାରୀଙ୍କ ସହିତ ଉଭୟ ପକ୍ଷଙ୍କ ଆଲୋଚନା ବିଫଳ ହେବା ଏବଂ ତେନ୍ତୁଳିମୁଣ୍ଡା ଗ୍ରାମବାସୀଙ୍କ ପକ୍ଷରୁ ଏହି ବିବାଦକୁ ଦିନ ତମାମ ଉଭୟ ପାର୍ଶ୍ୱରେ ଯାନବାହନ ରଖିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ମାଣତ୍ରୀ- ଉଦଳା ପୂର୍ତ୍ତ ବିଭାଗ ରାସ୍ତାକୁ ଅବରୋଧ କରିଥିଲେ; ହେଲେ ସ୍ଥାୟୀ ସମାଧାନ ହୋଇପାରିନାହିଁ। ତହସିଲଦାର, ଏବିଡିଓ, ଥାନା ଅଧିକାରିଣୀ, ଜିପିଓ ଓ ଭୀମଦା ଫାଣ୍ଡି ଅଧିକାରୀ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଛନ୍ତି। ବେଗୁନିଆବଣିରେ ଲୋକ ଗହଳି ହେବ ନାହିଁ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଛି। ଏତଦବାଦ ୧୫ଦିନ ମଧ୍ୟରେ ଗ୍ରାମସଭା କରି ଉଭୟ ଗ୍ରାମବାସୀ ପରସ୍ପର ମଧ୍ୟରେ ଆଲୋଚନା କରି ଏହି ସମସ୍ୟାର ସମାଧାନ କରିବାକୁ ଅଧିକାରୀ କହିଛନ୍ତି। ମାତ୍ର ତେନ୍ତୁଳିମୁଣ୍ଡା ସରକାରୀ ଭାବେ ସ୍ୱୀକୃତିପ୍ରାପ୍ତ ହାଟ ହୋଇ ନିଲାମ ହୋଇଥିବା ବେଳେ ସେହି ହାଟକୁ କାର୍ଯ୍ୟକାରୀ କରି ବେଗୁନିଆମଣି ହାଟକୁ ବନ୍ଦ କରିବାକୁ ତେନ୍ତୁଳିମୁଣ୍ଡା ଗ୍ରାମବାସୀ ଅଡି ବସଛନ୍ତି। ଏହା କାର୍ଯ୍ୟକାରୀ ନ ହେଲେ ପୁଣି ତେନ୍ତୁଳିମୁଣ୍ଡା ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପ୍ରଶାସନ ଶୀଘ୍ର କରୁ ବୋଲି ବୁଦ୍ଧିଜିବୀ ମହଲରେ ମତ ପ୍ରକାଶ ପାଇଛି। ଉଭୟ ଗ୍ରମାବାସୀ ନିଜ ନିଜ ଜିଦରେ ଅଟଳ ଥିବା ବେଳେ ଗ୍ରାମସଭା ଦ୍ୱାରା ଏହାର ସମାଧାନର ସୂତ୍ର ବାହାରି ପାରିବ ବୋଲି ଜଣାପଡୁ ନାହିଁ।

## କରଞ୍ଜିଆ ଗଣଦୁଷ୍କର୍ମ ମାମଲା

# ଏସ୍‌ଡିପିଓଙ୍କୁ ଭେଟିଲେ ବିଜେଡି ପ୍ରତିନିଧି



ବାରିପଦା/କରଞ୍ଜିଆ, ୨୬।୬(ସମିସ): ବୁଧବାର କରଞ୍ଜିଆଠାରେ ଘଟିଥିବା ଗଣଦୁଷ୍କର୍ମ ଘଟଣାରେ ପୂର୍ବତନ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମଙ୍କ ନେତୃତ୍ୱରେ ବିଜୁ ଜନତା ଦଳର ଏକ ପ୍ରତିନିଧି ମଣ୍ଡଳୀ ଏସଡିପିଓଙ୍କୁ ଭେଟି ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ପୀଡ଼ିତାଙ୍କ ବୟାନ ଅନୁଯାୟୀ, ତାଙ୍କୁ ବାଇକରେ ୨ ଜଣ ଦୁର୍ବୃତ୍ତ ଲିଫ୍ଟ ଦେଇ ଏକ ନିର୍ଜନ ସ୍ଥାନକୁ ନେଇଯାଇଥିଲେ। ସେଠାରେ ପୂର୍ବରୁ ଅନ୍ୟ ଅଭିଯୁକ୍ତମାନେ ଉପସ୍ଥିତ ଥିଲେ। ସେହି ଅଞ୍ଚଳର ଏକ ଢାବାରେ ୩ ଜଣ ଅଭିଯୁକ୍ତ ମିଶି ମହିଳାଙ୍କୁ ଗଣଦୁଷ୍କର୍ମ କରିଥିଲେ। ବିଜେଡି ପ୍ରତିନିଧି ମଣ୍ଡଳୀ ଏହି ଘଟଣା ଉପରେ ଦୁଃଖ ପ୍ରକାଶ କରିଥିଲେ। ଏହି ଘଟଣାରେ ସମ୍ପୃକ୍ତ ଥିବା ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବା ସହିତ ପୀଡିତା କିଭଳି ନ୍ୟାୟ ପାଇବେ ସେ ନେଇ ପ୍ରତିନିଧି ମଣ୍ଡଳୀ ଏସଡିପିଓଙ୍କ ଆଲୋଚନା କରିଥିଲେ। ପୀଡ଼ିତାଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ବିଜୁ ଜନତା ଦଳ ତାର ଲଢେଇ ଜାରି ରଖିବ ବୋଲି ଶ୍ରୀମତୀ ହେମ୍ବ୍ରମ କହିଥିଲେ। ପ୍ରତିନିଧି ମଣ୍ଡଳୀରେ ତନୁଜା ମହନ୍ତ, ଚକ୍ରଧର ହେମ୍ବ୍ରମ, ରାଇସେନ୍ ମୁର୍ମୁ, କାଶୀନାଥ ହେମ୍ବ୍ରମ, ଅଭିଷେକ ପଟ୍ଟନାୟକ, ଆନିସ ମାନ୍ନା, ପପି ପୃଷ୍ଟି, ସୁଭଦ୍ରା ମାରାଣ୍ଡି, ନମିତା ଘଣ୍ଟିଆଳି ପ୍ରମୁଖ ସାମିଲ ଥିଲେ।

# ଅପରାହ୍ନ ୫ଟାରେ ବାଙ୍ଗିରିପୋଷି ରଥଟଣା

ବାଙ୍ଗିରିପୋଷି,୨୬।୬(ସମିସ): ଆଜି ବାଙ୍ଗିରିପୋଷି ରଥଯାତ୍ରା ଅନୁଷ୍ଠିତ ହେବ। ସେଥିପାଇଁ ବାଙ୍ଗିରିପୋଷି ରଥ କମିଟି ତରଫରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ରଥ-ପଥ ବି ପ୍ରସ୍ତୁତ ହୋଇଛି। ବାବା ଆଦ୍ୱେଶର ମନ୍ଦିର ସିଂହାସନ ଛାଡି ଜଗନ୍ନାଥ, ବଳଭଦ୍ର ଭଉଣୀ ସୁଭଦ୍ରାଙ୍କୁ ଧରି ଭକ୍ତଙ୍କ ଗହଣରେ ରଥରେ ବିଜେ କରିବେ। ରଥରେ ବିଜେ କଲାପରେ ଅଧାବାଟରେ ସ୍ଥାନୀୟ ଲକ୍ଷ୍ମୀ ନାରାୟଣ ମନ୍ଦିର ନିକଟରେ ବିଶ୍ରାମ ନେବେ। ଶନିବାର ଭକ୍ତଙ୍କ ଗହଳରେ ରଥରେ ବସି ମାଉସୀ ମା' ମନ୍ଦିରକୁ ଯିବେ। ଏଥିପାଇଁ ବାଙ୍ଗିରିପୋଷି ଚଳଚଞ୍ଚଳ ହୋଇଛି। ରଥକୁ କାରିଗରମାନେ ଶେଷ ସ୍ପର୍ଶ ଦେଉଛନ୍ତି। ବାଙ୍ଗିରିପୋଷି ବଜାରରେ ଦୁଇଦିନ ରଥ ଟଣା ସମୟରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ଲାଗିରହିବ। ଏହାକୁ ଦୃଷ୍ଟିରେ ରଖି ବାଙ୍ଗିରିପୋଷି ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଶୁକ୍ରବାର ସକାଳ ୯ଟାରେ ରଥ ପ୍ରତିଷ୍ଠା, ଅପରାହ୍ନ ୨ଟାରେ ପହଣ୍ଡି, ଅପରାହ୍ନ ୪ଟାରେ ଛେରା ପହଁରା ଓ ୫ଟାରେ ରଥଟଣା ଆରମ୍ଭ ହେବ।



# ଡକାୟତି ଯୋଜନା ପଣ୍ଡ; ୫ ଗିରଫ

ଚମ୍ପୁଆ, ୨୬।୬(ସମିସ): ଅପରାହ୍ନରେ ପୁଲିସ୍ ପାଟ୍ରୋଲିଂ ସମୟରେ ଡକାୟତି ଯୋଜନାକୁ ପଣ୍ଡ କରିଛି। ଏଥିରେ ସମ୍ପୃକ୍ତ ୫ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଫଗୁ ପୋଲ ନିକଟରେ ଡକାୟତି ଯୋଜନା ଚାଲିଥିଲା ବେଳେ ପୁଲିସ ଚଢ଼ଉ କରିଥିଲା। ଦୁର୍ବୃତ୍ତମାନେ ହେଲେ ଯୋଡ଼ା ଥାନା କୁନ୍ଦୁରୁନାଳାର ବିନୋଦ ମୁଣ୍ଡା (ମୋଟୁ, ୩୨) ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ଥାନା କୋଦଣ୍ଡ ଗାଁର ହରିହର ଘଣା (୨୭), ଚମ୍ପୁଆ ଥାନା ବସିରା ଗାଁର ଆଶିଷ ମହାନ୍ତ (୨୨), ତ୍ରିଦେବ ଗିରି (ମୁନା, ୨୨) ଏବଂ ଅନ୍ୟ ଜଣେ ହେଉଛି ନାବାଳକ। ସେମାନଙ୍କ ପାଖରୁ ୨ଟା ଦାଉଲି, ୨ଟା ଲୁହାଛଡ଼, ଲଙ୍କା ଗୁଣ୍ଡ, ଖାଲି ବିଅର ବୋତଲ ଏବଂ ଏକ ଡକାୟତି ଯୋଜନାର ମ୍ୟାପ୍ ପୁଲିସ ଜବତ କରିଛି। ଏକ ମାମଲା ରୁଜୁ କରି ନାବାଳକକୁ ଜୁଭେନାଇଲ କୋର୍ଟରେ ଦାଖଲ କରାଯିବ ବୋଲି ଚମ୍ପୁଆ ଥାନା ଆଇଆଇସି ରମାକାନ୍ତ ମୁଦୁଲି ସୂଚନା ଦେଇଛନ୍ତି।

# ପ୍ରବାସୀ ଶ୍ରମିକଙ୍କ ଆଇନ ସଚେତନତା କାର୍ଯ୍ୟକ୍ରମ

କେନ୍ଦୁଝର, ୨୬।୬(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସଦର ବ୍ଲକ ଅନ୍ତର୍ଗତ ରାଇସୁଆଁ ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରବାସୀ ଶ୍ରମିକଙ୍କ ସମସ୍ୟା ଓ ଆଇନଗତ ସମାଧାନ ଉପରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଦୌରାଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ଗୋପାଳଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାୟୀ ଲୋକ ଅଦାଲତ ଅଧ୍ୟକ୍ଷ ଇ. ବିଘ୍ନେଶ୍ୱର ରାଓ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ ପ୍ରବାସୀ ଶ୍ରମିକ, ନିର୍ମାଣ ଶ୍ରମିକ, ଅଣପଞ୍ଜିକୃତ ଶ୍ରମିକଙ୍କୁ ଆଇନ ସହାୟତା ଦିଗରେ ବର୍ଣ୍ଣନା କରିଥିଲେ। ପ୍ରାରମ୍ଭରେ ପ୍ରାଧିକରଣ ସଦସ୍ୟ ତଥା ତଦାଶା ସଂପାଦକ ଅକ୍ଷୟ କୁମାର ଚକ୍ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ସହକାରୀ ଶ୍ରମ ଅଧିକାରିଣୀ ରୀତାଞ୍ଜଳି ମାର୍ଡି ଶିଶୁ ଶ୍ରମିକ ପ୍ରଥାର ବିଲୋପ ପାଇଁ ସରକାରୀ ଯୋଜନା, ଶ୍ରମ ଦଲାଲଙ୍କ ପାଇଁ ଆଇନଗତ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ସୂଚନା ଦେଇଥିଲେ। ରାଇସୁଆଁ ସରପଞ୍ଚ ଅନନ୍ତ ଚରଣ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପଞ୍ଜିକୃତ ଶ୍ରମିକ, ଦାଦନ, ପ୍ରବାସୀ ଶ୍ରମିକ ଓ ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା ପ୍ରସଂଗ ଉପରେ ପ୍ରଶ୍ନ ପଚାରି ନିଜ ସମସ୍ୟାର ସମାଧାନ କରିଥିଲେ। ନିର୍ମାଣ ଶ୍ରମିକମାନଙ୍କୁ ପଞ୍ଜିକୃତ ମାନପତ୍ର ପ୍ରଦାନ କରାଯାଇଥିଲା। ପଞ୍ଚାୟତ କର୍ମକର୍ତ୍ତା ଓ ପ୍ରାଧିକରଣର କର୍ମୀ ସହଯୋଗ କରିଥିଲେ।

# ଗ୍ରାମପଞ୍ଚାୟତ ମୂଲ୍ୟାଙ୍କନ କର୍ମଶାଳା

ଚମ୍ପୁଆ,୨୬।୬(ସମିସ): ଚମ୍ପୁଆ ବ୍ଲକରେ ଦୁଇଦିନିଆ ପଞ୍ଚାୟତ ଆଡଭାନ୍ସମେଣ୍ଟ ଇନଡେକ୍ସ କର୍ମଶାଳା ବିଡିଓ ସ୍ମୃତିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ୯ଟି ଥିମ୍ ଆଧାରରେ ପଞ୍ଚାୟତଗୁଡ଼ିକର ସଫଳତାକୁ ମୂଲ୍ୟାଙ୍କନ କରାଯିବ। ବିଭିନ୍ନ ସରକାରୀ ଯୋଜନାର ସୁଫଳ ପ୍ରତିଟି ଲୋକଙ୍କ ପାଖରେ ପହଞ୍ଚାଇବା ସହ ଉପଯୁକ୍ତ ତଥ୍ୟ ରାଜ୍ୟ ସରକାରଙ୍କୁ ପଠାଇବାକୁ ପଡ଼ିବ। ପଞ୍ଚାୟତ ସ୍ତରରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ଜନକଲ୍ୟାଣକାରୀ ଯୋଜନାର ଲାଭାଂଶ ତଥ୍ୟଭିତ୍ତିକ ଓ ସଠିକତା ଆଧାରରେ ରାଜ୍ୟକୁ ପଠାଯିବ। ଜିଲ୍ଲା, ରାଜ୍ୟ ଓ ଜାତୀୟ ସ୍ତରରେ ମନୋନୟନ ପାଇଁ ଚୟନ କରାଯାଇ ସେମାନଙ୍କୁ ପୁରସ୍କୃତ କରାଯିବ ବୋଲି ବିଡିଓ ସୂଚନା ଦେଇଛନ୍ତି। ଏବିଡିଓ ଚୁନୁ ହାଁସଦା, ସାମାଜିକ ସୁରକ୍ଷା ଅଧିକାରୀ ଶ୍ରାବଣୀ ଜେନା, ସମ୍ବଳ ଅଧିକାରୀ ସଙ୍ଗୀତା ମାଝୀ, ମାଷ୍ଟର ଟ୍ରେନର ଭାବେ ରଜିଆ ସରପଞ୍ଚ ସନ୍ତୋଷ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ।

# ରଥଯାତ୍ରା ପରିଚାଳନା ପାଇଁ ଚମ୍ପୁଆ ଉପଖଣ୍ଡସ୍ତରୀୟ ବୈଠକ

ଚମ୍ପୁଆ, ୨୬।୬(ସମିସ): ହିନ୍ଦୁ ସଂସ୍କୃତିର ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ପ୍ରମୁଖତା ବହନ କରୁଥିବା ବେଳେ ଆଗାମୀ ରଥଯାତ୍ରାକୁ ଶାନ୍ତିଶୃଙ୍ଖଳା ସହ ପାଳନ ନିମନ୍ତେ ଉପଖଣ୍ଡ ପୁଲିସ ଅଧିକାରୀ ରଶ୍ମିରଂଜନ ସାହୁଙ୍କ ସଭାପତିତ୍ୱରେ ଏକ ବୈଠକ ଉପଜିଲ୍ଲାପାଳ ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଉପଖଣ୍ଡ ଅଧିକାରୀ ଉମାକାନ୍ତ ପରିଡା, ବିଡିଓ ସ୍ମୃତିରଂଜନ ସାହୁ, ଏନଏସି ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁ, ଏନଏସି ନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରା, ଝୁମ୍ପୁରା ତହସିଲଦାର ରୋହିତ ବାଗ, ଆଇଆଇସି ରମାକାନ୍ତ ମୁଦୁଲି ପ୍ରମୁଖ ଯୋଗ ଦେଇଥିଲେ। ଝୁମ୍ପୁରା, ଚମ୍ପୁଆ ଓ ବାରିଆ ଅଞ୍ଚଳର ବୁଦ୍ଧିଜୀବୀ ରାଜନୈତିକ ଦଳର ସଦସ୍ୟ, ବିଭିନ୍ନ ସଂଗଠନ ସଦସ୍ୟ ପ୍ରମୁଖ ଯୋଗ ଦେଇଥିଲେ। ରଥଯାତ୍ରାକୁ ଶୃଙ୍ଖଳିତ ଓ ସୁରକ୍ଷିତ କରିବା ପରିପ୍ରେକ୍ଷୀରେ ସୋସିଆଲ ମିଡିଆରେ ପ୍ରସାରିତ ବିଭିନ୍ନ ପ୍ରକାର ମିଥ୍ୟା ସୂଚନାକୁ ଗୁରୁତ୍ୱ ନଦେବା ଏବଂ ପୁଲିସକୁ ସୂଚନା ଦେବା ପାଇଁ ଅନୁରୋଧ କରାଯାଇଛି।





# ରଥେ ତୁ ବାମନଂ ଦୃଷ୍ଟ୍ୱା...

ଓଡ଼ିଶାର ସଂସ୍କୃତି କହିଲେ ଶ୍ରୀଜଗନ୍ନାଥ ସଂସ୍କୃତିକୁ ବୁଝାଇଥାଏ। ଓଡ଼ିଆ ସଂସ୍କୃତିର ମୂଳାଧାର ପ୍ରଭୁ ଶ୍ରୀଜଗନ୍ନାଥ। ମହାନ ସନାତନ ଓ ଉତ୍କଳୀୟ ବିଚାରଧାରାରେ ଶ୍ରୀଜଗନ୍ନାଥ ହିଁ ଆକର୍ଷଣର କେନ୍ଦ୍ରବିନ୍ଦୁ । ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ମାନବବାଦର ପ୍ରତୀକ। ତାଙ୍କ ଲୀଳାର ଅନ୍ତ ନାହିଁ। ସେ ଅନନ୍ତ ଓ ଅସୀମ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରୁ ଶ୍ରୀଗୁଣ୍ଡିଚା ଯାତ୍ରା ବା ମହାବେଦୀ ମହୋତ୍ସବ ହିଁ ଶ୍ରେଷ୍ଠ ବୋଲି ସ୍କନ୍ଦ ପୁରାଣରେ କୁହାଯାଇଛି। ପୁରୀ ତଥା ଦେଶ ବିଦେଶରେ ପାଳିତ ହୋଇ ଆସୁଥିବା ଜଗନ୍ନାଥ ସଂସ୍କୃତିର ଏହା ଏକ ଅନନ୍ୟ ପର୍ବ । ଓଡ଼ିଶାର ମୁଖ୍ୟ ଯାତ୍ରା ରୂପେ ପୁରୀର ରଥଯାତ୍ରା ସୁପ୍ରସିଦ୍ଧ । ଏହା ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥି ଦିନ ପାଳିତ ହୋଇଥାଏ। ଏହି ଯାତ୍ରା ଘୋଷ ଯାତ୍ରା, ମହାବେଦୀ ମହୋତ୍ସବ, ପତିତପାବନ ଯାତ୍ରା, ଦକ୍ଷିଣାମୁଖୀ ଯାତ୍ରା, ନବଦିନ ଯାତ୍ରା, ଦଶାବତାର ଯାତ୍ରା, ଗୁଣ୍ଡିଚା ମହୋତ୍ସବ ଓ ଆଡ଼ପ ଯାତ୍ରା ନାମରେ ବିଭିନ୍ନ ଶାସ୍ତ୍ର, ପୁରାଣ ଓ ଲୋକ କଥାରେ ଅଭିହିତ। ରଥଯାତ୍ରା ଏକ ଅଦ୍ୱିତୀୟ ମହୋତ୍ସବ। ବର୍ଷକରେ ଥରେ ମହାପ୍ରଭୁ ବଡ଼ ଦେଉଳରୁ ବଡ଼ଦାଣ୍ଡକୁ ଓହ୍ଲାଇ ଆସିଥାନ୍ତି ଭକ୍ତମାନଙ୍କୁ ଦର୍ଶନ ଦେବା ପାଇଁ। ଏହି ମହୋତ୍ସବରେ ସାମିଲ ହୋଇ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଆଡ଼ପ ମଣ୍ଡପରେ ଦର୍ଶନ କଲେ, ଏକ ସହସ୍ର ଅଶ୍ୱମେଧ ଯଜ୍ଞର ଫଳ ମିଳିଥାଏ ବୋଲି ବିଶ୍ୱାସ କରାଯାଏ। ଘୋଷଯାତ୍ରା ଦିନ ରତ୍ନବେଦୀ ଛାଡ଼ି ଶ୍ରୀଗୁଣ୍ଡିଚା ଯାତ୍ରା କରିଥାନ୍ତି ଚତୁର୍ଦ୍ଧାମୂର୍ତ୍ତି। ଏହି ଦିନ ବ୍ରାହ୍ମ ମୁହୂର୍ତ୍ତରୁ ମହାପ୍ରଭୁଙ୍କ ମଙ୍ଗଳ ଆଳତି ତଡ଼ପ ଲାଗି, ରୋଷହୋମ ଓ ଅବକାଶ ନୀତି, ଦ୍ୱାରପାଳ ପୂଜା ପରେ ରଥ ପ୍ରତିଷ୍ଠା ହୋଇଥାଏ । ଖେଚୁଡ଼ି ଭୋଗ ପରେ ମଙ୍ଗଳା ଅର୍ପଣ ହୋଇ ଆରମ୍ଭ ହୁଏ ପହଣ୍ଡି ବିଜେ। ପ୍ରଥମେ ଚକ୍ରରାଜ ସୁଦର୍ଶନ ପରେ ବଡ଼ ଭାଇ ବଳଭଦ୍ର ଓ ପରେ ପରେ ଦେବୀ ସୁଭଦ୍ରାଙ୍କ ପହଣ୍ଡି ବିଜେ ନୀତି ସମ୍ପନ୍ନ ହୋଇଥାଏ । ଶେଷରେ କୋଟି ଓଡ଼ିଆଙ୍କ ମଉଡ଼ମଣି, ମହାପ୍ରଭୁ ଶ୍ରୀଜଗନ୍ନାଥ ଟାହିଆ ହଲେଇ, ଝୁଲି ଝୁଲି ପହଣ୍ଡିରେ ଆସିଥାନ୍ତି। ଶ୍ରୀଜୀଉମାନେ ଧାଡ଼ି ପହଣ୍ଡିରେ ଆସି ନବନିର୍ମିତ ରଥରେ ବିଜେ କରିଥାନ୍ତି। ଶ୍ରୀଜଗନ୍ନାଥ ନନ୍ଦିଘୋଷ, ଶ୍ରୀବଳଭଦ୍ର ତାଳଧ୍ୱଜ, ଦେବୀ ସୁଭଦ୍ରା ଓ ପ୍ରଭୁ ଶ୍ରୀସୁଦର୍ଶନ ଦର୍ପଦଳନ ରଥରେ ବିଜେ ହୁଅନ୍ତି। ଯେଉଁମାନେ ଶ୍ରୀମନ୍ଦିରରେ ବିରାଜିତ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିପାରନ୍ତି ନାହିଁ, ସେମାନେ ଘୋଷଯାତ୍ରା ଦିନ ରଥ ଉପରେ ମହାପ୍ରଭୁଙ୍କୁ ଦର୍ଶନ କରିବାର ସୁଯୋଗ ପାଇଥାନ୍ତି। ପ୍ରଭୁଙ୍କୁ ରଥାରୂଢ଼ ଦେଖି ତାଙ୍କର ରଥ ଦଉଡ଼ିକୁ ସ୍ପର୍ଶ କରି ପ୍ରତ୍ୟେକ ଭକ୍ତ ଅପୂର୍ବ ଆନନ୍ଦ ଲାଭ କରିଥାଏ। ଭକ୍ତ ଓ ଭଗବାନଙ୍କର ଏକାକାରରେ ବଡ଼ଦାଣ୍ଡରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥାଏ। ଯିବା ଦିନ ଓ ଆସିବା ଦିନକୁ ବାଦ୍ ଦେଲେ, ଶ୍ରୀବିଗ୍ରହମାନେ ଶ୍ରୀଗୁଣ୍ଡିଚା ମନ୍ଦିରରେ ସାତଦିନ ରୁହନ୍ତି । ଗୁଣ୍ଡିଚା ମନ୍ଦିର ଠାରେ ପହଞ୍ଚିବା ପରେ ଚାରି ଦାରୁଦେବତା ଓ ତିନି ଉତ୍ସବ ଦେବତା ଗୁଣ୍ଡିଚା ମନ୍ଦିରକୁ ଯାଇ ସେଠାରେ ପୂଜା ପାଇବା ବେଳେ, ତିନି ଧ୍ୱଜଦେବତା ତିନି ରଥରେ ହିଁ ରହିଥାଆନ୍ତି। ସେତେବେଳେ ରଥରେ ପ୍ରତିଦିନ ସେମାନଙ୍କୁ ଭୋଗ ଲଗାଯାଇଥାଏ । ଏହାପରେ ମହାପ୍ରଭୁ ଭାଇ ଭଉଣୀଙ୍କୁ ଧରି ଆଷାଢ଼ ଶୁକ୍ଳପକ୍ଷ ଦଶମୀ ବା ବାହୁଡ଼ା ଦଶମୀ ଦିନ ରଥରେ ଗୁଣ୍ଡିଚା ଘରୁ ବଡ଼ ଦେଉଳକୁ ଫେରି ଆସନ୍ତି। ଏହାକୁ ବାହୁଡ଼ା ଯାତ୍ରା କୁହାଯାଏ। ବାହୁଡ଼ା ଦଶମୀ ପରଦିନ ଠାକୁରମାନେ ସ୍ୱର୍ଣ୍ଣ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି। ତା’ ପରଦିନ ଅନୁଷ୍ଠିତ ହୁଏ ଅଧରପଣା ନୀତି। ଶେଷରେ ତ୍ରୟୋଦଶୀ ତିଥିରେ ଶ୍ରୀମନ୍ଦିର ସ୍ଥିତ “ନୀଳାଦ୍ରି ମଣ୍ଡପ” ବା “ରତ୍ନ ସିଂହାସନ”କୁ ବିଜେ କରିଥାନ୍ତି ଶ୍ରୀବିଗ୍ରହମାନେ। ଏହାକୁ “ନୀଳାଦ୍ରି ବିଜେ” ନାମରେ ଅଭିହିତ କରାଯାଇଛି। ମହାପ୍ରଭୁଙ୍କ ଏ ମାନବୀୟ ଲୀଳା ସତରେ ଅପୂର୍ବ, ବିଚିତ୍ର ଓ ଅଲୌକିକ। ମାନବୀୟ ଲୀଳା ରଚନା କରି ଆମର ଆରାଧ୍ୟ ଦେବତାମାନେ କିପରି ଜନମାନସକୁ ବିଶ୍ୱ ପ୍ରେମରେ ଉଦ୍‌ବୁଦ୍ଧ କରିଚାଲିଛନ୍ତି, ତାହାର ଜ୍ୱଳନ୍ତ ଉଦାହରଣ ଏହି ରଥଯାତ୍ରା। ଶ୍ରୀକ୍ଷେତ୍ର ଧାମରେ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ପାଳିତ ହୋଇ ଆସୁଥିବା ଏହି ରଥ ଯାତ୍ରା ସମଗ୍ର ବିଶ୍ୱର ଏକ ସର୍ବଶ୍ରେଷ୍ଠ ମହୋତ୍ସବ ଭାବେ ମାନ୍ୟତା ଲାଭ କରିଛି ।

## ଶ୍ରୀଜଗଦୀଶୋଽବତୁ

(ଛନ୍ଦଃ - ଅନୁକୂଳା)

**ଡାକ୍ତର କୃଷ୍ଣକେଶବ ଷଡ଼ଙ୍ଗୀ**



ନୀଳମହୀଭୃଚ୍ଛିଖରବିଳାସୀ
ନୀରଦନୀଳଃ ଶଶିସିତହାସୀ ।
ଶ୍ରୀଧରଣୀହୃତ୍ପ୍ରଣୟବିକାସୀ
ଶ୍ରୀଜଗଦୀଶୋଽବତୁ ଭୟନାଶୀ ॥୧
*(ନୀଳଶୈଳଶିଖରବିଳାସୀ, ମେଘଶ୍ୟାମଳ, ଚନ୍ଦ୍ରସମ-ଶୁଭ୍ର-ହାସଯୁକ୍ତ, ଶ୍ରୀଦେବୀ ଓ ଭୂଦେବୀଙ୍କ ପ୍ରୀତିଭାବର ବିକାସକ, ଭୟନାଶକ, ଶ୍ରୀଜଗଦୀଶ୍ୱର ରକ୍ଷା କରନ୍ତୁ ।)*

କାମସହସ୍ରଦ୍ୟୁତିଜୟଦଙ୍ଗୀ
ରାମସୁଭଦ୍ରାସ୍ଫୁରଦରିସଙ୍ଗୀ ।
ତାମରସାଦିସ୍ଫୁଟସୁମହାରୀ
ଧାମ ଦୟାୟା ହ୍ୟବତୁ ମୁରାରିଃ ॥୨
*(ସହସ୍ରକନ୍ଦର୍ପଙ୍କ ତେଜଃକୁ ଜୟ କରୁଥିବା ଅଙ୍ଗଶାଳୀ, ବଳଭଦ୍ର-ସୁଭଦ୍ରା-ଭାସ୍ୱରଚକ୍ରଙ୍କ ସଙ୍ଗୀ, ପଦ୍ମାଦିପ୍ରସ୍ଫୁଟିତପୁଷ୍ପହାରଧାରୀ, ଦୟାର ଧାମ, ମୁରାରି ନିଶ୍ଚିତଭାବେ ରକ୍ଷା କରନ୍ତୁ ।)*

ତୁଙ୍ଗଶତାଙ୍ଗଭ୍ରମଣବିତୃପ୍ତଃ
ପଙ୍କସମୂହପ୍ରମଥନଦୃପ୍ତଃ ।
ବଂଶକିରୀଟାଭରଣସୁଦୀପ୍ତଃ
ପାତୁ ହରିଶ୍ଚନ୍ଦନରସଲିପ୍ତଃ ॥୩
*(ବିରାଟ-ରଥଭ୍ରମଣଦ୍ୱାରା ତୃପ୍ତ, ପାପସମୂହର ବିନାଶରେ ଦୃପ୍ତ, ବାଉଁଶରେ ତିଆରି କିରୀଟ (ଟାହିଆ) ମଣ୍ଡିତ, ଚନ୍ଦନବିଲିପ୍ତ, ହରି ରକ୍ଷା କରନ୍ତୁ ।)*

ଉତ୍ସବଯାତ୍ରାସୁଖସମୁଦାୟ-
ପ୍ରୀଣିତଚେତାସ୍ତରୁମୟକାୟଃ ।
ମାଳବରାଜସ୍ତୁତପଦକଞ୍ଜଃ
ପାତୁ ମୁକୁନ୍ଦଃ କୃତରିପୁଗଞ୍ଜଃ ॥୪
*(ଉତ୍ସବ ଓ ଯାତ୍ରାଦିଜାତ-ସୁଖସମୁଦାୟରେ ପ୍ରୀତମନା, ଦାରୁମୟଦେହଧାରୀ, ମାଳବରାଜ(ଇନ୍ଦ୍ରଦ୍ୟୁମ୍ନ)ଙ୍କ ଦ୍ୱାରା ବନ୍ଦିତ ପାଦପଦ୍ମଧାରୀ, ଶତ୍ରୁଭଞ୍ଜକ, ମୁକୁନ୍ଦ ରକ୍ଷା କରନ୍ତୁ ।)*

ବାସବମୁଖ୍ୟାମରଗଣବନ୍ଦ୍ୟଃ
ସେବକବୃନ୍ଦୈର୍ବିଭୁରଭିନନ୍ଦ୍ୟଃ ।
ଚନ୍ଦ୍ରବିବସ୍ୱଦ୍ୱଲୟିତଦୃଷ୍ଟୀ
ରକ୍ଷତୁ ନୀତାବନଲୟସୃଷ୍ଟିଃ ॥୫
*(ଇନ୍ଦ୍ରାଦିଦେବଗଣଙ୍କ ବନ୍ଦନୀୟ, ସେବକମାନଙ୍କଦ୍ୱାରା ଅଭିନନ୍ଦନୀୟ, ଚନ୍ଦ୍ର-ସୂର୍ଯ୍ୟ-ସମ-ବର୍ତ୍ତୁଳ-ନେତ୍ରଧାରୀ, ସୃଷ୍ଟି-ସ୍ଥିତି-ଲୟର ନିର୍ବାହକର୍ତ୍ତା, ମହାପ୍ରଭୁ ରକ୍ଷା କରନ୍ତୁ ।)*

ସୁନ୍ଦରରକ୍ତାଧରରମଣୀୟଃ
କାଞ୍ଚନପୀତାମ୍ବରକମନୀୟଃ ।
ଲମ୍ବିତହସ୍ତାଧୃତଦରଚକ୍ରଃ
କମ୍ବୁପୁରେଶୋଽବତୁ ହତନକ୍ରଃ ॥୬
*(ସୁନ୍ଦର-ଆରକ୍ତ-ଅଧରରେ ଶୋଭମାନ, ସୁବର୍ଣ୍ଣୋପମପୀତବସ୍ତ୍ରରେ କମନୀୟ, ପ୍ରସାରିତହସ୍ତରେ ଶଙ୍ଖ-ଚକ୍ରଧାରୀ, ଗଜରାଜଙ୍କ ଉଦ୍ଧାରକାଳରେ ନକ୍ରହନ୍ତା, କମ୍ବୁକଟକାଧିପତି ରକ୍ଷା କରନ୍ତୁ ।)*

ଭକ୍ତକଦମ୍ବସ୍ତବନଜଭାବ-
ପ୍ରୋଲ୍ଲସିତାତ୍ମା ପରିଭବଲାବଃ ।
କାହଳଘଣ୍ଟାରବରସିକେନ୍ଦ୍ରଃ
ପାତୁ ଭବାବ୍ଧୋସ୍ତ୍ୱରିତମୁପେନ୍ଦ୍ରଃ ॥୭
*(ଭକ୍ତସମୂହର ସ୍ତବଗତ-ଭାବରେ ଉଲ୍ଲସିତ, କଷ୍ଟହାରକ, କାହାଳ-ଘଣ୍ଟାଦିର ଧ୍ୱନିଶ୍ରବଣରେ ରସିକ, ଉପେନ୍ଦ୍ର ଶୀଘ୍ର ଭବରୂପକ କୂପରୁ ରକ୍ଷା କରନ୍ତୁ ।)*

ଲୁବ୍ଧକବିଶ୍ୱାବସୁନୁତିହୃଷ୍ଟୋ
ବ୍ରାହ୍ମଣବିଦ୍ୟାପତିପରିତୁଷ୍ଟଃ ।
ସର୍ବଜଗନ୍ନାୟକ ଇହ ଜୁଷ୍ଟଃ
ଚାରଗଣୈଃ ପାତ୍ୱଭିହତଦୁଷ୍ଟଃ ॥୮
*(ଶବର-ବିଶ୍ୱାବସୁଙ୍କ ସ୍ତୁତିରେ ହୃଷ୍ଟ, ବ୍ରାହ୍ମଣ-ବିଦ୍ୟାପତିଙ୍କ ଦ୍ୱାରା ସନ୍ତୁଷ୍ଟ, ନିଜ ଅନୁଚରମାନଙ୍କ ଦ୍ୱାରା ଆମୋଦିତ, ଦୁଷ୍ଟମାନଙ୍କ ବିନାଶକ, ସକଳ ଜଗତର ନାୟକ ଭୂତଳେ ରକ୍ଷା କରନ୍ତୁ ।)*

କେଶବକୃଷ୍ଣାଭିଧକବିପଦ୍ୟଂ
ଯୋଽଷ୍ଟକମେତନ୍ମଧୁ ନିରବଦ୍ୟମ୍ ।
ସାଦରମଧ୍ୟେତି ସ ଭବମୁକ୍ତଃ
ସ୍ୟାଜ୍ଜଗଦୀଶେ ହ୍ୟନୁରତିଯୁକ୍ତଃ ॥ଫଳଶ୍ରୁତିଃ॥
*(କବି କୃଷ୍ଣକେଶବଙ୍କ ଏହି ମଧୁର ତଥା ଅନିନ୍ଦ୍ୟ ଅଷ୍ଟକ-ପଦ୍ୟକୁ ଯିଏ ସାଦର ପାଠ କରନ୍ତି; ସେ ସଂସାରକଷ୍ଟରୁ ମୁକ୍ତ ହେବା ସଙ୍ଗେ ସଙ୍ଗେ ଜଗଦୀଶ୍ୱର-ଶ୍ରୀଜଗନ୍ନାଥଙ୍କଠାରେ ଅନୁରାଗ (ପ୍ରେମଭକ୍ତି) ଲାଭ କରନ୍ତି ।)*

ମୋ-୯୪୩୭୫୬୭୩୨୪

## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନୂଆ ବ୍ୟବସାୟ ଆରମ୍ଭ କରିବେ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶରୁ ଲାଭ ପାଇବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ନୂଆ କାମ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଚିନ୍ତାରେ ରହିବେ ଏବଂ ପେଟଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ। ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିବ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ନୂଆ ଗାଡ଼ି କିଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**ମୀନ:** ବ୍ୟବସାୟରେ ବାଧା ଆସିବ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ।

## ଆଜିର ଇତିହାସ

- ୧୬୯୩- ବିଶ୍ୱର ପ୍ରଥମ ମହିଳା ପତ୍ରିକା ‘ଲେଡିଜ୍ ମରକ୍ୟୁରି’ ଲଣ୍ଡନରେ ପ୍ରକାଶିତ ହେଲା।
- ୧୮୩୯- ମହାରାଜା ରଣଜିତ୍ ସିଂହଙ୍କ ବିୟୋଗ।
- ୧୯୧୪- ଆମେରିକା ଇଥୋପିଆ ସହିତ ବାଣିଜ୍ୟ ସନ୍ଧିରେ ସ୍ୱାକ୍ଷର କଲା।
- ୧୯୬୭- ଲଣ୍ଡନର ଏନ୍‌ଫିଲଡ୍‌ରେ ବିଶ୍ୱର ପ୍ରଥମ ଏଟିଏମ୍ ସ୍ଥାପିତ କରାଗଲା।
- ୨୦୦୮ - ମାଇକ୍ରୋସଫ୍ଟ କର୍ପୋରେସନ୍‌ର ଚେୟାରମ୍ୟାନ୍ ବିଲ୍ ଗେଟ୍‌ସ ନିଜ ପଦରୁ ଇସ୍ତଫା ଦେଲେ।

## ଯେତେ ଚକ, ସେତେ ଘଣ୍ଟୁଆ



ପହଣ୍ଡି ଏବଂ ରଥଟଣା ସମୟରେ ଘଣ୍ଟୁଆ ସେବକମାନେ ବିଶେଷ ଆକର୍ଷଣ ରହିଥା’ନ୍ତି। ଘଣ୍ଟର ତାଳେ ତାଳେ ଠାକୁରଙ୍କ ପହଣ୍ଡି ହେଉଥିବାବେଳେ ରଥ ବି ଆଗକୁ ଗଡ଼େ। ତେଣୁ ଘଣ୍ଟୁଆ ସେବକଙ୍କର ବି ବେଶ୍ ଗୁରୁତ୍ୱ ରହିଛି। ଚଳିତବର୍ଷ ବ୍ୟବସ୍ଥାବଳୀରେ ଘଣ୍ଟୁଆଙ୍କ ସେବା ସମ୍ପର୍କରେ ମଧ୍ୟ ସ୍ପଷ୍ଟ କରାଯାଇଛି। ଯେଉଁ ରଥରେ ଯେତେ ଚକ ସେହି ରଥରେ ସେତେ ଘଣ୍ଟୁଆ ରହିବେ ବୋଲି ଚୂଡ଼ାନ୍ତ ହୋଇଛି। ବ୍ୟବସ୍ଥାବଳୀ ଅନୁଯାୟୀ, ଛେରାପହଁରା ପୂର୍ବରୁ ଘଣ୍ଟୁଆମାନେ ରଥ ଉପରକୁ ଯିବେ ନାହିଁ। ଛେରାପହଁରା ସରିବା ପରେ ହିଁ ନିର୍ଦ୍ଧାରିତ ସଂଖ୍ୟକ ଘଣ୍ଟୁଆ ରଥ ଉପରକୁ ଚଢ଼ିବେ। ପ୍ରତି ରଥରେ ନିର୍ଦ୍ଧାରିତ ସଂଖ୍ୟକ ପୁରୀ ଓ ଭଟିମୁଣ୍ଡା ଘଣ୍ଟୁଆ ରହିବେ। ଅର୍ଥାତ୍ ଯେଉଁ ରଥରେ ଯେତେ ଚକ ସେତିକି ସଂଖ୍ୟକ ଘଣ୍ଟୁଆ ସେହି ରଥରେ ଚଢ଼ିବେ। ତାଳଧ୍ୱଜ ରଥରେ ମୋଟ୍ ୧୪ ଜଣ, ଦେବଦଳନ ରଥରେ ୧୨ ଜଣ ଏବଂ ନନ୍ଦିଘୋଷ ରଥରେ ୧୬ ଜଣ ଘଣ୍ଟୁଆ ରହିବେ। ଅଧିକ ସଂଖ୍ୟକ ଘଣ୍ଟୁଆଙ୍କୁ ଉପରେ ଥିବା ଶ୍ରୀମନ୍ଦିର କର୍ମଚାରୀ, ଦଇତାପତି ସେବକ ଓ ବାଡ଼ଗ୍ରାହୀ ତଳକୁ ଓହ୍ଲାଇ ଦେବେ। ରଥ ଉପରେ ଉପସ୍ଥିତ ଥିବା ନିର୍ଦ୍ଧାରିତ ସଂଖ୍ୟକ ସେବ ଓ କର୍ମଚାରୀ ଶ୍ରୀବିଗ୍ରହଙ୍କୁ ଅବରୋଧ ନ କରି ରଥ ଉପରେ ଦୁଇକଡ଼ରେ ରହିବେ। ରଥ ଚାଲିବା ସମୟରେ ଉଭୟ ଗୋଷ୍ଠୀ ସମତାଳରେ ଘଣ୍ଟ ବାଦନ କରିବେ। ଉଭୟ ଗୋଷ୍ଠୀର ଘଣ୍ଟୁଆ ନିଯୋଗ ସେମାନଙ୍କ ଘଣ୍ଟୁଆମାନଙ୍କ ରଥୱାରୀ ତାଲିକା ପ୍ରଦାନ କରିଥିବେ। ପ୍ରଶାସନର ଚୟନ ପରେ ସେମାନଙ୍କୁ ପାସ୍ ଦିଆଯିବାର ବ୍ୟବସ୍ଥା କରାଯାଇଥିବ ବୋଲି ବ୍ୟବସ୍ଥାବଳୀରେ ଉଲ୍ଲେଖ କରାଯାଇଛି।









## ଜାତୀୟ ବରିଷ୍ଠ ଜଳକ୍ରୀଡ଼ା ଉଦ୍‌ଯାପିତ

# ମନ୍ନତାଙ୍କୁ ରୌପ୍ୟ, ପ୍ରତ୍ୟାଶାଙ୍କୁ ଦ୍ୱିତୀୟ କାଂସ୍ୟ

ଭୁବନେଶ୍ୱର,୨୬।୬ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଶେଷ ହୋଇଥିବା ୭୮ତମ ଜାତୀୟ ବରିଷ୍ଠ ଜଳକ୍ରୀଡ଼ା ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିଯୋଗୀମାନେ ପଦକ ଜିତିବାର ଧାରା ବଜାୟ ରଖିଛନ୍ତି। ଗୁରୁବାର ଅନୁଷ୍ଠିତ ଇଭେଣ୍ଟରେ ଓଡ଼ିଶାକୁ ୨ଟି ପଦକ ମିଳିଛି। ତାହା ମଧ୍ୟରୁ ମନ୍ନତା ମିଶ୍ର ରୌପ୍ୟ ଓ ପ୍ରତ୍ୟାଶା ରାୟ କାଂସ୍ୟ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ମନ୍ନତା ୧୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ୧ମିନିଟ୍ ୧୫.୫୭ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ରେଳବାଇ ସ୍ପୋର୍ଟ୍ସ ପ୍ରମୋସନ ବୋର୍ଡର ହର୍ଷିତା ଜୟରାମ ୧ମିନିଟ୍ ୧୩.୨୪ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିପରି ରାଜ୍ୟର ଶୀର୍ଷ ସନ୍ତରଣକାରୀ ପ୍ରତ୍ୟାଶା ରାୟ କ୍ରମାଗତ ଦ୍ୱିତୀୟ ଦିନରେ କାଂସ୍ୟ ପଦକ ହାସଲ କରିଛନ୍ତି। ଗୁରୁବାର ଅନୁଷ୍ଠିତ ମହିଳା ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ପ୍ରତ୍ୟାଶା ୧ ମିନିଟ୍ ୦୫.୬୪ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନରେ ରହିବା ସହ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଗତକାଲି ବୁଧବାର ଅନୁଷ୍ଠିତ ମହିଳା ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ସେ ୨ ମିନିଟ୍ ୨୪.୭୭ ସେକେଣ୍ଡ ସମୟ ନେଇ କାଂସ୍ୟ ପଦକ ଜିତିଥିଲେ। କର୍ଣ୍ଣାଟକର ସନ୍ତରଣକାରୀ ବିନୀତା ନାରାୟଣ ଉଭୟ ବିଭାଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପୂର୍ବରୁ ଓଡ଼ିଶାର ସ୍ରିଷ୍ଟି ଉପାଧ୍ୟାୟ ବ୍ୟକ୍ତିଗତ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଜିତିଥିଲେ। ଓଡ଼ିଶାର ୪ ଗୁଣା ୧୦୦ ମିଟର ମେଡ୍‌ଲେ ଟିମ୍ ଗୋଟିଏ କାଂସ୍ୟ ପଦକ ବିଜୟୀ ହୋଇଥିଲା। ଏହା ଫଳରେ ଆଜି ଶେଷ ହୋଇଥିବା ଏହି ପ୍ରତିଯୋଗିତାରେ ଓଡ଼ିଶା ଗୋଟିଏ ସ୍ୱର୍ଣ୍ଣ, ୨ଟି ରୌପ୍ୟ, ୩ଟି କାଂସ୍ୟ ସହ ୬ଟି ପଦକ ଜିତି ଅଭିଯାନ ଶେଷ କରିଛି। ପଦକ ତାଲିକାରେ ଓଡ଼ିଶା ୭ମ ସ୍ଥାନରେ ରହିଛି। ପଦକ ତାଲିକାରେ କର୍ଣ୍ଣାଟକ ପ୍ରଥମ, ତାମିଲନାଡୁ ଦ୍ୱିତୀୟ ଓ ମହାରାଷ୍ଟ୍ର ତୃତୀୟ ସ୍ଥାନ ଅଧିକାର କରିଛି। ଏହି ପ୍ରତିଯୋଗିତାରେ ୧୪ଟି ନୂଆ ରେକର୍ଡ ହୋଇଥିଲାବେଳେ କର୍ଣ୍ଣାଟକ ଓଭରଅଲ ଚାମ୍ପିଅନ ହୋଇଛି। ଏହି ରାଜ୍ୟ ଉଭୟ ମହିଳା ଓ ପୁରୁଷ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଛି। ସେହିପରି ବ୍ୟକ୍ତିଗତ ବିଭାଗରେ ମଧ୍ୟ କର୍ଣ୍ଣାଟକର ସନ୍ତରଣକାରୀ ଶ୍ରେଷ୍ଠ ପ୍ରତିଯୋଗୀ ବିବେଚିତ ହୋଇଛନ୍ତି। ମହିଳା ବିଭାଗରେ ଅଲିମ୍ପିଆନ ଧୀନିଧି ଦେସିଙ୍ଗୁ ଓ ପୁରୁଷ ବିଭାଗରେ ସୋହନ ଗାଙ୍ଗୁଲି ଶ୍ରେଷ୍ଠ ସନ୍ତରଣକାରୀ ବିବେଚିତ ହୋଇଛନ୍ତି।



ଦିବ୍ୟାଙ୍କା ପ୍ରଧାନ, ମନ୍ନତା ମିଶ୍ର, ସ୍ରିଷ୍ଟି ଉପାଧ୍ୟାୟ ଓ ପ୍ରତ୍ୟାଶା ରାୟ

## ଓଡ଼ିଆ କୋଚ୍ ଓ ଭାରତକୁ ୩ ସ୍ୱର୍ଣ୍ଣ



ଭୁବନେଶ୍ୱର,୨୬।୬(ସମିସ): ମାଲେସିଆର କୁଚିଂଠାରେ ଚାଲିଥିବା ଏସିଆନ୍ ଯୁଗଳ ସ୍କ୍ୱାଶ୍ ପ୍ରତିଯୋଗିତାରେ ଭାରତ ୩ଟି ସ୍ୱର୍ଣ୍ଣ ପଦକ ହାସଲ କରିଛି। ଭାରତୀୟ ଖେଳାଳିମାନେ ପୁରୁଷ, ମହିଳା ଓ ମିଶ୍ରିତ ଯୁଗଳରେ ଚାମ୍ପିଅନ ହୋଇ ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଛି। ଭାରତର ଏହି ଦଳର କୋଚ୍ ହେଲେ ଓଡ଼ିଆ ପୁଅ ଗୌତମ ଦାସ। କେନ୍ଦ୍ରପଡା ଜିଲ୍ଲାର ମୂଳ ନିବାସୀ ଗୌତମ ୧୫ ବର୍ଷ ହେବ ଭାରତୀୟ ଦଳ ସହ ଜଡିତ ରହିଛନ୍ତି। ସେ ନିଜେ ଜଣେ ଭଲ ସ୍କ୍ୱାସ ଖେଳାଳି ଥିଲେ।

### ● ମାଷ୍ଟର୍ସ କପ୍ ହକି

## ଫାଇନାଲରେ ଓଡ଼ିଶା ମହିଳା

ଭୁବନେଶ୍ୱର, ୨୬।୬ (ସମିସ): ହକି ଇଣ୍ଡିଆ ଆନୁକୂଲ୍ୟରେ ଚେନ୍ନଇରେ ଚାଲିଥିବା ପ୍ରଥମ ମାଷ୍ଟର୍ସ କପ୍ ହକିର ମହିଳା ବିଭାଗରେ ଓଡ଼ିଶା ଦଳ ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଓଡ଼ିଶା ଭେଟେରାନ ମହିଳା ହକି ଦଳ ୪-୧ ଗୋଲ୍‌ରେ ତାମିଲନାଡୁକୁ ପରାସ୍ତ କରିଥିଲା। ଅଧିନାୟିକା ଲୁସେଲା ଏକ୍କା ୨ଟି ଗୋଲ୍ ଦେଇଥିଲେ। ଶୁକ୍ରବାର ଫାଇନାଲରେ ଓଡ଼ିଶାର ମୁକାବିଲା ପଞ୍ଜାବ ସହ ହେବ। ଅନ୍ୟ ଏକ ସେମିରେ ପଞ୍ଜାବ ୩-୨ ଗୋଲ୍‌ରେ ହରିୟାଣାକୁ ହରାଇଥିଲା। ଅପରପକ୍ଷରେ ସେମିଫାଇନାଲରେ ପରାସ୍ତ ହୋଇଥିବା ଓଡ଼ିଶା ପୁରୁଷ ଦଳ ଶୁକ୍ରବାର କାଂସ୍ୟ ପଦକ ଲଢ଼େଇରେ ଚଣ୍ଡିଗଡ଼କୁ ଭେଟିବ।

### ୨୦୨୫-୨୬ରେ ଭାରତର ଅଷ୍ଟ୍ରେଲିଆ ଗସ୍ତ

## ସିଡ୍‌ନୀ ଦିନିକିଆ, କାନ୍‌ବେରା ଟି-୨୦ ଟିକଟ ବିକ୍ରି ଶେଷ

ମେଲବୋର୍ଣ୍ଣ,୨୬।୬ (ଏଜେନ୍ସି): ଅଷ୍ଟ୍ରେଲିଆରେ ଭାରତୀୟ କ୍ରିକେଟ ଦଳର ଲୋକପ୍ରିୟତା କେତେ ତାହାର ଆଗୁଆ ଟିକଟ ବିକ୍ରିରୁ ଆଉଥରେ ପ୍ରମାଣିତ ହୋଇଛି। ଭାରତର ସୀମିତ ଓଭର ଟୁର୍ ଆରମ୍ଭ ହେବାକୁ ଆଉ ୪ ମାସ ବାକି ରହିଛି। କିନ୍ତୁ ଏବେଠାରୁ ସିଡ୍‌ନୀରେ ଖେଳାଯିବାକୁ ଥିବା ଦିନିକିଆ ଓ କାନବେରାରେ ଖେଳାଯିବାକୁ ଥିବା ଭାରତ-ଅଷ୍ଟ୍ରେଲିଆ ଟି-୨୦ ମ୍ୟାଚ୍‌ର ସମ୍ପୂର୍ଣ୍ଣ ଟିକଟ ବିକ୍ରି ହୋଇଯାଇଛି। ଏହି ଟୁର୍‌ରେ ଭାରତ ୩ଟି ଦିନିକିଆ ଓ ୫ଟି ଟି-୨୦ ମ୍ୟାଚ୍ ଖେଳିବ। ପର୍ଥରେ ଅକ୍ଟୋବର ୧୯ରୁ ପ୍ରଥମ ଦିନିକିଆ ସହ ଏହି ସିରିଜ୍ ଆରମ୍ଭ ହୋଇ ବ୍ରିସ୍‌ବେନ୍‌ରେ ନଭେମ୍ବର ୮ରେ ଖେଳାଯିବାକୁ ଥିବା ୫ମ ତଥା ଶେଷ ଟି-୨୦ରେ ଟୁର୍ ଶେଷ ହେବ। ଏହି ଦୁଇଟି ମ୍ୟାଚ୍ ବ୍ୟତୀତ ପ୍ରାୟ ୯୦,୦୦୦ ଟିକଟ ବିକ୍ରି ଶେଷ ହୋଇଯାଇଛି। କ୍ରିକେଟ ଅଷ୍ଟ୍ରେଲିଆର ସୂଚନା ଅନୁଯାୟୀ ଏହି ଟିକଟର ୧୬ ଭାଗ ଭାରତୀୟ ଫ୍ୟାନ୍ କ୍ଲବ୍‌ଗୁଡିକ କିଣି ନେଇଛନ୍ତି। ଏମାନଙ୍କ ମଧ୍ୟରୁ ଭାରତ ଆର୍ମି ୨,୪୦୦, ଫ୍ୟାନ୍ସ ଇଣ୍ଡିଆ କ୍ଲବ୍ ୧,୪୦୦, ବ୍ରିସି ବଣିଆ ସଂଘର ଅମିତ ଗୋୟଲ ଗାବ୍ବା ଟି-୨୦ ଲାଗି ଏକାକୀ ୮୮୦ ଟିକଟ କିଣିଛନ୍ତି। ଏହି ସଂଘ ଅଗରୱାଲ ସମ୍ପ୍ରଦାୟରେ ସବୁଠାରୁ ବଡ଼ ସଂଗଠନ।




### ■ ଏଜ୍‌ବାଷ୍ଟନରେ ଦ୍ୱିତୀୟ ଟେଷ୍ଟ ୨ରୁ

## ୪ ବର୍ଷ ପରେ ଇଂଲଣ୍ଡ ଦଳରେ ଆର୍ଚର

ଏଜ୍‌ବାଷ୍ଟନ,୨୬।୬ (ଏଜେନ୍ସି): ଭାରତ ସହ ଚାଲିଥିବା ଟେଷ୍ଟ ସିରିଜ୍‌ର ଦ୍ୱିତୀୟ ଟେଷ୍ଟ ଏଜ୍‌ବାଷ୍ଟନରେ ଜୁଲାଇ ୨ରେ ଖେଳାଯିବ। ଏହି ଟେଷ୍ଟ ଲାଗି ଇଂଲଣ୍ଡ ଦଳରେ ଫାଷ୍ଟ ବୋଲର ଜୋଫ୍ରା ଆର୍ଚରଙ୍କୁ ସାମିଲ କରାଯାଇଛି। ଦୀର୍ଘ ୪ ବର୍ଷ ପରେ ସେ ଇଂଲଣ୍ଡ ଜାତୀୟ ଦଳକୁ ଫେରିଛନ୍ତି। ସେହିପରି ୪ ବର୍ଷ ପରେ ମଧ୍ୟ ସେ କାଉଣ୍ଟି କ୍ରିକେଟ ଖେଳିଥିଲେ। ହେଡିଂଲେରେ ଖେଳାଯାଇଥିବା ପ୍ରଥମ ଟେଷ୍ଟକୁ ଇଂଲଣ୍ଡ ୫ ୱିକେଟରେ ଜିତିଥିଲା। ଏହା ମଧ୍ୟରେ ଭାରତୀୟ ଦଳରେ ଅଧିକ ଖେଳାଳି ରହିଥିବା ହର୍ଷିତ ରାଣାଙ୍କୁ ସ୍ୱଦେଶ ପଠାଇ ଦିଆଯାଇଛି।



ଘୋଷିତ ଦଳ: ଜ୍ୟାକ୍ କ୍ରାଲୀ, ବେନ୍ ଡକେଟ୍, ଓଲି ପୋପ୍, ଜୋ ରୁଟ୍, ହ୍ୟାରୀ ବ୍ରୁକ୍, ବେନ୍ ଷ୍ଟୋକ୍ସ (ଅଧିନାୟକ), ଜେମି ସ୍ମିଥ୍ (ୱିକେଟରକ୍ଷକ), ଜ୍ୟାକବ ବେଥେଲ, ସାମ କୁକ୍, ଜେମି ଓଭରଟନ, କ୍ରିସ୍ ଓକ୍ସ, ବ୍ରାଇଡନ କାର୍ସ, ଜୋଫ୍ରା ଆର୍ଚର, ଜୋଶ ଟଙ୍ଗ୍ ଓ ସୋଏବ ବସିର।

## ଢେଙ୍କାନାଳରେ ରାଜ୍ୟ ୧୧ ବର୍ଷରୁ କମ୍ ଚେସ୍

ଭୁବନେଶ୍ୱର,୨୬।୬ (ସମିସ): ଅଲ୍ ଓଡ଼ିଶା ଓ ଢେଙ୍କାନାଳ ଜିଲ୍ଲା ଚେସ ସଂଘ ଆନୁକୂଲ୍ୟରେ ରାଜ୍ୟ ୧୧ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତା ଢେଙ୍କାନାଳ ଟାଉନ୍ ହଲ୍‌ଠାରେ ଜୁଲାଇ ୧୦ରୁ ୧୩ ତାରିଖଯାଏ ଅନୁଷ୍ଠିତ ହେବ। ଉଭୟ ଓପନ ଓ ବାଳିକା ବର୍ଗରେ ୮ ରାଉଣ୍ଡ ଲେଖାଏଁ ମ୍ୟାଚ୍ ଖେଳାଯିବାକୁ ଥିଲାବେଳେ ଶ୍ରେଷ୍ଠ ୨ଜଣ ଖେଳାଳି ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ଅର୍ଜନ କରିବେ। ପ୍ରଥମ ୧୦ଟି ସ୍ଥାନ ଅଧିକାର କରିଥିବା ଖେଳାଳିମାନଙ୍କୁ ମୋଟ ୨୦,୦୦୦ ଟଙ୍କା ଓ ଟ୍ରଫି ପ୍ରଦାନ କରାଯିବ। ଏଥିରେ ଭାଗନେବାକୁ ଆଗ୍ରହୀ ଖେଳାଳିମାନେ ସନ୍ତୋଷ କୁମାର ମହାପାତ୍ର (ଫୋନ୍ ନଂ-୬୩୭୧୭-୨୨୯୩୯)ଙ୍କ ଜୁଲାଇ ୯ ତାରିଖ ସନ୍ଧ୍ୟା ୫ଟା ସୁଦ୍ଧା ଯୋଗାଯୋଗ କରିପାରିବେ ବୋଲି ଆୟୋଜକ ସଂଘର ସମ୍ପାଦକ ଦେବବ୍ରତ ଭଞ୍ଜ ଜଣାଇଛନ୍ତି।

## ଗୋଟିଏ ଦିନରେ ୧୪ ୱିକେଟ ପତନ


**ଅଷ୍ଟ୍ରେଲିଆ-ଇଣ୍ଡିଜ୍ ପ୍ରଥମ ଟେଷ୍ଟ**

ବ୍ରିଜ୍‌ଟାଉନ୍,୨୬।୬ (ଏଜେନ୍ସି): ଅଷ୍ଟ୍ରେଲିଆ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଏଠାରେ ଗତକାଲି ଆରମ୍ଭ ହୋଇଥିବା ପ୍ରଥମ ଟେଷ୍ଟର ପ୍ରଥମ ଦିନରେ ୧୪ଟି ୱିକେଟ ପତନ ଘଟିଛି। ଏହା ମଧ୍ୟରେ ଅଷ୍ଟ୍ରେଲିଆ ୧୮୦ ରନ୍‌ରେ ସମସ୍ତ ୧୦ଟି ଯାକ ଓ ଖେଳ ଶେଷବେଳକୁ ୱେଷ୍ଟଇଣ୍ଡିଜ୍ ୫୭ ରନ୍‌ରେ ୪ଟି ୱିକେଟ ହରାଇଥିଲା। ଏହି ମ୍ୟାଚ୍‌ର ଦ୍ୱିତୀୟ ଦିନ ଶେଷ ଖବର ସୁଦ୍ଧା ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସରେ ୫ ୱିକେଟ ହରାଇ ୧୧୬ ରନ୍ କରିଛି। ଦଳ ପକ୍ଷରୁ ରୋଷ୍ଟୋନ ଚେଜ୍ ୩୬ ଓ ଶାଇହୋପ୍ ୨୧ ରନ୍‌ରେ ବ୍ୟାଟିଂ କରୁଥିଲେ। ଅଷ୍ଟ୍ରେଲିଆର ମିଚେଲ ଷ୍ଟାର୍କ ଓ ଜୋଶ୍ ହାଜ୍‌ଲେଉଡ୍‌ଙ୍କୁ ୨ଟି ଲେଖାଏଁ ୱିକେଟ ମିଳିଛି।

### ନିଶାଙ୍କାଙ୍କ ଅପରାଜିତ ଶତକ

## ବାଂଲା ୨୪୭; ଶ୍ରୀଲଙ୍କା ୨୯୦/୨

କଲମ୍ବୋ,୨୬।୬ (ଏଜେନ୍ସି): ଓପନର ପାଥୁମ ନିଶାଙ୍କାଙ୍କ ଅପରାଜିତ ୧୪୬ ରନ୍ ବଳରେ ଏଠାରେ ଚାଲିଥିବା ବାଂଲାଦେଶ ସହ ଦ୍ୱିତୀୟ ଟେଷ୍ଟର ଦ୍ୱିତୀୟ ଦିନରେ ଶ୍ରୀଲଙ୍କା ଦ୍ୱିତୀୟ ଇନିଂସରେ ୨ ୱିକେଟ ହରାଇ ୨୯୦ ରନ୍ କରିଛି। ଦିନେଶ ଚାଣ୍ଡିମାଲ ୯୩ ଓ ଯୁବ ଓପନର ଲାହିରୁ ଉଦାରା ୪୦ ରନ୍ କରିଥିଲେ। ପୂର୍ବରୁ ଗୁରୁବାର ସକାଳେ ବାଂଲାଦେଶ ୨୪୭ ରନ୍‌ରେ ଅଲଆଉଟ ହୋଇଥିଲା। ଏହି ଇନିଂସରେ ଶ୍ରୀଲଙ୍କା ପକ୍ଷରୁ ଅସିଥ ଫର୍ଣ୍ଣାଣ୍ଡୋ ଓ ଡେବୁଟାଣ୍ଟ ସୋନାଲ ଦିନୁଶା ୩ଟି ଲେଖାଏଁ, ବିଶ୍ୱ ଫର୍ଣ୍ଣାଣ୍ଡୋ ୨ଟି ୱିକେଟ ପାଇଛନ୍ତି।







PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS